୬ ▶ ବିଶ୍ୱକପରୁ ବାଦ୍ ପଡ଼ିଲେ ହେଜେଲଉଡ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୧୧ ● ୭ ଫେବୃଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -33 ● Issue-11 ● 7th February 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ପ୍ରଯୁକ୍ତିବିଦ୍ୟା ସାମାଜିକ ନ୍ୟାୟ ପାଇଁ ଉପକରଣ ହେବା ଆବଶ୍ୟକ : ରାଷ୍ଟ୍ରପତି

**ଭୁବନେଶ୍ୱର, ୬/୨ ନ୍ୟୁଜ୍ ବ୍ୟୁରୋ**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଭୁବନେଶ୍ୱରଠାରେ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ ସହଯୋଗରେ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ବ୍ଲାକ ସ୍ୱାନ ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଆମେ ଏପରି ଏକ ସମୟରେ ବଞ୍ଚୁଛୁ ଯେତେବେଳେ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ଗତିରେ ବିକଶିତ ହେଉଛି। ନୂତନ ଉଦ୍ଭାବନ ଏତେ ଦ୍ରୁତ ଗତିରେ ହେଉଛି ଯେ ଆମର ବ୍ୟବସ୍ଥା, ଦକ୍ଷତା ଏବଂ ବ୍ୟବସାୟିକ ମଡେଲଗୁଡ଼ିକ ପ୍ରାୟତଃ ଏହା ସହ ତାଳ ଦେବା ପାଇଁ ସଂଘର୍ଷ କରୁଛନ୍ତି। ଏହି ସମୟରେ, ଏପରି ଦ୍ରୁତ ପ୍ରଗତିଗୁଡ଼ିକ ସାଇବର ସୁରକ୍ଷା ବିପଦ, ଡିପ୍ ଫେକ୍, ଭୁଲ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବର୍ଦ୍ଧିତ ନିର୍ଭରଶୀଳତା ସମେତ ଗମ୍ଭୀର ଆହ୍ୱାନ ମଧ୍ୟ ନେଇ ଆସୁଛି। ତଥାପି, ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ନବସୃଜନ ଏବଂ ଅଭିବୃଦ୍ଧି ଉପରେ ଏକ ବିରାଟ ସକାରାତ୍ମକ ପ୍ରଭାବ ପକାଇଥାଏ। ଏଭଳି ସ୍ଥିତିରେ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ନିଜ କ୍ଷମତାକୁ ଆହୁରି ବୃଦ୍ଧି କରିବା ଲାଗି ଦକ୍ଷତାକୁ ଉପଯୋଗ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଡିଜିଟାଲ୍ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ନିମନ୍ତେ ଅଭିନବ ପଦ୍ଧତିଗୁଡ଼ିକୁ ଅନୁସନ୍ଧାନ କରାଯାଇପାରିବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ। ସେ କହିଥିଲେ, ଗତ ଦଶନ୍ଧିରେ ଭାରତ ଆର୍ଥିକ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ବିପ୍ଳବ ଦେଖିବାକୁ ମିଳିଛି। ବ୍ୟାଙ୍କ ଆକାଉଣ୍ଟରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏବଂ ଡିଜିଟାଲ ଅର୍ଥ ନେଣଦେଣ ଚାଷୀ, ଛୋଟ ଦୋକାନୀ ଏବଂ ମହିଳାମାନଙ୍କ ପାଇଁ ବହୁତ ସାଧାରଣ ହୋଇଯାଇଛି। ସେମାନଙ୍କ ପାଇଁ 'ଫିନଟେକ୍' ଏକ ବୈଷୟିକ ଶବ୍ଦ ନୁହେଁ, (ପୃଷ୍ଠା ୭ରେ)

## ଅଣ୍ଡର –୧୯ ବିଶ୍ୱକପ୍
# ଇଂଲଣ୍ଡକୁ ହରାଇ ଭାରତ ଚାମ୍ପିଅନ

**ହରାରେ, ୬/୨ ନ୍ୟୁଜ୍ ବ୍ୟୁରୋ**




**ନ୍ୟୁଜ୍ ବ୍ୟୁରୋ** ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ଫାଇନାଲରେ ଇଂଲଣ୍ଡକୁ ପରାସ୍ତ କରି ଭାରତ ଷଷ୍ଠ ଥର ପାଇଁ ବିଶ୍ୱ ବିଜେତା ହୋଇଛି। ଇଂଲଣ୍ଡକୁ ଭାରତ ୧୦୦ ରନ୍‌ରେ ପରାସ୍ତ କରିଛି। ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଇଂଲଣ୍ଡ ୪୦.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୩୧୧ ରନ୍ ସଂଗ୍ରହ କରିଛି। ଭାରତର ବିଜୟରେ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ନାୟକ ହୋଇଛନ୍ତି। ସେ ୮୦ଟି ବଲ୍ ଖେଳି ୧୭୫ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୧୫ଟି ଚୌକା ଓ ୧୫ଟି ଛକା ସାମିଲ କରିଥିଲେ। ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ଟି ୱିକେଟ୍ ହରାଇ ୪୧୧ ରନ୍ ସଂଗ୍ରହ କରିଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ଶତକୀୟ ବିସ୍ଫୋରଣ ସହିତ ଭାରତୀୟ ଯୁବ ଦଳ ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରି ଷଷ୍ଠ ଥର ପାଇଁ ୧୯ (ପୃଷ୍ଠା ୭ରେ)

# ୧୯ରୁ ମାଟ୍ରିକ୍ ପରୀକ୍ଷା

**କଟକ, ୬/୨, ନ୍ୟୁଜ୍ ବ୍ୟୁରୋ**

ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ୫ ଲକ୍ଷ ୪୬ ହଜାର ୫୮୨ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଅନ୍‌ଲାଇନ୍ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରି ପରୀକ୍ଷାର୍ଥୀଙ୍କୁ ଦେଇପାରିବେ। ଆଡମିଟ୍ କାର୍ଡରେ ତ୍ରୁଟି ଥିଲେ ପ୍ରଧାନଶିକ୍ଷକ ବୋର୍ଡକୁ ଅବଗତ କରାଇ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ମହାରାଷ୍ଟ୍ରର ଗଡଚିରୋଲିରେ ପୋଲିସ ଏନକାଉଣ୍ଟରରେ ୩ ନକ୍ସଲ ନିହତ, ଜଣେ ଯବାନ ସହିଦ
- ମେଘାଳୟରେ ବେଆଇନ କୋଇଲା ଖଣିରେ ଦୁର୍ଘଟଣା, ୧୮ ଜଣ ଶ୍ରମିକ ମୃତ
- କଟକ ଜିଲ୍ଲା ନ୍ୟାୟାଧୀଶ ଅଦାଲତକୁ ବିସ୍ଫୋରଣ ଧମକ ଚିଠି, ସୁରକ୍ଷା କଡ଼ାକଡ଼ି
- ସିମିଳିପାଳ ଭ୍ରମଣ ସମାପ୍ତ କରି ରାଷ୍ଟ୍ରପତି ଫେରିଲେ ଭୁବନେଶ୍ୱର
- କଟକ ଓ ବ୍ରହ୍ମପୁର ନାମର ବନାନ ଶୁଦ୍ଧ ଲେଖନ ପାଇଁ ଦାବି ବଢ଼ିଲା
- ସୁନା ଓ ରୂପା ଦରରେ ପତନ
- ବରଗଡ଼ ଗୋଷ୍ଠୀ ସଂଘର୍ଷରେ ଜଣେ ମୃତ, ଦୁଇଜଣ ଗୁରୁତର
- ସିମିଳିପାଳରେ ଆଦିବାସୀ ମହିଳା ଓ ଯୁବକଙ୍କ ସହ ରାଷ୍ଟ୍ରପତିଙ୍କ ସାକ୍ଷାତକାର
- ଜାତୀୟ ନୌକା ଦୌଡ଼ ପ୍ରତିଯୋଗିତାରେ ଓଡ଼ିଶା ପଦକ ଜିତିଲା
- ଶକ୍ତି ଅର୍ଥ ସଂସ୍ଥାଗୁଡ଼ିକର ଏକତ୍ରୀକରଣ ସମାପ୍ତ
- ରାଜଧାନୀରେ ଆନ୍ତର୍ଜାତୀୟ କଳା ମେଳା ଆରମ୍ଭ

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୩୭୧ (-୭୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୯୦ (-୬୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୨୮ (-୫୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୦ (-୨୦)

## ଏକାଳ ପଖାଳ




ଟି ଟ୍ୱେଣ୍ଟି ବିଶ୍ୱକପ ଆଜଠୁ
ଜମିଯିବ ପୁରା ଖେଳ
ୟୁଏସଏ ଭାରତ ମ୍ୟାଚ ପାଇଁ କି
ଦର୍ଶକେ ଗଡାନ୍ତି ନାଳ
ତିନିଶ ହେବାର ବେଳ
ଜିତିକି ଭାରତ ସବୁ ଟିମ୍‌ଙ୍କର ଉପାଡିବ
ଉପାଡିବ ଚେରମୂଳ

# ପରୀକ୍ଷା ଜୀବନର ଅନ୍ତିମ ଲକ୍ଷ୍ୟ ନୁହେଁ, ସର୍ବାଙ୍ଗୀନ ବିକାଶ ଜରୁରୀ

**ନୂଆଦିଲ୍ଲୀ, ୬/୨,**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର 'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସହ ଚର୍ଚ୍ଚା କରି କହିଛନ୍ତି ଯେ, ପରୀକ୍ଷା କେବେ ବି ଜୀବନର ଶେଷ ଲକ୍ଷ୍ୟ ହୋଇପାରେ ନାହିଁ। ଶିକ୍ଷା ହେଉଛି ଜୀବନ ଗଢ଼ିବାର ଏକ ମାଧ୍ୟମ ଏବଂ ଏହାର ଲକ୍ଷ୍ୟ ସର୍ବାଙ୍ଗୀନ ବିକାଶ ହେବା ଉଚିତ। ସେ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଗତକାଲିର ଚିନ୍ତାକୁ ଛାଡ଼ି ଅବଶିଷ୍ଟ ସମୟର ସଦ ବ୍ୟବହାର ଉପରେ ଧ୍ୟାନ ଦିଅନ୍ତୁ ଏବଂ ଚାପମୁକ୍ତ ରହି ଶିକ୍ଷା ଅନୁଭୂତିକୁ ଉପଭୋଗ କରନ୍ତୁ।

ମଣିପୁରର ଜଣେ ଛାତ୍ରୀଙ୍କ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯାହା ପଳାଇ ଯାଇଛି ତାହାର ହିସାବ କରି ସମୟ ନଷ୍ଟ କରିବା ଉଚିତ ନୁହେଁ। ସେ ନିଜ ଜୀବନର ଉଦାହରଣ ଦେଇ କହିଛନ୍ତି ଯେ, ୧୭ ସେପ୍ଟେମ୍ବରରେ ତାଙ୍କ ଜନ୍ମଦିନରେ ଜଣେ ନେତା ଫୋନ୍ କରି କହିଥିଲେ– ଆପଣ ଏବେ ୭୫ ବର୍ଷର ହେଲେ, ତାହାର ଉତ୍ତରରେ ମୁଁ କହିଲି ଏଯାଏଁ ୨୫ ବର୍ଷ ବାକି ଅଛି। ସେ କହିଛନ୍ତି ଯେ, ଯାହା ଗତ ହୋଇଛି ମୁଁ ତାହାକୁ ଗଣନା କରେନି, ଯାହା ବାକି ଅଛି ତାହାକୁ ଗଣନା କରେ। ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଦୃଷ୍ଟିକୋଣ ଗ୍ରହଣ କରନ୍ତୁ ବୋଲି ସେ ଆହ୍ୱାନ ଦେଇ କହିଛନ୍ତି ଯେ, ଗତକାଲିର ହିସାବରେ ସମୟ ନଷ୍ଟ କରନ୍ତୁ ନାହିଁ, ଆସନ୍ତା ସମୟକୁ କିପରି ଭଲଭାବେ ବଞ୍ଚିବେ ସେଥିପାଇଁ ଭାବନ୍ତୁ। (ପୃଷ୍ଠା ୭ରେ)

# ୨୨ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ୬/୨, ନ୍ୟୁଜ୍ ବ୍ୟୁରୋ**



ଐତିହାସିକ ଧଉଳିର ପାଦଦେଶରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀଏବଂ ଆର୍ଟ ଭିଜନ୍ ମିଳିତ ସହଯୋଗରେ ଆୟୋଜିତ ୨୨ତମ ଧଉଳି କଳିଙ୍ଗ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଧଉଳି ଶାନ୍ତିସ୍ତୁପର ପାଦଦେଶରେ ଉଦଘାଟିତ ହୋଇଯାଇଛି । ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ବିଜେପିର ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, କଳିଙ୍ଗ ହସ୍ପିଟଲର ଅଧକ୍ଷ ସୀତାକାନ୍ତ ଦାସ, ବିଶିଷ୍ଟ ସଙ୍ଗିତଜ୍ଞ ତଥା ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ (ପ୍ରଫେସର) ରାମହରି ଦାସ, ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ;ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା, ଧଉଳିର ସରପଞ୍ଚ ଚନ୍ଦନ ମଲ୍ଲିକ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସମ୍ପାଦିକା ଗୁରୁ (ଡକ୍ଟର) ଅରୁଣା ମହାନ୍ତି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ଡକ୍ଟର ଶ୍ରୀନିବାସ ଘଟୁଆରୀ ଏବଂ ଡକ୍ଟର ନାଜିଆ ଆଲାମ । ପ୍ରତିବର୍ଷ ପରି ଏ ବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ପ୍ରଦତ୍ତ ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ ୨୦୨୬ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ସିକତା ଦାସ, ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଏବଂ ସାଂସ୍କୃତିକ ପୁନରୁଦ୍ଧାରବାଦୀ ମନ୍ମଥ କୁମାର ଶତପଥୀ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ କେଶବ ଚନ୍ଦ୍ର ରାଉତ ଏବଂ ବିଶିଷ୍ଟ ନୃତ୍ୟ ଗବେଷକ ଡକ୍ଟର ଚିତ୍ତ ରଞ୍ଜନ ମଲ୍ଲିଆଙ୍କୁ ପ୍ରଦାନ କରାଯାଇଥିଲା ।

ଉଦଘାଟନୀ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଓଡ଼ିଶୀ ନୃତ୍ୟାଙ୍ଗନା ଏବଂ କୋଲକାତା ମୟୂର ଲଳିତ ଡ୍ୟାନ୍ସ ଏକାଡେମୀର ନିର୍ଦ୍ଦେଶକ ଏବଂ ସ୍ୱର୍ଗତ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ବରିଷ୍ଠ ଶିଷ୍ୟା ଦେବମିତ୍ରା ସେନଗୁପ୍ତଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ନାଟିକା ସ୍ନେହମୟୀ ଗଙ୍ଗା। ବାଲ୍ମୀକି ରାମାୟଣ ଏବଂ ବ୍ରହ୍ମ ପୁରାଣରେ ବର୍ଣ୍ଣିତ (ପୃଷ୍ଠା ୭ରେ)

# ବିରୋଧୀଙ୍କ ହଟ୍ଟଗୋଳ: ଦିନକ ପାଇଁ ଲୋକସଭା ମୁଲତବୀ



**ନୂଆଦିଲ୍ଲୀ, ୬/୨**

ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ପରେ ଲୋକସଭାକୁ ଶୁକ୍ରବାର ଦିନକ ପାଇଁ ମୁଲତବୀ ରଖାଯାଇଛି। ଶୁକ୍ରବାର ଦ୍ୱିତୀୟ ଦିନ ଥିଲା ଯେତେବେଳେ ଫେବୃଆରୀ ୧ରେ ଉପସ୍ଥାପିତ କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ହୋଇପାରି ନ ଥିଲା। ପୂର୍ବ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ପୁନର୍ବାର ଚାଲିବା ପରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସେମାନଙ୍କର ବିରୋଧ ଜାରି ରଖିଥିଲେ।

ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ବିରୋଧୀଙ୍କୁ ସେମାନଙ୍କ ଆସନରେ ବସିବାକୁ ଓ ପ୍ଲାକାର୍ଡ ତଳକୁ କରିବାକୁ ଅନୁରୋଧ କରିଥିଲେ। ବିରୋଧୀ ସଦସ୍ୟମାନେ ଏହାକୁ ଗ୍ରହଣ କରିବାକୁ ମନା କରିବାରୁ ସେ ଗୃହକୁ (ପୃଷ୍ଠା ୭ରେ)

## ମାଓବାଦ ବିରୋଧୀ ଅଭିଯାନରେ ଓଡ଼ିଶା ପୋଲିସର ବଡ଼ ସଫଳତା
# ରାୟଗଡ଼ା ଓ କନ୍ଧମାଳରେ ୧୯ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ

**ରାୟଗଡ଼ା, ୬/୨, ନ୍ୟୁଜ୍ ବ୍ୟୁରୋ**



ରାୟଗଡ଼ା ଓ କନ୍ଧମାଳ ଜିଲ୍ଲା ପୋଲିସ ସମ୍ମୁଖରେ ୧୯ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ରାୟଗଡ଼ା ଜିଲ୍ଲାରେ ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏନ୍) ଡିଭିଜନର ମୋଟ ୧୫ଜଣ ମାଓ କ୍ୟାଡର ଆତ୍ମସମର୍ପଣ କରିଛନ୍ତି। ସେଥି ମଧ୍ୟରେ ୨ ଜଣ ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ୍ ନିରଞ୍ଜନ ରାଉତ (ଜଗତସିଂହପୁର) ଓ ଅଙ୍କିତା ଓରଫ୍ ରଶ୍ମୀତା ଲେଙ୍କା (ଟାଙ୍ଗୀ, କଟକ) ଆତ୍ମସମର୍ପଣ କରିଛନ୍ତି । ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷିତ ଥିଲା।

ଏହା ସହିତ ବିଜିଏନ୍ ଡିଭିଜନର ଆଉ ୧୩ ଜଣ କ୍ୟାଡର ମଧ୍ୟ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ଠାରୁ ମୋଟ ୧୪ଟି ଅତ୍ୟାଧୁନିକ ବନ୍ଧୁକ ଜବତ କରାଯାଇଛି। ଏକେ-୪୭ – ୨ଟି, ଏସଏଲଆର – ୫ଟି, ଷ୍ଟେନ୍– ୧ଟି, ଇନସାସ୍ – ୧ଟି,.୩୦୩ ରାଇଫଲ – ୧ଟି ଏବଂ ସିଙ୍ଗଲ ସଟ୍ ଗନ୍ – ୪ଟି ଜବତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ନିଖିଲ ଓରଫ୍ ନିରଞ୍ଜନ ରାଉତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା–ଗଜପତି–କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ। କନ୍ଧମାଳ ଜିଲ୍ଲା ସେହିପରି କନ୍ଧମାଳ ଜିଲ୍ଲା ପୋଲିସ ସମ୍ମୁଖରେ କଳାହାଣ୍ଡି- କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନର ପାର୍ଟି ମେମ୍ବର ପଦରେ ଅବସ୍ଥାପିତ ଥିବା ୪ ଜଣ ମାଓ କ୍ୟାଡର ହିଂସାର ପଥ ତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
### ହିଂସା ଛାଡ଼, ବିକାଶରେ ସହଯୋଗୀ ହୁଅ

**ଭୁବନେଶ୍ୱର, ୬/୨, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ମାଓମୁକ୍ତ କରିବା ପାଇଁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଥିବା ମାଓବାଦୀମାନଙ୍କ ପାଇଁ ଆମର ପୁନର୍ବାସ ଓ ଥଇଥାନ ନୀତି' ଅଧୀନରେ ବିଭିନ୍ନ ସରକାରୀ ସୁବିଧା ଓ ସମ୍ମାନଜନକ ଜୀବନ ନିଶ୍ଚିତ କରାଯାଉଛି। ହିଂସା କେବେ ବି ସମାଧାନର ପଥ ନୁହେଁ, କେବଳ ଶାନ୍ତି ଏବଂ ପ୍ରଗତି ହିଁ ଆମ ରାଜ୍ୟର ଭବିଷ୍ୟତ। ତେଣୁ ସମସ୍ତ ସକ୍ରିୟ କ୍ୟାଡରମାନଙ୍କୁ ହିଂସା ଛାଡ଼ି ବିକାଶର ସହଯୋଗୀ ହେବାକୁ ଆହ୍ୱାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ପୋଷ୍ଟରେ (ପୃଷ୍ଠା ୭ରେ)

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଅବଧି ୩୧ ମାର୍ଚ୍ଚ ଯାଏଁ ବୃଦ୍ଧି

**ଭୁବନେଶ୍ୱର, ୬/୨, ନ୍ୟୁଜ୍ ବ୍ୟୁରୋ**

ଚିଟଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ପାଇଁ ଖୁସି ଖବର । ଟଙ୍କା ଫେରସ୍ତ ଅବଧିକୁ ୩୧ ମାର୍ଚ୍ଚ ଯାଏଁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ପୂର୍ବରୁ ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା । ତେବେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ କେତେକ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରି ପାଇନାହାନ୍ତି । ତେଣୁ ଅବଶିଷ୍ଟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସମସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେଇପାରିବେ । ତେବେ ତଦନ୍ତ କମିଶନ ସୁପାରିସ କରିଥିବା ଓ ଫେରସ୍ତ ପାଇ ନଥିବା ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଆବେଦନ କରିପାରିବେ ।

# ବିଶ୍ୱର କ୍ଷମତା କେନ୍ଦ୍ର ଭାରତ ଚୀନ୍ ହାତକୁ ଯାଉଛି






**ନୂଆଦିଲ୍ଲୀ, ୬/୨**

ଭାରତ ଓ ଚୀନର ଅର୍ଥନୀତି ଏବେ ଘୋଡ଼ା ଭଳି ଆଗକୁ ଦୌଡୁଛି– ଆମେରିକା ପଛରେ ପଡ଼ିଯାଇଛି। ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଯେତିକି ବଢୁଛି, ତାକୁ ଦେଖିଲେ ଭାରତ ଓ ଚୀନର ଅବଦାନ ଅଧା ବୋଲି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ତଥ୍ୟକୁ ଆଧାର କରି ସଙ୍କେତ ଦେଇଛନ୍ତି ଆମେରିକାରେ ରହୁଥିବା ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଇଲନ୍ ମସ୍କ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ନିର୍ବାଚନ ବେଳେ ଭଲ ସଂପର୍କ ଓ ପରେ ବିଗିଡ଼ାଯାଇଥିବା ସଂପର୍କକୁ ଦେଖିଲେ, ଟ୍ରମ୍ପଙ୍କୁ ଲକ୍ଷ୍ୟ କରି ମସ୍କ ଏଭଳି ସଙ୍କେତ ଦେଇଥିବା ମନେ ହେଉଛି। ମସ୍କଙ୍କ ୪ ଶବ୍ଦ ବିଶିଷ୍ଟ ଏହି ପୋଷ୍ଟ ଚର୍ଚ୍ଚାର ଖୋରାକ ଯୋଗାଇଛି। ନିଜର ପୋଷ୍ଟ ଜରିଆରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ତଥ୍ୟକୁ ସେୟାର କରି ମସ୍କ ଲେଖିଛନ୍ତି– `The balance of power is changing.' ଅର୍ଥାତ୍ ଭାରତ ଓ ଚୀନ ଆଗକୁ ବିଶ୍ୱର କ୍ଷମତା କେନ୍ଦ୍ର ହେବାକୁ ଯାଉଛନ୍ତି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ତଥ୍ୟ ଅନୁସାରେ ୨୦୨୬ରେ 'ବିଶ୍ୱର ବାସ୍ତବ ଜିଡିପି ଅଭିବୃଦ୍ଧିରେ ସର୍ବୋଚ୍ଚ ଅବଦାନ ରଖିଥିବା ୧୦ ଦେଶ' ତାଲିକାରେ ଭାରତ ଆମେରିକାକୁ ପଛରେ ପକାଇ ଦେଇଛି। ବିଶ୍ୱର ଜିଡିପି ଅଭିବୃଦ୍ଧିରେ ଭାରତର ଅବଦାନ ବା ଅଂଶ ୧୭% ରହିଥିବାବେଳେ, ଆମେରିକାର ଅଂଶ ମାତ୍ର ୯.୯% ରହିଛି। ଚୀନ ସବୁଠାରୁ ଆଗରେ ରହିଛି। ଚୀନର ଅବଦାନ ରହିଛି ୨୬.୬%। ଏଥିରୁ ଜଣାପଡୁଛି ବିଶ୍ୱର ଜିଡିପି ଅଭିବୃଦ୍ଧିରେ ଏସିଆର ଏହି ଦୁଇ ଶକ୍ତି– ଭାରତ ଓ ଚୀନ ୪୩.୬% ଅଭିବୃଦ୍ଧି ଆଣୁଛନ୍ତି। ଅର୍ଥାତ୍ ସେମାନଙ୍କର ଅବଦାନ ପ୍ରାୟ ଅଧା ରହିଛି। ବିଶ୍ୱ ଅଭିବୃଦ୍ଧିରେ ଜର୍ମାନୀର ଅଂଶ ମାତ୍ର ୦.୯% ରହିଛି। ଭାରତ ଓ ଚୀନ ରପ୍ତାନୀ ଉପରେ ଅଧିକ ନିର୍ଭର କରିବା ଅପେକ୍ଷା ନିଜ ଦେଶର ବଜାର ଉପରେ ଅଧିକ ନିର୍ଭର କରୁଛନ୍ତି। ସେଥିପାଇଁ ସେମାନେ ଅଧିକ ବାହ୍ୟ ଚାପର ବଶବର୍ତ୍ତୀ ହେଉନଥିବା ଦେଖାଯାଉଛି। ସେମାନେ ଅଧିକ ଅଭିବୃଦ୍ଧି ହାସଲ କରିପାରୁଛନ୍ତି।

# ଆତ୍ମଘାତୀ ବିସ୍ଫୋରଣରେ ୩୧ ମୃତ

**ଇସଲାମାବାଦର, ୬/୨, ନ୍ୟୁଜ୍ ବ୍ୟୁରୋ**



ଇସଲାମାବାଦର ଶେଜାଦ ସହର ଅଞ୍ଚଳରେ ଥିବା ଏକ ମସଜିଦରେ ନମାଜ ପାଠ ଚାଲିଥିବା ବେଳେ ମୁଖ୍ୟ ଦ୍ୱାର ନିକଟରେ ପ୍ରଚଣ୍ଡ ବିସ୍ଫୋରଣ ଘଟିବା ଫଳରେ ୩୧ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୫୦ ରୁ ଅଧିକ ଗୁରୁତର ଆହତ ହୋଇଥିବାର ସୂଚନା ମିଳିଛି ।

ଏକ ରିପୋର୍ଟ ଅନୁଯାୟୀ, ମସଜିଦର ମୁଖ୍ୟ ଦ୍ୱାର ନିକଟରେ ଆକ୍ରମଣକାରୀଙ୍କୁ ଅଟକାଇଥିଲେ ସୁରକ୍ଷା କର୍ମଚାରୀ। ସେମାନେ ତାଙ୍କୁ ନମାଜ ପାଠ ଚାଲିଥିବା ମୁଖ୍ୟ ହଲ୍‌କୁ ଛାଡ଼ିବାକୁ ଅନୁମତି ଦେଇ ନଥିଲେ। ଆଉ ଏହା ପରେ ହୋଇଥିଲା ଆତ୍ମଘାତୀ ବିସ୍ଫୋରଣ। ଆକ୍ରମଣକାରୀ ନିଜକୁ ଉଡ଼ାଇ ଦେଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମସଜିଦ କ୍ଷତିଗ୍ରସ୍ତ ହେବା ସହିତ ଆଖପାଖରେ ଥିବା ଘର ଓ କୋଠାଗୁଡ଼ିକ ମଧ୍ୟ ଦୋହଲି ଯାଇଥିଲା। ଆଖପାଖ ଘରର କାଚ ଝରକା ଭାଙ୍ଗି ଯାଇଥିଲା। ଅନେକ ମୃତକଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଇସଲାମାବାଦରେ ଜରୁରୀ ପରିସ୍ଥିତି ଜାରି ହୋଇଛି। ଘଟଣାସ୍ଥଳରେ ପୁଲିସ ସହିତ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୭ ଫେବୃୟାରୀ, ୨୦୨୬ ଶନିବାର





# କେ.ଭି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଅଭ୍ୟୁଦୟ' : ବିଦାୟ ସହ ଉତ୍ସବମୟ ଫନ୍ ଫେଷ୍ଟ

**କଣ୍ଟାବାଞ୍ଜି,ନ୍ୟୁଜ ବ୍ୟୁରୋ**

କେ.ଭି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣ୍ଟାବାଞ୍ଜି ପକ୍ଷରୁ +୨ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟ ଜଣାଇବା ଉଦ୍ଦେଶ୍ୟରେ "ଅଭ୍ୟୁଦୟ" ନାମକ ବିଦାୟ ସହ ଫନ୍ ଫେଷ୍ଟ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡମ୍ବର ଓ ସଫଳତାର ସହିତ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମଟି ଛାତ୍ରଜୀବନର ଏକ ସ୍ମରଣୀୟ ଅନୁଭୂତି ଭାବେ ସମସ୍ତଙ୍କ ମନରେ ଅମିଟ ଛାପ ଛାଡ଼ିଦେଇଥିଲା। ପ୍ରଧାନଶିକ୍ଷକ ଡ଼. ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜିର ମାନନୀୟ ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ପୌର ଅଧ୍ୟକ୍ଷ ଶ୍ରୀ ବରୀୟାମସିଂହ ସାଲୁଜା, ମହିଳା ଡିଗ୍ରୀ କଲେଜ କଣ୍ଟାବାଞ୍ଜିର ଅଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର ପୁରୋହିତ, ଖରିଆର ସ୍ୱାୟତ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ ପଣ୍ଡା ଓ କଣ୍ଟାବାଞ୍ଜି ବାର ଆସୋସିଏସନର ସଭାପତି ଶ୍ରୀ ପ୍ରଫୁଲ୍ଲ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ପୂର୍ବତନ ଦେହାନ୍ତ ହୋଇଥିବା ପରିଚାଳନା କମିଟି ସଦସ୍ୟ ଓ କର୍ମଚାରୀମାନଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା, ଯାହା ସଭାକୁ ଗମ୍ଭୀର ଓ ଭାବପୂର୍ଣ୍ଣ ପରିବେଶ ପ୍ରଦାନ କରିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମର ସଫଳ ଆୟୋଜନରେ +୨ ଇନ୍ ଚାର୍ଜ ଶ୍ରୀ ରାଜେଶ କୁମାର ମହାନ୍ତିଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ତାଙ୍କର ସୁଦୃଢ଼ ନେତୃତ୍ୱ, ସଠିକ୍ ପରିକଳ୍ପନା ଓ ଅକ୍ଲାନ୍ତ ପରିଶ୍ରମ ଫଳରେ କାର୍ଯ୍ୟକ୍ରମଟି ଏକ ବିଶେଷ ସଫଳତା ଲାଭ କରିଥିଲା। କାର୍ଯ୍ୟକ୍ରମର ଆକର୍ଷଣ ବଢ଼ାଇବାକୁ ମୁମ୍ବାଇର ଟିକେ ମ୍ୟୁଜିକଲ ଦଳକୁ ଆମନ୍ତ୍ରଣ କରାଯାଇଥିଲା, ଯେଉଁମାନଙ୍କ ସଙ୍ଗୀତାନୁଷ୍ଠାନ ସମଗ୍ର ପରିବେଶକୁ ଉତ୍ସବମୟ କରିଦେଇଥିଲା। ଏହାସହ +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଗୀତ, ନୃତ୍ୟ ଓ ଆଙ୍କରିଂ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ଏହି ଅବସରରେ ସମସ୍ତ ଗଣ୍ୟମାନ୍ୟ ଅତିଥି, ସ୍ଥାନୀୟ ଗଣ ମାଧ୍ୟମ ପ୍ରତିନିଧି, କଲେଜର ପୂର୍ବତନ ଛାତ୍ରଛାତ୍ରୀ ଓ ପୂର୍ବତନ ପ୍ରଧାନଶିକ୍ଷକମାନଙ୍କୁ ଉପଢୌକନ, ସ୍ମୃତିଚିହ୍ନ ଓ ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତାରେ ବିଦ୍ୟାଳୟର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

# କଟକ ସଦର ବିଜେପି ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

**କଟକ, ନ୍ୟୁଜ ବ୍ୟୁରୋ**

ଡବଲ୍ ଇଞ୍ଜିନ ସରକାରର ବିକାଶମୁଖି କାର୍ଯ୍ୟଧାରାକୁ ଆଗେଇ ନେବା ପାଇଁ କଟକ ସଦର ବିଜେପି ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଶନନଗର ମଣ୍ଡଳ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଶତାଧିକ ବିଜେଡି କଂଗ୍ରେସ କର୍ମୀଙ୍କୁ ବିଜେପି ଦଳରେ ସାମିଲ କରାଇଥିଲେ । ସୂଚନାଯୋଗ୍ୟ ଯେ, କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତର ନମାଜ ପଡିଆରେ କିଶନନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ସଭାପତିତ୍ୱରେ କଟକ ସଦର ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ପ୍ରହରାଜପୁର ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଏବଂ ତାଙ୍କର ଶତାଧିକ ସମର୍ଥିତ କର୍ମୀଙ୍କୁ ଓତରି, ପୁଷ୍ପ ଗୁଚ୍ଛ ଦେଇ ବିଜେପି ଦଳରେ ସାମିଲ କରି ଡବଲ ଇଞ୍ଜିନ ସରକାରର ବିକାଶରେ ସମସ୍ତେ ସାମିଲ ହୋଇ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରହରାଜପୁର ପଞ୍ଚାୟତର ବିଭିନ୍ନ ଜନ ହିତକାରୀ ପ୍ରକଳ୍ପକୁ କଟକ ସଦର ବିଧାୟକ ଉଦଘାଟନ କରିଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**



ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ତଥା ସାମାଜିକ ଓ ଆଇନଗତ ସଚେତନତା ନିମନ୍ତେ ଭଣ୍ଡାରୀପୋଖରୀ ଉଚ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିଥିଲେ। ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ସେ ଗଭୀର ଆଲୋଚନା କରିଥିଲେ, ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ ଏବଂ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବର ରେ ଅଭିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଂଚ ନିମନ୍ତ୍ରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା କରିଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ସଚେତନ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ବହ୍ନିଶିଖା ବିଶ୍ୱାଳ ପିଲାମାନଙ୍କ ନିମିତ୍ତ ବାଲ୍ୟବିବାହକୁ ମନା ଏବଂ ବିଦ୍ୟାଳୟକୁ ହଁ ପରି ସୁନ୍ଦର କବିତା ଆବୃତି କରିଥିଲେ। ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଗଣ ଉପସ୍ଥିତ ରହିଥିଲେ ଏବଂ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ସମ୍ପର୍କିତ ଏକ ସୁନ୍ଦର ନାଟକରେ ଅଭିନୟ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ।

# ୧୪ ବର୍ଷରୁ କମ୍‌ବାଳକ / ବାଳିକା ଚୟନ ପ୍ରତିଯୋଗୀତା




**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ସିଏମ୍‌ଟ୍ରଫି ୧୪ ବର୍ଷରୁ ବାଳକ/ ବାଳିକା ପ୍ରତିଯୋଗୀତାର ଚୟନ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଳକ ଓ ପୌରାଞ୍ଚଳର କ୍ରୀଡାବିତ୍‌ମାନେ ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱଭାଗ ନେଇଥିଲେ। ୧୦ଟି ଦଳ ବାଳକ ଓ ୬ଟି ଦଳ ବାଳିକା ବିଭାଗର ଖେଳାଳୀମାନେ ଜିଲ୍ଲା ପ୍ରତିଯୋଗୀତାରେ ଭାଗ ନେବେ ବୋଲି କ୍ରୀଡା ସଂସଦର ସାଧାରଣ ସମ୍ପାଦକ ସୟଦ୍ ଅକମଲ୍ ଅଲ୍ଲୀ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଦେବେନ୍ଦ୍ର କୁମାରସାହୁ, ଅବସରପ୍ରାପ୍ତ ଶାରିରୀକ ଶିକ୍ଷକମୁଖ୍ୟ ଅତିଥି ଓ କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ଜ୍ୟୋର୍ତିମୟୀ ଦାସ, ଚନ୍ଦନ ମହାପାତ୍ର, ମନୋଜ ଦାସ, ପ୍ରତିଭା ଦ୍ୱିବେଦୀ, ସସ୍ମିତା ପଣ୍ଡା, ଜ୍ୟୋର୍ତିମୟୀ ସେନାପତି ପ୍ରଭୃତି ବରିଷ୍ଠ ଶାରିରୀକ ଶିକ୍ଷକଯୋଗ ଦେଇଥିଲେ।

# ଚୌଦ୍ୱାର ସର୍କଲ ଜେଲ୍‌ରେ ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ

**କଟକ, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ସର୍କଲ ଜେଲ୍‌ରେ କଏଦୀଙ୍କ ଖାଦ୍ୟ ସାମଗ୍ରୀ ଓ ଅନ୍ୟ ଅତ୍ୟାବଶ୍ୟକ ଜିନିଷ କିଣିବା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ ହୋଇଛି। ଆର୍ଥିକ ବିଡ୍‌ର ଖୋଲିବା ପୂର୍ବରୁ ଚୂଡ଼ାନ୍ତ ବିଡରଙ୍କ ତାଲିକା ପ୍ରଘଟ ହୋଇଯାଇଛି। ଟେଣ୍ଡର ଫିକ୍ସିଂ ଅଭିଯୋଗ କରି କେତେକ ବିଡର କଟକ ଏଡିଏମ୍‌ରଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି। ପୂର୍ବରୁ ଜେଲ୍‌ରେ କଏଦୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଓ ପରିମଳ ବ୍ୟବସ୍ଥାରେ ବ୍ୟବହାର ହେଉଥିବା ସାମଗ୍ରୀଗୁଡ଼ିକ ସ୍ଥାନୀୟ ଅଞ୍ଚଳରୁ କିଣାଯାଉଥିଲା। ଜେଲ୍ ବିଭାଗ ଚଳିତ ବର୍ଷ ଟେଣ୍ଡର ମାଧ୍ୟମରେ ଏହାକୁ କିଣିବାକୁ ପଦକ୍ଷେପ ନେଇଥିଲା। ଆବଶ୍ୟକ ସାମଗ୍ରୀ ସମ୍ପର୍କରେ ରିକ୍ୟୁଜିସନ୍ ମାଗିବା ପରେ ମୋଟ ୧୫୧ ସାମଗ୍ରୀର ତାଲିକା ପ୍ରସ୍ତୁତ ହୋଇଥିଲା। ଏ ସଂକ୍ରାନ୍ତ ବିଜ୍ଞପ୍ତି ଜେଲ୍ ବିଭାଗ ପକ୍ଷରୁ ୨୦୨୫ ନଭେମ୍ବର ୩୦ରେ ପ୍ରକାଶ ପାଇଥିଲା। ସର୍ତ୍ତ ଅନୁଯାୟୀ, ବର୍ଷକ ପାଇଁ ହେବାକୁ ଥିବା ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବାକୁ ଆଗ୍ରହୀ ସଂସ୍ଥା ବୈଷୟିକ ବିଡ୍ ପାଇଁ ଏକ ପଞ୍ଜୀକରଣ ଆବେଦନ ୨୦୨୫ ଡିସେମ୍ବର ୨୯ ସୁଦ୍ଧା ଦାଖଲ କରିଥିଲେ। ସର୍ବନିମ୍ନ ୨୫ ପ୍ରତିଶତ ସାମଗ୍ରୀ ପାଇଁ ସେମାନେ ଆବେଦନ କରିଥିବା ବେଳେ ବୈଷୟିକ ବିଡ୍ ପାଇଁ ଏକ ମୂଲ୍ୟାଙ୍କନ କମିଟି ଗଠନ କରାଯାଇଥିଲା। ଏହି କମିଟି ଆବେଦନ ଯାଞ୍ଚ କରିବା ପରେ ଯେଉଁମାନେ ଏଥିରେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କୁ ଟେଣ୍ଡର ପେପର୍ ଦିଆଯାଇଥିଲା। ପରେ ଆର୍ଥିକ ବିଡ୍‌ରରେ ସର୍ବନିମ୍ନ ଦେୟ ଦେଇଥିବା ବିଡରଙ୍କୁ ଡକାଯାଇ ସାମଗ୍ରୀ ଯୋଗାଣ ପାଇଁ ଅନୁମତି ଦେବାର ବ୍ୟବସ୍ଥା ଥିଲା। କିନ୍ତୁ ଚୌଦ୍ୱାର ସର୍କଲ ଜେଲ୍‌ରେ ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ଟେଣ୍ଡର ପ୍ରକ୍ରିୟାରେ ୩୦ ଜଣ ଆବେଦନ କରିଥିଲେ। ସେଥିରୁ ବୈଷୟିକ କମିଟି ଦ୍ୱାରା ୧୭ ଜଣ ଚୟନ ହୋଇଥିଲେ। ଫେବ୍ରୁଆରି ୪ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଆର୍ଥିକ ବିଡ୍ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ୬ ତାରିଖରେ ଆର୍ଥିକ ବିଡର ଖୋଲିବାର ଥିଲା। ତେଣୁ ସମସ୍ତେ ଏହି ଆର୍ଥିକ ବିଡ୍‌ରରେ ସାମଗ୍ରୀର ଦେୟ ସମ୍ପର୍କିତ କାଗଜପତ୍ର ଦାଖଲ କରିଥିଲେ। ୬ ତାରିଖରେ କଟକ ଏଡିଏମ୍‌ଙ୍କ ଅଧ୍ୟକ୍ଷତାରେ ଖୋଲିବାକୁ ଥିବା ଏହି ବିଡ୍ ପୂର୍ବରୁ କିଏ କେଉଁ ସାମଗ୍ରୀ ପାଇଁ ବିଡ୍ କରିଛନ୍ତି, ଏ ନେଇ ତଥ୍ୟ ପ୍ରଘଟ ହୋଇଥିବା କୁହାଯାଉଛି। ପୂର୍ବଥର ଯେଉଁ ଠିକାଦାର ଯେଉଁ ସାମଗ୍ରୀ ଦେଉଥିଲେ ଏଥର ବି ସମାନ ସାମଗ୍ରୀର ଟେଣ୍ଡର ପାଇବାର ମସୁଧା କରାଯାଇଛି। ଅନ୍ୟପଟେ ୧୫୧ ସାମଗ୍ରୀ ବଦଳରେ ୧୦୭ଟି ପାଇଁ ଟେଣ୍ଡର ହୋଇଛି। ଅବଶିଷ୍ଟ ୪୪ ସାମଗ୍ରୀ ପାଇଁ ଟେଣ୍ଡର କରାନଯାଇ ସ୍ଥାନୀୟ ଅଞ୍ଚଳରୁ କିଣିବା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ ହେଉଛି। ଏହି ଘଟଣାର ତଦନ୍ତ ହେଲେ ଟେଣ୍ଡର ସଂକ୍ରାନ୍ତ ଅନେକ ତଥ୍ୟ ସାମନାକୁ ଆସିବ ବୋଲି କୁହାଯାଉଛି।

# ସରକାରୀ ହାଇସ୍କୁଲ ସରସରାର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

**ବରଗଡ,ନ୍ୟୁଜ ବ୍ୟୁରୋ**




ବରଗଡ଼ ଉପକଣ୍ଠ ସରସରା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସ୍କୁଲ ପରିସର ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ବ୍ୟାଙ୍କ ଅଫିସର ତଥା ବିଶିଷ୍ଟ କ୍ୱି ରୋହିତ ଦାଶ ଯୋଗ ଦେଇଥିବା ବେଳେ ବିଶିଷ୍ଟ କ୍ରୀଡ଼ାବିତ, ନାଟ୍ୟ ନିର୍ଦ୍ଦେଶକ ତଥା ଅବସର ପ୍ରାପ୍ତ ଅଧ୍ୟାପକ ଶ୍ରୀ ସନ୍ତୋଷ କୁମାର ପଣ୍ଡା ତଥା ସ୍କୁଲ ଚେୟାରମେନ ଭରତ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କୁ ଫୁଲ ତୋଡ଼ା ଓ ଉତ୍ତରୀୟ ଦେଇ ସମ୍ମାନୀତ କରା ଯାଇଥିଲା. ।ସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଦେଶ ବାରିକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ବିଭିନ୍ନ ପ୍ରେରଣାଦାୟୀ ଗଳ୍ପ ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଭଲ ପାଠ ପଢିବା ସଙ୍ଗେ ଭଲ ମଣିଷ ମଧ୍ୟ ହେବା ପାଇଁ ଅନୁପ୍ରେରିତ କରିଥିଲେ. । କବି ଶ୍ରୀ ଦାଶ ସ୍କୁଲ ଲାଇବ୍ରେରୀକୁ ତାଙ୍କ ଦ୍ୱାରା ଲିଖିତ କିଛି ମୂଲ୍ୟବାନ ପୁସ୍ତକ ପ୍ରଦାନ କରିଥିଲେ । ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା । ଶିକ୍ଷକ ସୁଦାମ ଚରଣ ସା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସ୍କୁଲ ର ଶିକ୍ଷକ /ଶିକ୍ଷୟତ୍ରୀ ଅମୀୟ କୁମାର ଭୋଇ, ଭକ୍ତରାମ ଦଣ୍ଡସେନା ସବିତା ପାଣିଗ୍ରାହୀ ତଥା ଶୋଭାରାଣୀ ପ୍ରଧାନ । ଛାତ୍ର ମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଆ ସଂସ୍କୃତି ଆଧାରିତ କୀର୍ତ୍ତନ ନୃତ୍ୟ ଅତି ଆକର୍ଷଣୀୟ ଥିଲା ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଚତୁର୍ଥ ଜାତୀୟ ଅନୁବାଦକ ସମ୍ମିଳନୀ ଉଦଯାପିତ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**




ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଚତୁର୍ଥ ଜାତୀୟ ଅନୁବାଦକ ସମ୍ମିଳନୀ ଉଦଯାପିତ ହୋଇଛି। ସୋମବାର ଠାରୁ ଆରମ୍ଭ ହୋଇ ଏହା ଦୁଇଦିନ ଧରି ଚାଲିବା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରୁ ଆସିଥିବା ବୁଦ୍ଧିଜୀବୀ ଓ ଅନୁବାଦ ସାହିତ୍ୟକାରମାନଙ୍କୁ ଏକାଠି କରିଥିଲା। ଏହାର ଉଦଘାଟନୀ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହି ଅନୁବାଦକ ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ରିସର୍ଚ୍ଚ ଓ ଏକାଡେମିକ୍ ବିଭାଗ ଡିନ୍ ପ୍ରଫେସର ଡ. କେଶରୀ ସିଂହ, ଫ୍ୟାକଲ୍ଟି ଅଫ୍ ଆର୍ଟ୍ସ, କମ୍ୟୁନିକେସନ୍ ଆଣ୍ଡ୍ ଇଣ୍ଡିକ୍ ଷ୍ଟଡିଜ୍ ଡିନ୍ ପ୍ରଫେସର ଡ. ରତିକାନ୍ତ ମହାପାତ୍ର, ନ୍ୟାସନାଲ୍ ସ୍କିଲ୍ ଡେଭେଲପମେଣ୍ଟ କର୍ପୋରେସନ୍ ପରାମର୍ଶଦାତା ଦ୍ୟାନେଶ୍ୱର ମୁଲେ ଏବଂ ଭାରତୀୟ ଅନୁବାଦ ସାହିତ୍ୟ ସମ୍ପାଦକ ଶରତ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କିଭଳି ଅନୁବାଦ ସାହିତ୍ୟର ଅଧିକରୁ ଅଧିକ ବିକାଶ ହୋଇପାରିବ, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଦୁଇଦିନିଆ ଜାତୀୟ ଅନୁବାଦକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସାୟନ୍ତନ ଦାସଗୁପ୍ତ, ଶିକ୍ଷାସନ୍ଧାନର ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ସିକିମ୍ ବିଶ୍ୱବିଦ୍ୟାଳୟର ଡ. ଶାଶ୍ୱତି ଶାହା ପ୍ରମୁଖ ଉପସ୍ଥିତ ରହି ଭାରତୀୟ ଅନୁବାଦ ସାହିତ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନ ଓଡ଼ିଆ ଅନୁବାଦ ଓ ସାହିତ୍ୟ ପତ୍ରିକା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜାତୀୟ ପ୍ରଗତି ଓ ସାଂସ୍କୃତିକ ବିନିମୟରେ ଅନୁବାଦର ଭୂମିକା ଶୀର୍ଷକରେ ପ୍ୟାନେଲ୍ ଆଲୋଚନା ମଧ୍ୟ ହୋଇଥିଲା। ବିଭିନ୍ନ ଅଧିବେଶନରେ ଡ. ଦୀପକ ସାମନ୍ତରାୟ, ମଧୁସୂଦନ ଦାସ, ଡ. ଗାୟତ୍ରୀ ଗୋସ୍ୱାମୀ, ଡ. ସୁନିତା ଦେବୀ, ଡ. କବିତା ପାଟିଲ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ. ଶାଶ୍ୱତ ପଣ୍ଡା ପ୍ରମୁଖ ସଭାପତିତ୍ୱ କରିଥିଲେ। ସମ୍ମିଳନୀ ଶେଷରେ ଏହାର ଆବାହକ ଡ. ରିନ୍ଦନ କୁଣ୍ଡୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ ପାଇବେ କବି ପ୍ରଫେସର ଉପେନ୍ଦ୍ର ନାୟକ ପ୍ରତିଭା ସମ୍ମାନ -୨୦୨୬

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ଅନ୍ୟତମ ଯଶସ୍ୱୀ କବି ଓ ନାଟ୍ୟକାର ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ ଏବର୍ଷର କବି ପ୍ରଫେସର ଉପେନ୍ଦ୍ର ନାୟକ ପ୍ରତିଭା ସମ୍ମାନ -୨୦୨୬ ପାଇବାକୁ ଯୋଗ୍ୟବିବେଚିତ ହୋଇଅଛନ୍ତି। ପ୍ରଫେସର ହରିଚନ୍ଦନ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ଜଣେ କର୍ମଚଞ୍ଚଳ ଶିକ୍ଷାବିତ୍ ଥାଇ ରାଶି, ଗୁଣ, କବିତା, ନାଟକ ଓ ପ୍ରବନ୍ଧ ସମାଲୋଚନା ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ବହୁ ଭାବରେ ସମୃଦ୍ଧି କରିଅଛନ୍ତି ସେ ଏ ବର୍ଷ କବି ପ୍ରଫେସର ଉପେନ୍ଦ୍ର ନାୟକ ପ୍ରତିଭା ସମ୍ମାନ -୨୦୨୬ ପାଇବେ ବୋଲି ପ୍ରଫେସର ଉପେନ୍ଦ୍ର ନାୟକ ଫାଉଣ୍ଡେସନର ଆବାହକ ଡ. ଛତ୍ରପତି ପରିଡା ଜଣାଇଛନ୍ତି। ଏହି ଉତ୍ସବ ଫେବୃୟାରୀ ୯ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ ଏବଂ ଏହି ଉତ୍ସବରେ ସର୍ବଶ୍ରୀ ସାନ୍ତନୁ କୁମାର ଆଚାର୍ଯ୍ୟ, ଯୁଗଳ କିଶୋର ପଟ୍ଟନାୟକ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଡ. ସଂଘମିତ୍ରା ମିଶ୍ର ଓ ଅର୍ଚ୍ଚନା ନାୟକ ପ୍ରମୁଖ ଅତିଥିଭାବେ ଯୋଗଦାନ କରିବେ।

# ବସ୍ତ୍ରର ଉତ୍କୃଷ୍ଟତା ବୁଣାକାରଙ୍କ ଦୃଷ୍ଟିଶକ୍ତି ଉପରେ ନିର୍ଭରଶୀଳ : ବୟନଶିଳ୍ପ ମନ୍ତ୍ରୀ

**କଟକ, ନ୍ୟୁଜ ବ୍ୟୁରୋ**



ମାଣିଆବନ୍ଧ ବୁଦ୍ଧବିହାରଠାରେ ବୁଣାକାରଙ୍କ ପାଇଁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି ଶିବିରର ଉଦ୍ଘାଟନ କରି କହିଥିଲେ । ବସ୍ତ୍ରର ଉତ୍କୃଷ୍ଟତା ବୁଣାକାରଙ୍କ ଉତ୍ତମ ଦୃଷ୍ଟିଶକ୍ତି ଉପରେ ଅନେକ କ୍ଷେତ୍ରରେ ନିର୍ଭରଶୀଳ । ସୁସ୍ଥ ଦୃଷ୍ଟି, ସଶକ୍ତ ବୁଣାକାର। ତେଣୁ ବୁଣାକାରମାନଙ୍କୁ ସେମାନଙ୍କ ଚକ୍ଷୁର ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବା ପାଇଁ ଏହା ଲୋକଙ୍କ ସରକାରଙ୍କର ଗୋଟିଏ ଛୋଟ ପ୍ରୟାସ । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ୫୦୦ରୁ ଅଧିକ ବୁଣାକାର ସାମିଲ ହୋଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ ଏବଂ ଆବଶ୍ୟକୀୟ ବୁଣାକାରଙ୍କୁ ଚଷମା ବଣ୍ଟନ କରାଯାଇଥିଲା । ଏହି ଅବସରରେ ଡାକ୍ତରମାନେ ଚକ୍ଷୁର ଯତ୍ନ ନେବା ପାଇଁ ବୁଣାକାରମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ ଦଳବେହେରା, ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମାଜସେବୀ ସୁକାନ୍ତ କୁମାର ବିଶ୍ୱାଳ, ସାଇଟସେଭରସ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ସୁଦତ୍ତା ଖୁଣ୍ଟିଆ, କଳିଙ୍ଗ ହସପିଟାଲ୍ ର ଅଧ୍ୟକ୍ଷ ସାରଙ୍ଗଧର ସାମଲ, ରୋଟାରୀ ହସପିଟାଲର ଶୁଭେନ୍ଦୁ ପରିଡ଼ା, ୟୁଏନଡିପିର ଆଭା ମିଶ୍ର, ବୁଣାକାର ଓ କାରିଗର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ସମ୍ମିଳନୀରେ ଯୋଗଦେଲେ ରାଜ୍ୟ ମହାସଂଘ ନେତା

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**




ବ୍ୟାସନଗର ପୌରପରିଷଦରରେ ଥିବା ହୋଟେଲ ରୟାଲ କଳିଙ୍ଗ ଠାରେ ଟାଟାପାୱାରର ବିଦ୍ୟୁତ ଉପଭୋକ୍ତାମାନଙ୍କ ଉପର ହେଉଥିବା ଜୁଲମ ଓ ସ୍ମାର୍ଟ ମିଟର ସଂଯୋଗକୁ ବିରୋଧ କରି କମିଟିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଗଣସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ବିଦ୍ୟୁତ ଉପଭୋକ୍ତା ସମ୍ମିଳନୀରେ ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଙ୍ଘ ସଭାପତି ପଞ୍ଚାନନ କାନୁନଗୋ, ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ ଅନ୍ୟତମ ଉପଦେଷ୍ଟା ଶ୍ରମିକ ନେତା କିଶୋର ଜେନା ଯୋଗଦେଇ କହିଲେ ଏ ସରକାର ସମସ୍ତ କ୍ଷେତ୍ରରେ ନିଜର ବିଫଳତା ପରେ ଶେଷରେ ବିଜୁଳି ଓ ପାଣିକୁ ଘରେଇ କରଣ କରି ସମ୍ବିଧାନ ରେ ଥିବା ୨୧ ଧାରାକୁ ଉଲଘଂନ କରିବା ସହିତ ସାଧାରଣ ବିଦ୍ୟୁତ ଉପଭୋକ୍ତାମାନଙ୍କ ଅଧିକାରକୁ ସଂକୁଚିତ କରିବାକୁ ବସିଛନ୍ତି। ଏହା ବିରୋଧରେ ଜିଲ୍ଲା ସ୍ତରୀୟ ଗଣସମ୍ମିଳନୀ କରିବା ସହିତ ପ୍ରତେକ ଡିଭିଜନରେ ସଂଗ୍ରାମ କମିଟି ଗଠନ କରି ଗ୍ରାହକମାନଙ୍କୁ ସୁରକ୍ଷା ଦେବା ସହିତ ଟି, ପି, ଏନ ଓ ଡ଼ି, ଏଲର ଅଧିକାରୀ ମାନେ ଗାଁ ଗାଁ ରେ ପଶି ଜୁଲମ କଲେ ଏହାକୁ ତୀବ୍ର ପ୍ରତିରୋଧ କରିବାକୁ ରାଜ୍ୟ ନେତା ମାନେ ନିଜ ନିଜର ଅଭିଭାଷଣରେ କହିବା ସହିତ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କଣ ପାଇଁ ୩୦ ହଜାର କୋଟି ଟଙ୍କା ଟାଟା ପାୱାରକୁ ଦେଇଛନ୍ତି ଏହାର ଉତ୍ତର ଦେବା ସହିତ ନିର୍ବାଚନ ବେଳେ ଦେଇଥିବା ପ୍ରତିଶୃତି ଅନୁସାରେ ୩୦୦ ୟୁନିଟ ପର୍ଯ୍ୟନ୍ତ ଶୁଳ୍କ ଛାଡ଼ କାହିଁକି କରୁନାହାନ୍ତି ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ନ କରି ୧ କୋଟି ୧୦ ଲକ୍ଷ ଉପଭୋକ୍ତା ଙ୍କ ଠାରୁ ଠକି ନେଇଥିବା ଅର୍ଥ ଫେରସ୍ତ କରିବାକୁ ଦାବି କରିଥିଲେ ଓ ଯେଉମାନେ ସ୍ମାର୍ଟ ମିଟର ଲଗାଇବାକୁ ଯାଉଛନ୍ତି ବିରୋଧ କରିବା ସହିତ ଏହା ବିଦ୍ୟୁତ ନିୟାମକ ଆୟୋଗ ନିୟମରେ ନାହିଁ ବୋଲି ଜବାବ ମାଗିବାକୁ ରାଜ୍ୟ ମହାସଙ୍ଘ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀ ରେ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଅଭିମନ୍ୟୁ ମିଶ୍ର, ମନୋରଞ୍ଜନ ନାୟକ ବରିଷ୍ଠ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ ମଧୁସୂଦନ ଯେନା ନିରଞ୍ଜନ ପରିଡା ଓ ବିଜୟ କୁମାର ବୋଇତାଇ ଆସିତାନନ୍ଦ ବିଶ୍ୱାଳ ରାଜେନ୍ଦ୍ର କୁମାର ବିଶ୍ୱାଳ, ତାରିଣୀ ପଟ୍ଟନାୟକ ଡ଼କ୍ଟର ମଦନ ଜେନା ପ୍ରଶାନ୍ତ କୁମାର ସାହୁ ପ୍ରଫେସର ଦୁଷ୍ମନ୍ତ କୁମାର ନାୟକ ସାମ୍ବାଦିକ ଭୁବନାନନ୍ଦ ମହାନ୍ତି ବ୍ରଜେଶ୍ୱରୀ ସିଂ ବ୍ରଜକିଶୋର ପଟ୍ଟନାୟକ, ଆଇନଜୀ ରବିନାରାୟଣ ନାୟକ ବ୍ରଜକୁଶୋର ପତି, ଶରତ କୁମାର ଜେନା ସେକ ଆତତାରୁଦ୍ଦିନ ଅହମଦୀ ବିଦ୍ୟାଧର ଯେନା ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିବା ସହିତ ଜିଲ୍ଲା ଓ ରାଜ୍ୟ କମିଟି ଆହ୍ୱାନ ରେ ଯାଜପୁର ରୋଡସ୍ଥିତ ଟାଟା ପାୱାର ସର୍କଲ ଅଫିସ ଘେରାଉ କରାଯିବାକୁ ବିଭିନ୍ନ ପ୍ରସ୍ତାବ ରଖିଥିଲେ।

# ଆଦବିକା ଯୋଜନାରେ ଜିଲ୍ଲାସ୍ତରୀୟ ଦିନିକିଆ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆଦବିକା ଯୋଜନାରେ ଏକ ଜିଲ୍ଲାସ୍ତରୀୟ ଦିନିକିଆ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ରକୁମାରମଲ୍ଲିକ (ରାଜସ୍ୱ) ମୁଖ୍ୟ ଅତିଥି ଭାବେଯୋଗ ଦେଇଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଋଣ ବିଭାଗର ମୁଖ୍ୟଶାଖା ପରିଚାଳକ ଇପ୍ସିତା ରଥ, ଜିଲ୍ଲା ନିୟୋଜନ ଅଧିକାରୀ ଇନ୍ଦିରା ମଲ୍ଲିକ, ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସ୍ମୃତିରଂଜନ ବେହେରା ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱକିଶୋର, କିଶୋରୀ, ଜିଲ୍ଲାର ସମସ୍ତ ସିଡିପିଓ, ପିଓ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଭୋକେସନାଲ ଟ୍ରେନିଙ୍ଗ୍, ଫାଇନାନ୍ସିଆ ଲ୍‌ଲିଟେରାସି କ୍ୟାରିୟର୍ କାଉନ୍‌ସିଲିଂ, ଆର୍ଥିକ ସାକ୍ଷରତା ଓ ପେଷାଗତ ପରାମର୍ଶ ଧନ୍ଦାମୂଳକ ଶିକ୍ଷା ଓ ବୃତ୍ତିମୂଳକ ଶିକ୍ଷା ଉପରେ କିଶୋର କିଶୋରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସଭା ଶେଷରେ ପିଓ ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁରର ଜିଲ୍ଲା କଂଗ୍ରେସ କମିଟି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ଘୋଷଣା ହୋଇଛି । ଏଥିରେ ୧୧ ଜଣଙ୍କୁ ଉପ ସଭାପତିର ଦାୟିତ୍ୱ ମିଳିଛି, ୧୧ ଜଣ ସାଧାରଣ ସମ୍ପାଦକ, ୨୧ ଜଣ ସମ୍ପାଦକ, ୯ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ୧୯ ଜଣ କାର୍ଯ୍ୟନିବାହୀ ସଭ୍ୟ, ବିଶ୍ୱଜିତ ପୋଥାଲଙ୍କୁ କୋଷାଧ୍ୟକ୍ଷ, ବରିଷ୍ଠ କଂଗ୍ରେସ ନେତା ହେମନ୍ତ କୁମାର ରଥ ଏବଂ ସର୍ବେଶ୍ୱର ପଣ୍ଡାଙ୍କୁ ମୁଖପାତ୍ର ଭାବେ ଦାୟିତ୍ୱ ମିଳିଥିବା ବେଳେ ବ୍ଲକ ଓ ମୁନୁସିପାଲିଟି ସଭାପତି ଙ୍କ ନାମ ଘୋଷଣା କରାଯାଇଛି । ଜଗତସିଂହପୁର ମୁନୁସିପାଲିଟି ସଭାପତି ଭାବେ ପ୍ରଶାନ୍ତ ମହାପାତ୍ର, ତିର୍ତ୍ତୋଲ ବ୍ଲକର ସଭାପତି ଭାବେ ସଫି ଆଜମ୍, ବିରିଡି ବ୍ଲକ ସଭାପତି ଭାବେ ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ ସଭାପତି ଭାବେ ଆର୍ତ୍ତତ୍ରାଣ ପଣ୍ଡା, ନାଉଗାଁ ବ୍ଲକ ସଭାପତି ଭାବେ ବିଚିତ୍ରା ନନ୍ଦ ଲେଙ୍କା, ଜଗତସିଂହପୁର ବ୍ଲକ ସଭାପତି ଭାବେ ଜ୍ଞାନ ରଞ୍ଜନ ପୃଷ୍ଟି, ଏରସମା ବ୍ଲକ ସଭାପତି ଭାବେ ପିନାକୀ ନାରୟଣ ଦାସ ଏବଂ ପାରାଦ୍ୱୀପ ମୁନିସିପାଲିଟିର ସଭାପତି ଭାବେ କେଦାରନଥ ବିଶ୍ୱାଳଙ୍କ ନାମ ଘୋଷଣା କରାଯାଇଛି । ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଶୁଭେଚ୍ଛା ଜଣାଇବା ସହ ସମସ୍ତ ନୂତନ ପଦାଧିକାରୀମାନଙ୍କ ନେତୃତ୍ୱରେ ନିଶ୍ଚିତ ଭାବେ ଜିଲ୍ଲାରେ କଂଗ୍ରେସ ମଜଭୁତ ହେବ ବୋଲି ମତବ୍ୟକ୍ତ କରିଛନ୍ତି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ହ୍ୱାଟ୍ସଆପ୍-ମେଟାକୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ଡାଟା ଗୋପନୀୟତା ନେଇ ସୁପ୍ରିମକୋର୍ଟ ମେଟାକୁ ଭର୍ତ୍ସନା କରିଛନ୍ତି । କୋର୍ଟ କହିଛନ୍ତି ଯେ, ମେଟାକୁ ଏହାର ବ୍ୟବସାୟ ବିସ୍ତାର କରିବା ପାଇଁ ଲୋକଙ୍କ ଗୋପନୀୟତାର ଶୋଷଣ କରିବାକୁ ଅନୁମତି ଦିଆଯିବ ନାହିଁ । ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ଡାଟା ଗୋପନୀୟତା ନେଇ ସୁପ୍ରିମକୋର୍ଟ ମେଟାକୁ ଭର୍ତ୍ସନା କରିଛନ୍ତି । କୋର୍ଟ କହିଛନ୍ତି ଯେ, ମେଟାକୁ ଏହାର ବ୍ୟବସାୟ ବିସ୍ତାର କରିବା ପାଇଁ ଲୋକଙ୍କ ଗୋପନୀୟତାର ଶୋଷଣ କରିବାକୁ ଅନୁମତି ଦିଆଯିବ । ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ଡାଟା ଗୋପନୀୟତା ନେଇ ସୁପ୍ରିମକୋର୍ଟ ମେଟାକୁ ଭର୍ତ୍ସନା କରିଛନ୍ତି । କୋର୍ଟ କହିଛନ୍ତି ଯେ, ଗୋପନୀୟତା ନାଗରିକଙ୍କ ମୌଳିକ ଅଧିକାର, ତୁମେ ଲୋକମାନଙ୍କ ସହ ଖେଳୁଛ। ମେଟାକୁ ଏହାର ବ୍ୟବସାୟ ବିସ୍ତାର କରିବା ପାଇଁ ଲୋକଙ୍କ ଗୋପନୀୟତାର ଶୋଷଣ କରିବାକୁ ଅନୁମତି ଦିଆଯିବ ନାହିଁ । ଚାଟ୍ ଗୋପନୀୟତାକୁ ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ବ୍ୟବହାରକାରୀଙ୍କ ଗୋପନୀୟତା ସର୍ବୋପରି , ସେ ମେଟାର ନୀତିକୁ ଦ୍ୱନ୍ଦ୍ୱପୂର୍ଣ୍ଣ ଏବଂ ଜନସାଧାରଣଙ୍କ ପାଇଁ ବୁଝିବା କଷ୍ଟକର ବୋଲି ବର୍ଣ୍ଣନା କରିଛନ୍ତି। ସମ୍ବିଧାନ ନିୟମ ପାଳନ କର ନଚେତ୍ ଭାରତ ଛାଡ଼ିଦିଅ ବୋଲି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ସୁପ୍ରିମକୋର୍ଟ ଡାଟା ସେୟାରିଂ ସମ୍ପର୍କରେ ହ୍ୱାଟ୍ସଆପ୍ ଏବଂ ମେଟାଠାରୁ ସତ୍ୟପାଠ ମାଗିଛନ୍ତି । ଲକ୍ଷ ଲକ୍ଷ ୟୁଜର୍ସଙ୍କ ତଥ୍ୟର ଅପବ୍ୟବହାର ହୋଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଲୋକଙ୍କ ତଥ୍ୟକୁ ବ୍ୟବସାୟ ଲାଭ ପାଇଁ ବ୍ୟବହାର କରାଯାଉଛି ଏବଂ ଲକ୍ଷ ଲକ୍ଷ ସୋସିଆଲ ମିଡିଆ ୟୁଜର୍ସଙ୍କ ତଥ୍ୟର ଅପବ୍ୟବହାର କରାଯାଇଛି । ମେଟାର ଓକିଲ ଅଖିଳ ସିବଲ ଯୁକ୍ତି ଦେଇଥିଲେ ଯେ, ବ୍ୟବସାୟ ଉଦ୍ଦେଶ୍ୟରେ ସୀମିତ ତଥ୍ୟ ସେୟାରିଂକୁ ଅନୁମତି ଦିଆଯାଇଛି। ଏହାର ଉତ୍ତରରେ ସିଜେଆଇ କହିଛନ୍ତି, 'ଯଦି ଆପଣ ଡାଟାର କୌଣସି ଅଂଶ ବିକ୍ରୟ ଯୋଗ୍ୟ ପାଆନ୍ତି, ତେବେ ଆପଣ ଏହାକୁ ବିକ୍ରି କରିପାରିବେ । ଭାରତୀୟ ଗ୍ରାହକମାନେ ସ୍ୱର ଉଠାଇ ପାରୁନାହାନ୍ତି, ତେଣୁ ଆପଣ ସେମାନଙ୍କୁ ଶିକାର କରିପାରିବେ ନାହିଁ ।' ମେଟା ଏବଂ ହ୍ୱାଟ୍ସଆପ୍ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟ ତଥ୍ୟ ଗୋପନୀୟତା ଏବଂ ତଥ୍ୟର ଆର୍ଥିକ ମୂଲ୍ୟ ବିଷୟରେ ପ୍ରଶ୍ନ ଉଠାଇଥିଲେ । ଏହି ମାମଲାରେ ଓଟିଟି ମେସେଜିଂ ବଜାରରେ ଏହାର ପ୍ରାଧାନ୍ୟକୁ ଅପବ୍ୟବହାର କରିବା ପାଇଁ ମେଟା ଉପରେ ସିସିଆଇ ଦ୍ୱାରା ଲାଗୁ କରାଯାଇଥିବା ୨୧୩ କୋଟି ଜରିମାନାକୁ ବଜାୟ ରଖିବା ପାଇଁ ଏନସିଏଲଏଟି ଆଦେଶକୁ ଚ୍ୟାଲେଞ୍ଜ କରାଯାଇଛି । ଶୁଣାଣି ସମୟରେ, କୋର୍ଟ ସ୍ପଷ୍ଟ ଭାବରେ କହିଥିଲେ ଯେ, ନାଗରିକଙ୍କ ଅଧିକାରକୁ କ୍ଷତି ପହଞ୍ଚାଇ କୌଣସି ବାଣିଜ୍ୟିକ ଉଦ୍ୟୋଗକୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ । କମ୍ପାନୀଗୁଡ଼ିକୁ ତଥ୍ୟ ସୁରକ୍ଷା ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ହେବ ।

# 'ଭୀମ ଆର୍ମି'ର ସାମାଜିକ ଦୃଷ୍ଟିଭଙ୍ଗୀ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

'ଭୀମ ଆର୍ମି' ଏକ ବହୁଚର୍ଚ୍ଚିତ ରାଷ୍ଟ୍ରୀୟ ସଂଗଠନ। କ୍ରମେ ଏହି ସଂଗଠନ ଉପରେ ଏକ ବିଶାଳ ସମୁଦାୟର ଆଶା ଓ ଭରସା ବଢ଼ିବାରେ ଲାଗିଛି। ଏ ସଂଗଠନ ତାଙ୍କ ସୁରକ୍ଷା କବଚ ଭାବେ ଉଭା ହୋଇଛି। ପ୍ରତ୍ୟେକ ରାଜ୍ୟରେ ସଂଗଠନର ଶାଖା ଖୋଲା ହେଉଛି। କେତେକ ସ୍ଥାନରେ ଏହାର ପ୍ରସାରଣ ଗ୍ରାମ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଯୁବକ ଓ ଛାତ୍ରମାନେ ବିଶେଷଭାବେ ଏହି ସଂଗଠନ ପ୍ରତି ଆକୃଷ୍ଟ ହେଉଛନ୍ତି। ଏତେ ଅଳ୍ପ ସମୟ ମଧ୍ୟରେ ସଂଗଠନର କାୟା ବିସ୍ତାର ସାମାଜିକ ସଂଗ୍ରାମର ସମ୍ଭାବିତ ରୂପରେଖକୁ ସୂଚୀତ କରୁଛି। ଅନେକଙ୍କ ଧାରଣା ଥିଲା ଯେ ଉତ୍ତର ପ୍ରଦେଶର ଦଳିତ ସମାଜର ସ୍ୱାର୍ଥ ସାଧନ ପାଇଁ ଏ ସଂଗଠନ ଗଠିତ ହୋଇଛି। କିନ୍ତୁ ଏବେ ଏହା ଆଉ ଉତ୍ତର ପ୍ରଦେଶରେ ସିମୀତ ହୋଇ ରହି ନାହିଁ। ଏହାର ସଂଗଠନ ସମସ୍ତ ରାଜ୍ୟକୁ ବିସ୍ତାରିତ ହୋଇଛି। ପୁଣି ଏହା ଆଉ ଦଳିତମାନଙ୍କ ମଧ୍ୟରେ ସୀମିତ ରହି ନାହିଁ। ତାଙ୍କ ସହିତ ଆଦିବାସୀ, ଅନ୍ୟାନ୍ୟ ପଛୁଆବର୍ଗ ଓ ସଂଖ୍ୟାଲଘୁମାନେ ବହୁ ସଂଖ୍ୟାରେ ଏଥିରେ ଯୋଗ ଦେବାର ଦେଖାଯାଉଛି।

ଭୀମ ଆର୍ମି ସମ୍ବନ୍ଧରେ ଆଲୋଚନା କଲା ବେଳେ ଏହାର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଆଜାଦ(ସାଂସଦ)ଙ୍କ ସମ୍ବନ୍ଧରେ ଆଲୋଚନା ବିନା ଏହା ସ୍ୱୟଂସମ୍ପୂର୍ଣ୍ଣ ହେବ ନାହିଁ। ସେ ଜଣେ କୋଟର ଆମ୍ବେଦକରବାଦୀ ଓ କାଂଶୀରାମଙ୍କ ରାଜନୈତିକ ସଂଘର୍ଷର ଅନୁଗାମୀ। ତାଙ୍କ ବିଚାରରେ ଅନବରତ ସଂଘର୍ଷ ଦ୍ୱାରା ସମ୍ମାନ ଓ ଅଧିକାର ପ୍ରାପ୍ତ ହେବ। ସେ ଜାତିବାଦୀ ସାମାଜିକ ବ୍ୟବସ୍ଥାର ସମର୍ଥକ ନୁହଁନ୍ତି। ସମତା ଓ ଭାଇଚାରା ଉପରେ ପ୍ରତିଷ୍ଠିତ ଏକ ନ୍ୟାୟପୂର୍ଣ୍ଣ ସମାଜର ସେ ପରିକଳ୍ପନା କରନ୍ତି। ତାଙ୍କ ବିଶ୍ୱାସ ଯେ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ପାତର-ଅନ୍ତରକୁ ରୋକିବା ପାଇଁ ହେଲେ ଏକ ଯୁବ ଓ ଲଢୁଆ ସଂଗଠନର ଆବଶ୍ୟକତା ରହିଛି। ଯେଉଁମାନେ ପୋଲିସର ଲାଠି ଓ ଗୁଳିକୁ ଭୟ ନକରି ସଂଘର୍ଷ କରିବେ। ଆବଶ୍ୟକ ହେଲେ ଜେଲ୍ ମଧ୍ୟ ଯିବେ। ପଛଘୁଞ୍ଚା ଦେବେ ନାହିଁ। ଅଧିକାର, ନ୍ୟାୟ ଓ ଆତ୍ମସମ୍ମାନ ହାସଲ ପାଇଁ ଅନବରତ ଲଢିବେ। ଆମ୍ବେଦକରଙ୍କ ମିଶନକୁ ଆଗକୁ ନେବେ।

ଏ ସମସ୍ତ ପାଇଁ ରାଜନୈତିକ ଶକ୍ତିର ମଧ୍ୟ ଆବଶ୍ୟକତା ରହିଛି। ରାଜନୈତିକ କ୍ଷମତା ଦଖଲ ଜରିଆରେ ସମତାଭିତ୍ତିକ ସମାଜ ଗଠନ ସମ୍ଭବପର। ତେଣୁ ଏପରି ସାମାଜିକ ଆନ୍ଦୋଳନ ରାଜନୀତି ସହିତ ଜଡିତ ହେବା ଅନିବାର୍ଯ୍ୟ। ଦଳିତ, ନିଷ୍ପେସିତ ଓ ଅନଗ୍ରସର ସମାଜକୁ ଆଗକୁ ନେବାପାଇଁ ହେଲେ ଜାଗୃତି ଓ ପ୍ରୟାସ ଜରୁରୀ। ଏଥିପାଇଁ ଶିକ୍ଷାର ବିକାଶ, ନିଶାନିବାରଣ, ଆର୍ଥିକ ବିକାଶ ଓ ପରିଷ୍କାର-ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବାକୁ ହେବ। ସାମାଜିକ ପରିବର୍ତ୍ତନ ପାଇଁ ସମ୍ପୂର୍ଣ୍ଣ କ୍ରାନ୍ତିର ଆବଶ୍ୟକତା ରହିଛି। ଦୃଢ ସଂଗଠନ ଓ ପାରଦର୍ଶୀ ନେତୃତ୍ୱ ଜରିଆରେ ସଫଳତା ହାସଲ କରାଯାଇ ପାରିବ। ସାମାଜିକ ପରିବର୍ତ୍ତନ ଜରିଆରେ ଏକ ସମତାଭିତ୍ତିକ ସମାଜ ଗଠନ ତାଙ୍କ ସଂଘର୍ଷର ମୂଳ ଲକ୍ଷ୍ୟ। ରାଜନୀତି କେବଳ ଏକ ମାଧ୍ୟମ ମାତ୍ର। ତେଣୁ ଦୃଢ଼ ସାମାଜିକ ସଂଗଠନ ସହିତ ଦୃଢ଼ ରାଜନୈତିକ ମଞ୍ଚର ଆବଶ୍ୟକତା ରହିଛି। ଏଦିଗରେ ବାବାସାହେବ ଦେଇଥିବା ତିନୋଟି ମନ୍ତ୍ରର ସଫଳ ରୂପାୟନ ଜରୁରୀ। ତାହା ହେଉଛି ଶିକ୍ଷିତ ହେବା, ସଂର୍ଘଷ କରିବା ଓ ସଂଗଠିତ ହେବା। ଭୀମ ଆର୍ମି ଏହାକୁ ସଫଳ କରିବାକୁ ଚାହେଁ।

ସମସ୍ତ ରାଜନୈତିକ ଦଳଠାରୁ ଦୁରେଇ ନିଜ ସହଯୋଗୀଙ୍କ ସହିତ ମିଶି ୨୦୧୫ ମସିହାରେ ଚନ୍ଦ୍ରଶେଖର ଏକ ଯୁବ ଓ ଲଢୁଆ ସଂଗଠନ ଗଠନ କରନ୍ତି, ଯାହାର ନାମ ରଖନ୍ତି 'ଭୀମ ଆର୍ମି'। ଡ.ଭୀମ ରାଓ ଆମ୍ବେଦକରଙ୍କ ନାମ ଅନୁସାରେ ଏହା ଭୀମ ଆର୍ମି। ଏହାର ଲକ୍ଷ୍ୟ ହେଉଛି ଡ.ଆମ୍ବେଦକରଙ୍କ ସାମାଜିକ ସଂଗ୍ରାମକୁ ଆଗେଇ ନେବା ସହିତ ଜାତିଗତ ଅତ୍ୟାଚାରକୁ ପ୍ରତିରୋଧ କରିବା। ଏହା ସହିତ ଗାଁ ଗାଁରେ ସ୍କୁଲ ଖୋଲି ପିଲାମାନଙ୍କୁ ବିନା ପାରିଶ୍ରମିକରେ ପାଠ ପଢ଼ାଇବା, ଗରୀବ ପିଲାଙ୍କୁ ଖାତା-ବହି ଯୋଗାଇ ଦେବା, ନିଶାନିବାରଣ ପାଇଁ ସଚେତନତା ସୃଷ୍ଟି କରିବା, ଛୋଟ ଛୋଟ ବ୍ୟବସାୟ କରିବା ପାଇଁ ପ୍ରୋତ୍ସାହିତ କରିବା ଓ ରାଜନୈତିକଭାବେ ସଚେତନ କରିବା। ଭୀମ ଆର୍ମିର ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍ତର ପ୍ରଦେଶର ଅନେକ ଛାତ୍ର ଓ ଯୁବକ ଏହି ସଂଗଠନ ସହିତ ଜଡିତ ହୁଅନ୍ତି। କ୍ରମେ ଏହା ଏକ ବଳିଷ୍ଠ ସଂଗଠନରେ ପରିଣତ ହୁଏ। ରାଜ୍ୟରେ ଚନ୍ଦ୍ରଶେଖରଙ୍କ ସ୍ୱତନ୍ତ୍ର ପରିଚୟ ତିଆରି ହୁଏ। ୨୦୨୦ ମସିହାରେ ସେ ଗଠନ କରନ୍ତି ଏକ ନୂତନ ରାଜନୈତିକ ଦଳ ଆଜାଦ୍ ସମାଜ ପାର୍ଟି(ଏଏସପି)। ଏହା ଭୀମ ଆର୍ମିର ଛାମୁଆ ରାଜନୈତିକ ଦଳ। ୨୦୨୪ ମସିହାରେ ସେ ନାଗିନା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ବିପୁଳ ଭୋଟରେ ବିଜୟୀ ହୁଅନ୍ତି।

ଭୀମ ଆର୍ମିର ଜନାଧାର ବଢୁଛି। ଭୀମ ଆର୍ମି ଉତ୍ତର ପ୍ରଦେଶର ଗାଁ ଗଣ୍ଡାରେ ପହଞ୍ଚି ସାରିଛି। ସାଧାରଣ ଜନତା ଏହି ସଂଗଠନକୁ ବିଶ୍ୱାସ କରିବା ଆରମ୍ଭ କରିଛନ୍ତି। ତାଙ୍କ ସଂଗଠନ କେବଳ ଉତ୍ତର ପ୍ରଦେଶରେ ସୀମିତ ନାହିଁ। ଅନ୍ୟାନ୍ୟ ରାଜ୍ୟମାନଙ୍କରେ ମଧ୍ୟ ବିସ୍ତାରିତ ହେଉଛି। ଅନେକ ପ୍ରବାସୀ ଭାରତୀୟ ତାଙ୍କ ଅନୁଗାମୀ ଅଟନ୍ତି। ନେପାଳରେ ମଧ୍ୟ ସଂଗଠନ ପରିବ୍ୟାପ୍ତ ହେଉଛି। ନିକଟରେ ସେ ଆମେରିକା ଓ ଦୁବାଇ ଯାଇ ପ୍ରବାସୀ ଭାରତୀୟଙ୍କୁ ଭେଟି ଆସିଛନ୍ତି। କେବଳ ଦଳିତ ଭୋଟ୍ ଉପରେ ନିର୍ଭରକରି ବେଶୀ ଆଗକୁ ଯାଇହେବ ନାହିଁ ବୋଲି ସେ ଜାଣିଛନ୍ତି। ଏଥିପାଇଁ ତାଙ୍କୁ ଅନ୍ୟ ବର୍ଗ ଉପରେ ନିର୍ଭର କରିବାକୁ ପଡ଼ିବ। ସେ ସଂଖ୍ୟାଲଘୁମାନଙ୍କ ସହିତ ସମ୍ପର୍କକୁ ଦୃଢ କରିବାରେ ଲାଗିଛନ୍ତି। ସାମାଜିକ ନ୍ୟାୟ କଥା କହି ଓ ସମାନ ଭାଗୀଦାରୀ କଥା ଉଠାଇ ଓବିସିମାନଙ୍କୁ ନିଜ ଆଡକୁ ଟାଣିବାକୁ ଚେଷ୍ଟା କରୁଛନ୍ତି। ଏହା ସହିତ ନାରୀମାନଙ୍କ ସମସ୍ୟା, କୃଷକ-ଶ୍ରମିକ ସମସ୍ୟା ତଥା ରାଷ୍ଟ୍ରୀୟ ପ୍ରସଙ୍ଗମାନ ଉଠାଇ ସମସ୍ତଙ୍କ ବିଶ୍ୱାସଭାଜନ ହେବାପାଇଁ ଚାହୁଁଛନ୍ତି। ସମସ୍ତଙ୍କୁ ନେଇ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏକ ବ୍ୟାପକ ଜନ ଆନ୍ଦୋଳନ ତିଆରି କରିବା ଲକ୍ଷ୍ୟରେ ସେ ଅଛନ୍ତି। ଏଦିଗରେ ସେ କାମ ଆରମ୍ଭ କରିଛନ୍ତି। ସମସ୍ତ ବର୍ଗର ଲୋକଙ୍କ ଅଧିକାର ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ତଙ୍କ ମଧ୍ୟରେ ଭାଇଚାରା ସ୍ଥାପନ ପାଇଁ ଉଦ୍ୟମ କରୁଛନ୍ତି। ଏଦିଗରେ ଲକ୍ଷାଧିକ ଭୀମସୈନିକ କାମରେ ଲାଗିଛନ୍ତି।

ଭୀମ ଆର୍ମି ଏବେ ଦଳିତ, ନିଷ୍ପେସିତ ଓ ଅନଗ୍ରସର ସମାଜର ରକ୍ଷାକବଚ ବୋଲି ଅନେକେ ଅନୁଭବ କରୁଛନ୍ତି। ଯେଉଁଠାରେବି ଧାର୍ମିକ ଓ ଜାତିଗତ କାରଣରୁ ଏମାନଙ୍କ ଉପରେ ଅତ୍ୟାଚାର ହୋଇଛି ସେଠାରେ ଭୀମ ଆର୍ମି ସାମନାରେ ଛିଡା ହୋଇଛି। ପ୍ରତିବାଦ ଓ ପ୍ରତିରୋଧ କରିଛି, ଆନ୍ଦୋଳନକୁ ଓହ୍ଲାଇଛି। ପୀଡ଼ିତ ପରିବାର ଓ ସମାଜକୁ ନ୍ୟାୟ ପ୍ରଦାନ ପାଇଁ ଲଢିଛି। ଏହା ସହିତ ସାମାଜିକ ଓ ରାଷ୍ଟ୍ରୀୟ ସମସ୍ୟା ଗୁଡିକର ସାମ୍ବିଧାନିକ ସମାଧନ ପାଇଁ ଜନମତ ତିଆରି କରିଛି। ଶିକ୍ଷା ଓ ଆର୍ଥିକ ବିକାଶ ସହିତ ନିଶାନିବାରଣ, ଅନ୍ଧବିଶ୍ୱାସ ଓ କୁସଂସ୍କାରର ଦୂରୀକରଣ ଉପରେ କାର୍ଯ୍ୟକ୍ରମ ଜାରି ରଖି ଲୋକଙ୍କ ସୁଖ ଦୁଃଖର ସାଥି ବନିଛି। ଓଡିଶାରେ ମଧ୍ୟ ଭୀମ ଆର୍ମି ତାର ଉପସ୍ଥିତିକୁ ଜାହିର କରିଛି। ପ୍ରତି ଜିଲ୍ଲାରେ ଏହାର ସଦସ୍ୟମାନେ କାମରେ ଲାଗିଛନ୍ତି। ଯେଉଁଠାରେ ଅତ୍ୟାଚାର ହେଉଛି ସେଠାରେ ଭୀମ ଆର୍ମି ହାଜିର ହୋଇ ଲୋକଙ୍କୁ ସୁରକ୍ଷା ପ୍ରଦାନ କରୁଛି। ସବୁଠାରୁ ବଡକଥା ତାଙ୍କ ମନରେ ନିଜେ ପ୍ରତିରୋଧ କରିବାର ଶକ୍ତିକୁ ଭୀମ ଆର୍ମି ଜାଗ୍ରତ କରୁଛି।

ଅନ୍ୟାୟ ଓ ଅତ୍ୟାଚାରକୁ ରୋକିବା ପାଇଁ ସର୍ବଦା ସରକାର ଓ ପ୍ରଶାସନ ଉପରେ ନିର୍ଭର କଲେ ଚଳିବ ନାହିଁ। କାରଣ ଏପରି କରିବା ଲୋକ ସରକାର ଓ ପ୍ରଶାସନରେ ମଧ୍ୟ ଥାଆନ୍ତି। ତେଣୁ ନିଜର ସୁରକ୍ଷା ଓ ମୌଳିକ ଅଧିକାର ପାଇଁ ଲଢିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ଭୀମ ଆର୍ମି ଦେଶରେ ଏ ସମାଜିକ କର୍ତ୍ତବ୍ୟବୋଧକୁ ବଳିଷ୍ଠ ଓ ସଂଗଠିତ କରୁଛି। ଫଳରେ ଅସଂଖ୍ୟ ବଞ୍ଚିତ, ଶୋଷିତ ଓ ଅତ୍ୟାଚାରିତ ଲୋକଙ୍କ ହୃଦୟକୁ ଛୁଇଁ ପାରିଛି ଓ ବିକଳ୍ପର ସମ୍ଭାବନାକୁ ଉଦଜୀବିତ କରିଛି।

# ସନାତନ ଧର୍ମରେ ମାସ, ପକ୍ଷ ଓ ତିଥିର ଗୁରୁତ୍ୱ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଭାରତୀୟ ସଂସ୍କୃତିର ବିଶାଳ ଏବଂ ସ୍ପନ୍ଦନଶୀଳ ଇତିହାସରେ, ତିଥିଗୁଡ଼ିକ ଏକ ଅନନ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ। ଚନ୍ଦ୍ର ଦିବସ କୁହାଯାଉଥିବା ତିଥିଗୁଡ଼ିକ ହିନ୍ଦୁ କ୍ୟାଲେଣ୍ଡରର ମୂଳଦୁଆ ଏବଂ ଧାର୍ମିକ ପ୍ରଥା ଏବଂ ପରମ୍ପରା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତିଥିର ଧାରଣା ପୃଥିବୀ, ଚନ୍ଦ୍ର ଏବଂ ସୂର୍ଯ୍ୟଙ୍କ ମଧ୍ୟରେ ଜଟିଳ ସମ୍ପର୍କରୁ ଉତ୍ପନ୍ନ ହୋଇଛି। ପ୍ରତ୍ୟେକ ଚନ୍ଦ୍ର ଦିନ, ପ୍ରାୟ ୨୪ ଘଣ୍ଟା ଧରି, ଚନ୍ଦ୍ରର ବୃଦ୍ଧି କିମ୍ବା ହ୍ରାସ ଚକ୍ରର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟକୁ ପ୍ରତିନିଧିତ୍ୱ କରେ। ହିନ୍ଦୁମାନେ ଏକ ଚନ୍ଦ୍ର ପକ୍ଷରେ ୧୫ ତିଥି ପାଳନ କରନ୍ତି, ଯାହା ମଧ୍ୟରୁ ପ୍ରତ୍ୟେକର ନିଜସ୍ୱ ଅନନ୍ୟ ବୈଶିଷ୍ଟ୍ୟ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ଅଛି। ତିଥି ବିଭିନ୍ନ ଧାର୍ମିକ ରୀତିନୀତି ଏବଂ ଉତ୍ସବ ପାଇଁ ଏକ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରେ। ଭକ୍ତମାନେ ପ୍ରତ୍ୟେକ ତିଥି ସହିତ ଜଡିତ ନିର୍ଦ୍ଦିଷ୍ଟ ରୀତିନୀତି ଏବଂ ଉତ୍ସବ ପାଳନ କରନ୍ତି। ଉଦାହରଣ ସ୍ୱରୂପ, କିଛି ତିଥିକୁ ପୂଜା, ତୀର୍ଥଯାତ୍ରା କିମ୍ବା ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଶେଷ ଭାବରେ ଶୁଭ ବୋଲି ବିବେଚନା କରାଯାଏ। ବିପରୀତରେ, କିଛି ତାରିଖକୁ ଏପରି କାର୍ଯ୍ୟକଳାପ ପାଇଁ କମ୍ ଅନୁକୂଳ ବୋଲି ବିବେଚନା କରାଯାଇପାରେ। ହିନ୍ଦୁ କ୍ୟାଲେଣ୍ଡର ଯାହାକୁ ପଞ୍ଚାଙ୍ଗ ମଧ୍ୟ କୁହାଯାଏ, ଯାହା ଭାରତରେ ଶତାବ୍ଦୀ ଧରି ବ୍ୟବହୃତ ଏକ ଲୁନିସୋଲାର କ୍ୟାଲେଣ୍ଡର। ଏହା ସୌର ଏବଂ ଚନ୍ଦ୍ରଚକ୍ର ଉପରେ ଆଧାରିତ ଧାର୍ମିକ ରୀତିନୀତି, ପର୍ବପର୍ବାଣୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଶୁଭ ଦିନ ନିର୍ଣ୍ଣୟ କରେ। ହିନ୍ଦୁ କ୍ୟାଲେଣ୍ଡରର ଦୁଇଟି ମୁଖ୍ୟ ଅଂଶ ଅଛି: ସୌର ବର୍ଷ ଏବଂ ଚନ୍ଦ୍ର ବର୍ଷ। ସୌର ବର୍ଷ ହେଉଛି ସୂର୍ଯ୍ୟ ଚାରିପାଖରେ ପୃଥିବୀର ପରିକ୍ରମା, ଯାହାକୁ ୧୨ ମାସରେ ବିଭକ୍ତ କରାଯାଇଛି । ଚନ୍ଦ୍ର ବର୍ଷ ହେଉଛି ପୃଥିବୀ ଚାରିପାଖରେ ଚନ୍ଦ୍ରର ପରିକ୍ରମା, ଯାହାକୁ ୧୨ ମାସରେ ମଧ୍ୟ ବିଭକ୍ତ କରାଯାଇଛି। ହିନ୍ଦୁ କ୍ୟାଲେଣ୍ଡର ଏକ ଜଟିଳ ପ୍ରଣାଳୀ, କିନ୍ତୁ ଏହା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ। ଏହା ଧାର୍ମିକ ରୀତିନୀତି, ପର୍ବପର୍ବାଣୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଶୁଭ ଦିନ ନିର୍ଣ୍ଣୟ କରେ। ଏହା ଦୀପାବଳି, ହୋଲି ଏବଂ ନବରାତ୍ରି ଭଳି ହିନ୍ଦୁ ପର୍ବପର୍ବାଣୀ ପାଇଁ ବର୍ଷର ସମୟ ମଧ୍ୟ ନିର୍ଣ୍ଣୟ କରେ।

ହିନ୍ଦୁ ଶାସ୍ତ୍ର ଅନୁସାରେ ଏକ ମାସ ତାରିଖ କୁ ଦୁଇ ପକ୍ଷ ରେ ବିଭକ୍ତ କରାଯାଇଛି। ଶୁକ୍ଳ ପକ୍ଷ ଏବଂ କୃଷ୍ଣ ପକ୍ଷ। ଶୁକ୍ଳ ପକ୍ଷ ଚନ୍ଦ୍ର ପର୍ଯ୍ୟାୟ ଅନୁସାରେ। ଶୁକ୍ଳ ପକ୍ଷ ସମୟରେ, ଚନ୍ଦ୍ର ଅମାବାସ୍ୟାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅଗ୍ରସର ହୁଏ। ଏହି ପର୍ଯ୍ୟାୟକୁ ସାଧାରଣତଃ ବିଭିନ୍ନ କାର୍ଯ୍ୟ ପାଇଁ ଶୁଭ ବୋଲି ବିବେଚନା କରାଯାଏ। ଏହି ପର୍ଯ୍ୟାୟର ପ୍ରମୁଖ ତାରିଖ ଗୁଡ଼ିକ ଆରମ୍ଭ କରାଯାଏ , ଯଥା - ପ୍ରତିପଦ: ପ୍ରଥମ ଚନ୍ଦ୍ର ଦିବସ, ପ୍ରାୟତଃ ନୂତନ ଆରମ୍ଭ ଏବଂ ନୂତନ ଆରମ୍ଭ ସହିତ ଜଡିତ। ଦ୍ୱିତୀୟା : ଦ୍ୱିତୀୟ ଚନ୍ଦ୍ର ଦିବସ ନୂତନ ଉଦ୍ୟମ ଆରମ୍ଭ କରିବା ପାଇଁ ଅନୁକୂଳ। ତୃତୀୟା : ତୃତୀୟ ଚନ୍ଦ୍ର ଦିବସ, ପ୍ରାୟତଃ ଧନ ଏବଂ ସମୃଦ୍ଧି ସହିତ ଜଡିତ। ଚତୁର୍ଥୀ: ଭଗବାନ ଗଣେଶଙ୍କ ସହିତ ଜଡିତ ଚତୁର୍ଥ ଚନ୍ଦ୍ର ଦିବସ, ବାଧା ଦୂର କରିବା ପାଇଁ ଜଣାଶୁଣା। ପଞ୍ଚମୀ: ପଞ୍ଚମ ଚନ୍ଦ୍ର ଦିବସ, ସର୍ପ ଦେବତାଙ୍କ ସହିତ ଜଡିତ ଏବଂ ପ୍ରାୟତଃ ସର୍ପ ପୂଜା ପାଇଁ ପାଳିତ ହୁଏ। ଷଷ୍ଠୀ: ଷଷ୍ଠ ଚନ୍ଦ୍ର ଦିବସ, ଯୁଦ୍ଧର ଦେବତା ଭଗବାନ କାର୍ତ୍ତିକେୟଙ୍କ ସହିତ ଜଡିତ। ସପ୍ତମୀ: ସପ୍ତମ ଚନ୍ଦ୍ର ଦିବସ, ସୂର୍ଯ୍ୟ ଦେବତାଙ୍କ ସହିତ ଜଡିତ। ଅଷ୍ଟମୀ: ଅଷ୍ଟମ ଚନ୍ଦ୍ର ଦିବସ, ପ୍ରାୟତଃ ଭଗବାନ କୃଷ୍ଣଙ୍କ ପାଇଁ ଉତ୍ସର୍ଗୀକୃତ। ନବମୀ: ନବମ ଚନ୍ଦ୍ର ଦିବସ, ଦିବ୍ୟ ନାରୀ ଶକ୍ତି, ଦେବୀଙ୍କ ସହିତ ଜଡିତ। ଦଶମୀ: ଦଶମ ଚନ୍ଦ୍ର ଦିବସ, ପ୍ରାୟତଃ ଦୁର୍ଗା ପୂଜା ପାଇଁ ପାଳିତ ହୁଏ, ଦେବୀ ଦୁର୍ଗାଙ୍କୁ ସମ୍ମାନ ଜଣାଇବା ପାଇଁ ଏକ ପ୍ରମୁଖ ଉତ୍ସବ। ଏକାଦଶୀ: ଏକାଦଶୀ ଚନ୍ଦ୍ର ଦିନ ଅନେକ ହିନ୍ଦୁଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପବାସ ଦିନ। ଦ୍ୱାଦଶୀ: ଦ୍ୱାଦଶୀ ଚନ୍ଦ୍ର ଦିନ, ପ୍ରାୟତଃ ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କ ସହିତ ଜଡିତ। ତ୍ରୟୋଦଶୀ: ତ୍ରୟୋଦଶୀ ଚନ୍ଦ୍ର ଦିନ, ଭଗବାନ ଶିବଙ୍କ ସହିତ ଜଡିତ। ଚତୁର୍ଦ୍ଦଶୀ: ଚତୁର୍ଦ୍ଦଶୀ ଚନ୍ଦ୍ର ଦିନ, ପ୍ରାୟତଃ ପ୍ରମୁଖ ପର୍ବପର୍ବାଣୀ ପାଇଁ ପ୍ରସ୍ତୁତିର ଦିନ ଭାବରେ ପାଳନ କରାଯାଏ। ପୂର୍ଣ୍ଣିମା: ପଞ୍ଚଦଶ ଚନ୍ଦ୍ର ଦିନ, କିମ୍ବା ପୂର୍ଣ୍ଣିମା, ବିଭିନ୍ନ ରୀତିନୀତି ଏବଂ ପ୍ରାର୍ଥନା ପାଇଁ ଅତ୍ୟନ୍ତ ଶୁଭ

ଏହାପରେ କୃଷ୍ଣ ପକ୍ଷ :କ୍ଷୟ ଚନ୍ଦ୍ର ପର୍ଯ୍ୟାୟ ଅନୁସାରେ। କୃଷ୍ଣ ପକ୍ଷ ସମୟରେ, ଚନ୍ଦ୍ରର ଆକାର ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ ହ୍ରାସ ପାଏ। ଯଦିଓ ଏହି ପର୍ଯ୍ୟାୟକୁ ସାଧାରଣତଃ କମ୍ ଶୁଭ ବୋଲି ବିବେଚନା କରାଯାଏ, କିଛି ତାରିଖ ଗୁରୁତ୍ୱପୂର୍ଣ୍ଣ। ପ୍ରତିପଦ: ହ୍ରାସ ପର୍ଯ୍ୟାୟର ପ୍ରଥମ ଚନ୍ଦ୍ର ଦିବସ। ଦ୍ୱିତୀୟା : ହ୍ରାସ ପର୍ଯ୍ୟାୟର ଦ୍ୱିତୀୟ ଚନ୍ଦ୍ର ଦିବସ। ତୃତୀୟା: ହ୍ରାସ ପର୍ଯ୍ୟାୟର ତୃତୀୟ ଚନ୍ଦ୍ର ଦିବସ। ଚତୁର୍ଥୀ: ହ୍ରାସ ପର୍ଯ୍ୟାୟର ଚତୁର୍ଥ ଦିନ, ପ୍ରାୟତଃ ଭଗବାନ ଗଣେଶଙ୍କ ସହିତ ଜଡିତ। ପଞ୍ଚମୀ: ହ୍ରାସ ପର୍ଯ୍ୟାୟର ପଞ୍ଚମ ଚନ୍ଦ୍ର ଦିବସ। ଷଷ୍ଠୀ: ହ୍ରାସ ପର୍ଯ୍ୟାୟର ଷଷ୍ଠ ଚନ୍ଦ୍ର ଦିବସ। ସପ୍ତମୀ: ହ୍ରାସ ପର୍ଯ୍ୟାୟର ସପ୍ତମ ଚନ୍ଦ୍ର ଦିବସ। ଅଷ୍ଟମୀ: ହ୍ରାସ ପର୍ଯ୍ୟାୟର ଅଷ୍ଟମ ଚନ୍ଦ୍ର ଦିବସ। ନବମୀ: ହ୍ରାସ ପର୍ଯ୍ୟାୟର ନବମ ଚନ୍ଦ୍ର ଦିବସ। ଦଶମୀ: ହ୍ରାସ ପର୍ଯ୍ୟାୟର ଦଶମ ଚନ୍ଦ୍ର ଦିବସ। ଏକାଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ଏକାଦଶ ଦିନ, ପ୍ରାୟତଃ ଏକ ଗୁରୁତ୍ୱପୂର୍ଣ୍ଣ ଉପବାସ ଦିବସ ଭାବରେ ପାଳନ କରାଯାଏ। ଦ୍ୱାଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ଦ୍ୱାଦଶ ଚନ୍ଦ୍ର ଦିବସ। ତ୍ରୟୋଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ତ୍ରୟୋଦଶ ଚନ୍ଦ୍ର ଦିବସ। ଚତୁର୍ଦ୍ଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ଚତୁର୍ଦ୍ଦଶ ଦିନ, ପ୍ରାୟତଃ ଭଗବାନ ଶିବଙ୍କ ସହିତ ଜଡିତ ଏବଂ ଏହି ଦିନ ମାଘ ମାସରେ ମହାଶିବରାତ୍ରି ଭାବରେ ପାଳନ କରାଯାଏ। ଅମାବାସ୍ୟା: ପଞ୍ଚଦଶ ଚନ୍ଦ୍ର ଦିବସ, ଅମାବାସ୍ୟା, ନୂତନ ଆରମ୍ଭ ପାଇଁ କମ୍ ଶୁଭ ବୋଲି ବିବେଚନା କରାଯାଏ।

ବିଭିନ୍ନ ତିଥିର ଗୁରୁତ୍ୱ ଏବଂ ସେମାନଙ୍କ ସହିତ ଜଡିତ ଗ୍ରହ ପ୍ରଭାବକୁ ବୁଝି, ବ୍ୟକ୍ତିମାନେ ସେମାନଙ୍କର କାର୍ଯ୍ୟକୁ ମହାଜାଗତିକ ତାଳ ସହିତ ସଜାଡ଼ି ପାରିବେ ଏବଂ ସେମାନଙ୍କ ପ୍ରୟାସର ସକାରାତ୍ମକ ଫଳାଫଳ ବୃଦ୍ଧି କରିପାରିବେ। ଏକ ଆଧୁନିକ ଜୀବନଶୈଳୀରେ ତିଥିଗୁଡ଼ିକୁ ସାମିଲ କରିଲେ ବହୁ କଥା ଜାଣିବାକୁ ମିଳେ। ତିଥି ଏବଂ ଏହାର ଗୁରୁତ୍ୱକୁ ଚିହ୍ନନ୍ତୁ: -ପ୍ରଚଳିତ ତିଥି ବିଷୟରେ ଜାଣିବା ପାଇଁ ପ୍ରତିଦିନ ସମୟ ନିଅନ୍ତୁ।ତିଥିର ବୈଶିଷ୍ଟ୍ୟ ଏବଂ ଏହା ସହିତ ଜଡିତ ରୀତିନୀତିଗୁଡ଼ିକୁ ବୁଝିବା ଦିନ ପ୍ରତି ଆପଣଙ୍କ ଦୃଷ୍ଟିକୋଣକୁ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିପାରିବ। ଆଧୁନିକ ବ୍ୟାଖ୍ୟା: ତିଥି ପାଳନର ମୂଳ ନୀତିଗୁଡ଼ିକ ହେଉଛି କୃତଜ୍ଞତା ପ୍ରକାଶ କରିବା, ସଚେତନ ହେବା ଏବଂ ଆତ୍ମ-ପ୍ରତିଫଳନ। ଏହି ଅଭ୍ୟାସଗୁଡ଼ିକୁ ଆପଣଙ୍କ ପାଇଁ ପ୍ରାସଙ୍ଗିକ ଦୈନନ୍ଦିନ କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ କରିବାର ଉପାୟ ଖୋଜନ୍ତୁ। ଉଦାହରଣ ସ୍ୱରୂପ, ପ୍ରତିଫଳିତ ତିଥି ସମୟରେ ଜର୍ଣ୍ଣାଲିଂ କରିବା କିମ୍ବା ଶୁଭ ତିଥି ସମୟରେ କୃତଜ୍ଞତା ଜ୍ଞାପନ ସହିତ ଦିନ ଆରମ୍ଭ କରିବା ହେଉଛି କିଛି ଅଭ୍ୟାସ ଯାହା ଆପଣ ବିଚାର କରିପାରିବେ। ଏହି ଅଭ୍ୟାସଗୁଡ଼ିକୁ ଅନ୍ତର୍ଭୁକ୍ତ କରି, ଆପଣ ତିଥିର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ସଂଯୋଗ କରିପାରିବେ ଏବଂ ଆପଣଙ୍କ ଦୈନନ୍ଦିନ ଜୀବନକୁ ଉଦ୍ଦେଶ୍ୟ ଏବଂ ଗଭୀର ଅର୍ଥର ଭାବନା ସହିତ ପ୍ରଭାବିତ କରିପାରିବେ।

# କୃଷି କ୍ଷେତ୍ରରେ ଯୁବକମାନଙ୍କ ଉଦାସୀନତା



କିଶୋର ଚନ୍ଦ୍ର ଜେନା
ସ୍ୱେଚ୍ଛାକୃତ ବରିଷ୍ଠ ଅଧିକାରୀ,
ବି.ଏସ.ଏନ.ଏଲ
ଏବଂ ଅଧିବକ୍ତା, ଭୁବନେଶ୍ୱର
ମୋ: ୯୪୩୭୦୪୧୩୦୦

ଭାରତରେ ୫୦%ରୁ ଅଧିକ ଜନସଂଖ୍ୟା ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ବିଡ଼ମ୍ବନାର ବିଷୟ ଏହିକି ଯେ ଦେଶର ଯୁବବର୍ଗ ବର୍ତ୍ତମାନ ଏହା ଉପରୁ ମୁହଁ ମୋଡ଼ିବାରେ ଲାଗିଛନ୍ତି। ଦିନ ଥିଲା ଯେତେବେଳେ କୃଷିକ୍ଷେତ୍ରରେ ଯୁବକମାନଙ୍କର ଅଦ୍ୟମ ଉତ୍ସାହ ଥିଲା ଏବଂ ଉତ୍ସାହଭରା ସଂଗୀତର ଲହରୀ ଛୁଟିଆସୁଥିଲା,ବର୍ତ୍ତମାନ କିନ୍ତୁ ଏହା ଶୂନ୍ୟତା ଏବଂ ବୃଦ୍ଧ କୃଷକଙ୍କ ଉପରେ କୃଷି ନିର୍ଭରଶୀଳ। ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନ ଆକଳନ ଅନୁସାରେ, ବିଶ୍ୱରେ କୃଷିକ୍ଷେତ୍ରରେ ଯୁବକମାନଙ୍କର ଅଧିକରୁ ଅଧିକ ଯୋଗଦାନର ଦ୍ୱାରା ପୃଥିବୀର ଭାଗ୍ୟ ବଦଳିପାରିବ। ଏହି ସଂଗଠନ କୃଷି ଓ ଖାଦ୍ୟ ପ୍ରଣାଳୀ ଉପରେ ଏବଂ ଏ ସନ୍ଦର୍ଭରେ ଯୁବକମାନଙ୍କର ସ୍ଥିତି ଉପରେ ଏକ ସନ୍ଦର୍ଭ ଜାରି କରିଅଛି। ସନ୍ଦର୍ଭର ସାରାଂଶଟି ହେଲା ଯୁବକମାନଙ୍କର ଅଧିକରୁ ଅଧିକ ଯୋଗଦାନ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଏ କ୍ଷେତ୍ରରେ ବିଭିନ୍ନ ପ୍ରକାର କୌଶଳ ଓ ଅଭାବକୁ ମଧ୍ୟ ଏମାନେ ହିଁ ପୂରଣ କରିପାରିବେ। ଗୋଟିଏ ପକ୍ଷରେ ସଂଯୁକ୍ତ ରାଷ୍ଟ୍ରର ଯୁବକମାନଙ୍କର ଅଂଶଗ୍ରହଣ ବହୁ ପରିମାଣରେ ଉତ୍ସାହବର୍ଦ୍ଧକ ଥିବାବେଳେ, ଅନ୍ୟପକ୍ଷରେ ଭାରତରେ କିନ୍ତୁ ଏ କ୍ଷେତ୍ରରେ ଯୁବକମାନଙ୍କ ସମ୍ପୃକ୍ତି ଅତ୍ୟନ୍ତ ନୈରାଶ୍ୟଜନକ ଭାବେ ପ୍ରତୀୟମାନ। ଏହାର ମୁଖ୍ୟତଃ କାରଣଗୁଡ଼ିକ ହେଲା ଅଳ୍ପ ଲାଭ, କଠିନ ପରିଶ୍ରମ, ଅନିଶ୍ଚିତତା ଆୟ, ପ୍ରକୃତିର ବିଷମତା, ଜଳସ୍ରୋତର ନିଅଣ୍ଟିଆ ପରିସ୍ଥିତି, ଅନୁନ୍ନତ କୃଷି ପ୍ରଣାଳୀ ଆଦି ଅନେକ ସଂକଟ ଦ୍ୱାରା ସଂଶ୍ଲିଷ୍ଟ। ଏଥିରୁ ସ୍ୱଷ୍ଟ ଅନୁମେୟ ଯେ କୃଷିକ୍ଷେତ୍ରରେ ଏ ବିରାଟ ପରିବର୍ତ୍ତନ କେବଳ କୃଷି କ୍ଷେତ୍ରରେ ସୀମିତ ନୁହେଁ, ବରଂ ଏହା ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ଅସଂଯମତା ସହିତ ସାମାଜିକ ସଂରଚନା ପାଇଁ ମଧ୍ୟ ଘୋର ବିପଦ ସଦୃଶ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯୁବକମାନେ ଏ କ୍ଷେତ୍ରପ୍ରତି କାହିଁକି ବିମୁଖ ଅନ୍ୟ ପ୍ରଶ୍ନଟି ହେଲା କ'ଣ ଆମେ ସେମାନଙ୍କୁ ଏ କ୍ଷେତ୍ରରୁ ଯିବାପାଇଁ ବୀତସ୍ପୃହ କରାଯାଉଅଛି। ଏହିପରି ନାନାଧିକ ପ୍ରଶ୍ନ କୃଷି କ୍ଷେତ୍ର ଆଜି ମଧ୍ୟ ମୌସୁମୀ ଦୟାରେ ନିର୍ଭରଶୀଳ। କେତେବେଳେ ମରୁଡ଼ି ତ କେତେବେଳେ ବନ୍ୟା ଓ କେତେବେଳେ ଅପବୃଷ୍ଟି, ଅନାବୃଷ୍ଟି, କେତେବେଳେ କୃଷି ପଦାର୍ଥର ସଂରକ୍ଷଣ ଅଭାବ ଓ କେତେବେଳେ ଅବମୂଲ୍ୟାୟନ। କୃଷକମାନେ ପ୍ରତିବର୍ଷ କୌଣସି ନା କୌଣସି ସମସ୍ୟା ଦ୍ୱାରା ଆକ୍ରାନ୍ତ। ଦିନକୁ ଦିନ କୃଷି କ୍ଷେତ୍ରରେ ଉପୁଜା ଖର୍ଚ୍ଚ ବଢୁଥିଲେ ମଧ୍ୟ ବଜାରରେ ସେମାନଙ୍କୁ ଉଚିତ ଦର ମିଳୁନାହିଁ ଏବଂ ଖୁବ୍ କମ୍ ପାରିଶ୍ରମିକ ମିଳୁଥିବାରୁ ଯୁବକମାନେ ଅନ୍ୟତ୍ର ଯିବା ପାଇଁ ବାଧ୍ୟ ହେଉଛନ୍ତି। ଗ୍ରାମୀଣ ଯୁବକମାନେ ଚିନ୍ତା କରୁଛନ୍ତି ଯେ, ସେ କାହିଁକି ଏଥିପାଇଁ ଶକ୍ତି ଓ ସମୟ ଉପଯୋଗ କରିବେ। ବର୍ତ୍ତମାନ ମଧ୍ୟ ଯୁବକମାନେ ଭାବୁଛନ୍ତି ଯେ ଏ ପୁରୁଣା ଲୋକଙ୍କର କାମ କାର୍ଯ୍ୟ। ଗ୍ରାମରେ ଅନୁନ୍ନତ ଜୀବନଶୈଳୀ ଏବଂ ସହରରେ ଉନ୍ନତ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ଉନ୍ନତ ଗମନାଗମନ ସୁବିଧା ଏବଂ ଚାକଚକ୍ୟ ଜୀବନଶୈଳୀ, ବୃତ୍ତିଗତ ସୁବିଧା ମଧ୍ୟ ଏ ଦିଗରୁ ସେମାନଙ୍କ ନଜର ହଟାଉଥିବାର ମୁଖ୍ୟ କାରଣ। ଜଣେ ବୃଦ୍ଧ କୃଷକ ବି ଏ କଷ୍ଟ କାମକୁ ତାଙ୍କର ସନ୍ତାନସନ୍ତତିଙ୍କୁ ତାଙ୍କପରି କଷ୍ଟ ଜୀବନଶୈଳୀକୁ ଆପଣାଇବାକୁ ଚାହୁଁନାହାନ୍ତି।

ସରକାର ଦଶନ୍ଧି ଦଶନ୍ଧି ଧରି କୃଷି ଶିକ୍ଷାର ଅଭିବୃଦ୍ଧି ସହିତ ଏହାର ପ୍ରଚାର ପ୍ରସାର କରିଆସୁଛନ୍ତି। ଏଥିପାଇଁ ବଜେଟ୍‌ରେ କୃଷି ଅଭିବୃଦ୍ଧି ପାଇଁ ଅଧିକ ଖର୍ଚ୍ଚ କରାଯାଉଅଛି। ଦେଶରେ ବିଭିନ୍ନ ସ୍ଥାନରେ ୭୩ଟି କୃଷି ବିଦ୍ୟାଳୟ ଖୋଲାଯାଇଅଛି। ପିଲାଙ୍କୁ ପଢ଼ିବା ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଉଅଛି। ଲକ୍ଷ୍ୟ ହେଉଛି ଛାତ୍ରମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷାପରେ କୃଷିକ୍ଷେତ୍ରରେ ସେମାନଙ୍କର ଯୋଗଦାନ ଦିଅନ୍ତୁ କିନ୍ତୁ ଦେଖାଯାଉଅଛି ଯେ ଏମାନେ ମୁଖ୍ୟତଃ ଚାକିରି ପଛରେ ଦୌଡ଼ୁଛନ୍ତି। ଏ ପ୍ରକାର ଭାବନା ବଳବତ୍ତର ରହିବ ଯେତେଦିନ ପର୍ଯ୍ୟନ୍ତ କୃଷିକ୍ଷେତ୍ରରେ ବ୍ୟବସାୟିକ ବୃଦ୍ଧି ନ ଘଟିଛି। ଆହୁରି ମଧ୍ୟ ଜମି ଅଧିଗ୍ରହଣ ମୁଖ୍ୟ ସମସ୍ୟା। ଭୂମିର ଆବଣ୍ଟନୀକରଣ। ମହଙ୍ଗାରେ ଲିଜ୍ ନେବା ଏବଂ ଅନୁନ୍ନତ ସଂସାଧନ ଯୁବକମାନଙ୍କୁ କୃଷିରୁ ଅନ୍ତର କରୁଅଛି। କେତେକ ଯୁବକଙ୍କ ପାଖରେ ଜମି କ୍ଷେତ୍ର ନ ଥିବା ବେଳେ, ଅନେକଙ୍କ ପାଖରେ ଖୁବ୍ କମ୍ ଜମି ଯାହା କୃଷି ପାଇଁ ଅନୁପଯୋଗ୍ୟ ହେଉଅଛି। ସଂଯୁକ୍ତ ରାଷ୍ଟ୍ରରେ କୃଷି ଏବଂ ଖାଦ୍ୟ ସଂଗଠନ କୃଷିକୁ ଉନ୍ନତିର ସିଢ଼ି ଭାବେ ବିବେଚନା କରେ। ସଂଗଠନ ଦ୍ୱାରା ପ୍ରକାଶିତ ସଂଦର୍ଭ ଅନୁସାରେ ଦୁନିଆରେ ୧୫ରୁ ୨୪ ବର୍ଷର ଆୟୁ ମଧ୍ୟରୁ ୧.୩ ଆରବ ହେଉଛନ୍ତି ଯୁବକବର୍ଗ। ସେମାନଙ୍କ ମଧ୍ୟରୁ ୮୫ ପ୍ରତିଶତ ନିମ୍ନ ଓ ନିମ୍ନମଧ୍ୟମ ଆୟ ଶ୍ରେଣୀୟ ଦେଶରେ ରହନ୍ତି। ଯଦି ଏହି ଯୁବକମାନଙ୍କୁ ଉନ୍ନତ ଦେଶଭଳି ସମାନ ସୁଯୋଗ ଏବଂ ଉନ୍ନତ ସଂସାଧନ ଏବଂ ସମର୍ଥନ ମିଳିବ, ତେବେ ବିଶ୍ୱ ଜି.ଡି.ପି.ରେ ୧.୫ ଟ୍ରିଲିୟନ ଡଲାରର ଅତିରିକ୍ତ ବୃଦ୍ଧି ହୋଇପାରନ୍ତା। ତାହା ମଧ୍ୟରୁ ୪୫ ପ୍ରତିଶତ ଭାଗ କେବଳ କୃଷି ଏବଂ ଖାଦ୍ୟ କ୍ଷେତ୍ରରୁ ସମ୍ଭବ ହେବ। ବର୍ତ୍ତମାନ ସମସ୍ତଙ୍କ ମନରେ ପ୍ରଶ୍ନ କ'ଣ କୃଷି କ୍ଷେତ୍ରରେ ଭବିଷ୍ୟତ ନାହିଁ ? ଏହାର ସରଳ ଉତ୍ତର ହେଲା କୃଷି ହେଉଛି ଆମ୍ଭର ଭବିଷ୍ୟତ। କିନ୍ତୁ ଆମ୍ଭର ଦାୟିତ୍ୱ ହେଉଛି ଏହାକୁ ଭବିଷ୍ୟତରେ ଯୋଗ୍ୟ କରିବାକୁ ପଡ଼ିବ। ମୁଖ୍ୟ ଆବଶ୍ୟକତା ହେଉଛି ଏହା ଲାଭକାରୀ ଏବଂ ଆକର୍ଷଣୀୟ କରି ଗଢ଼ି ତୋଳିବାକୁ ପଡ଼ିବ। ଯଦି କୃଷି ଲାଭଦାୟକ ଏବଂ ଆକର୍ଷିତ ହେବ, ତେବେ ଯୁବପିଢ଼ି ନିଶ୍ଚିତ ଭାବରେ ଏ କ୍ଷେତ୍ର ପ୍ରତି ଆକର୍ଷିତ ହେବେ। ୨୦୦୪ ମସିହାରେ ଏମ୍.ଏସ୍ ସ୍ୱାମୀନାଥନଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ କୃଷି ଆୟୋଗ ଏହାର ସନ୍ଦର୍ଭରେ କୃଷିକୁ ଲାଭଜନକ ଏବଂ ଯୁବକଙ୍କୁ ଆକର୍ଷିତ କରିବା ପାଇଁ ଜୋର୍ ଦେଇଥିଲେ। ଏହି ସନ୍ଦର୍ଭରେ ଉଲ୍ଲେଖନୀୟ ବିନ୍ଦୁଗୁଡ଼ିକ ହେଲା- ଭୂମି ସଂସ୍କାର, ଜଳସେଚନ, ଫସଲ ବୀମା, ଫସଲ ମୂଲ୍ୟ ନିର୍ଦ୍ଧାରଣ, ବିତରଣ ପ୍ରଣାଳୀ, ରୋଜଗାର ସୁଧାର ଏବଂ ଖାଦ୍ୟ ସୁରକ୍ଷା ଏବଂ ସଂରକ୍ଷଣ ଆଦି ବିଭିନ୍ନ ଦିଗ ଉପରେ ନୀତି ନିର୍ଦ୍ଧାରଣ ପାଇଁ ଆବଶ୍ୟକତା ପଦକ୍ଷେପ ନେବାପାଇଁ ସୁପାରିସ କରିଥିଲେ। ଦୁର୍ଭାଗ୍ୟବଶତଃ ଯାହା ସୁପାରିସ କରାଯାଇଥିଲା, କାର୍ଯ୍ୟକାରିତାରେ ତା'ଠାରୁ କମ୍ ପଦକ୍ଷେପ ନିଆଯାଇଥିଲା। ଏହାକୁ ଯଦି ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଇଥାଆନ୍ତା ତେବେ ବର୍ତ୍ତମାନର କୃଷିର ଚିତ୍ର କିନ୍ତୁ ସ୍ପଷ୍ଟଭାବେ ଅଲଗା ହୋଇପାରିଥାଆନ୍ତା। ଯୁବକମାନଙ୍କୁ କୃଷିକ୍ଷେତ୍ର ପ୍ରତି ଆକର୍ଷିତ କରିବାର ବିନ୍ଦୁଗୁଡ଼ିକ ହେଲା, ଡ୍ରୋନ୍, ସେନସର, ଆଧୁନିକ ଜଳ ପ୍ରବାହ, ସିଞ୍ଚନ, ଦୈନିକ କ୍ଷେତୀ, ଡାଟା ବିଶ୍ଲେଷଣ, ଉନ୍ନତ କୃଷି ଯନ୍ତ୍ରପାତି, ଉନ୍ନତ ଜଳ ସେଚନ ବ୍ୟବସ୍ଥା ହିଁ ନିଶ୍ଚିତ ଭାବରେ ନବାଗତ ଯୁବକମାନଙ୍କୁ ଆକର୍ଷିତ କରିବ। ଏ ପ୍ରକାର ସୁବିଧା ମଧ୍ୟ ଦେଶରେ ଅନେକ ସ୍ଥାନରେ ଲାଗୁ ହେଲାଣି ଏବଂ ସଫଳତା ଦେଖିବାକୁ ମିଳିଲାଣି। କିନ୍ତୁ ଏହି ଦିଗରେ ଆଗକୁ ବଢ଼ିବାର ଅଛି ଏବଂ ଏହାର ସାମଗ୍ରୀକତା ଉପରେ ଧ୍ୟାନ ଦେବାର ଅଛି। ଏଗ୍ରି-ବିଜନେସ୍ ଏବଂ କୃଷିକ୍ଷେତ୍ର ସହିତ ଜଡ଼ିତ ନୂଆ ନୂଆ ପଦକ୍ଷେପ ମଧ୍ୟ ନୂତନ ସୁଯୋଗ ସୃଷ୍ଟି କରିପାରିବ। କୃଷି କେବଳ ଉତ୍ପାଦନ ନୁହେଁ, ଏହାକୁ ଉତ୍ପାଦନରୁ ଆରମ୍ଭ କରି ଯୋଗାଣ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ଯଦି ଯୁବକମାନେ ଏ ସମସ୍ତ ସୁବିଧା ସୁଯୋଗ ଦ୍ୱାରା ସଂଯୁକ୍ତ ଦେଇପାରିବେ, ତେବେ ସେମାନେ ଏହାକୁ ପେଶା ଭାବରେ ଗ୍ରହଣ କରନ୍ତେ। ଗ୍ରାମୀଣ ଯୁବକମାନେ ମଧ୍ୟ ଖାଦ୍ୟ ସଂରକ୍ଷଣର ସୁବିଧା, ମାର୍କେଟିଂର ସୁବିଧା, ପ୍ୟାକେଟିଂ, ବ୍ରାଣ୍ଡିଙ୍ଗ ଏବଂ ପ୍ରସେସିଙ୍ଗ ଆଦିର ସୁବିଧାମାନ ଉପଲବ୍ଧ ହେବେ, ତେବେ ନିଶ୍ଚିତ ଭାବରେ ଅଧିକରୁ ଅଧିକ ଯୁବ କୃଷକମାନେ ଏଥିରେ ଆକୃଷ୍ଟ ହୁଅନ୍ତେ। ଯଦି ଜିଲ୍ଲାସ୍ତରରେ କୌଶଳ ବିକାଶ କେନ୍ଦ୍ର ଏବଂ ପ୍ରଶିକ୍ଷଣ କେନ୍ଦ୍ରମାନ ଖୋଲାଯାଆନ୍ତା, ତେବେ କମ୍ ପିଢ଼ିର ଯୁବକମାନେ ଆକର୍ଷିତ ହୁଅନ୍ତେ। ଯୁବକମାନଙ୍କୁ କୃଷି କ୍ଷେତ୍ରପ୍ରତି ସଂଯୁକ୍ତି ଓ ସଂଶ୍ଳିଷ୍ଟ ପାଇଁ, କୃଷି ଉତ୍ପାଦନର ଉଚିତ ମୂଲ୍ୟ, କୃଷି ବୀମା ଯୋଜନା ଅତ୍ୟନ୍ତ ଜରୁରୀ। ଯେପର୍ଯ୍ୟନ୍ତ ତାଙ୍କର ପାରିଶ୍ରମିକ ମୂଲ୍ୟ ନ ମିଳିବ, ସେପର୍ଯ୍ୟନ୍ତ ଏ କ୍ଷେତ୍ରକୁ କେହି ଗମ୍ଭୀରତା ବୋଲି ଧରିବେ ନାହିଁ। ଆହୁରି ମଧ୍ୟ ଗ୍ରାମରେ ଉନ୍ନତମାନର ରାସ୍ତା, ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ, ଇଣ୍ଟରନେଟ୍, ବ୍ୟାଙ୍କିଂ ଗମନାଗମନ ସୁବିଧା ହେଲେ, ସେମାନେ ସହରାଭିମୁଖୀ ନ ହୋଇ ଗ୍ରାମରେ ଏହାଙ୍କୁ ପେଶା ଭାବରେ ଗ୍ରହଣ କରିବେ।

ଆମର ଅତୀତ ପାରମ୍ପରିକ କ୍ଷେତି ଥିଲା। ବର୍ତ୍ତମାନ ମଧ୍ୟ ଏହାକୁ ଅଧିକ ଉନ୍ନତ କରିପାରିବା ଏବଂ ଭବିଷ୍ୟତରେ କ୍ଷେତି ଚମକିବ। କେବଳ ଆମେ କୃଷିକୁ ଏକ ବେରୋଜଗାରମାନଙ୍କର କାମର ମାନସିକତାକୁ ଆମ୍ଭେ ମନରୁ ବହିଷ୍କାର କରିବାର ଆବଶ୍ୟକତା ଅଛି। କୃଷି କ୍ଷେତ୍ର ଦ୍ୱାରା ନୂତନତ୍ୱ ଆତ୍ମନିର୍ଭରତା ଏବଂ ରାଷ୍ଟ୍ରନିର୍ମାଣର ଅପାର ସମ୍ଭାବନା ଅଛି। ଯୁବକମାନଙ୍କୁ ଏ କ୍ଷେତ୍ରରେ ଅଧିକରୁ ଅଧିକ ସମ୍ପୃକ୍ତ ଓ ସଂଯୁକ୍ତ କରିବା ପାଇଁ କେବଳ ସରକାରୀ ଯୋଜନାର ଉପଲବ୍ଧତା ନୁହେଁ ବରଂ ସାମାଜିକ ମାନସିକତାର ପରିବର୍ତ୍ତନ ଦ୍ୱାରା ହିଁ ସମ୍ଭବ। ଯଦି ଆମ୍ଭେ ଭାରତକୁ ୨୦୩୬ ମସିହା ସୁଧା ଏକ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ଅଛି, ତେବେ ଯୁବକଙ୍କୁ ଏ କ୍ଷେତ୍ର ପ୍ରତି ଆକୃଷ୍ଟ ଏବଂ ଆକର୍ଷିତ କରିବା ନିତ୍ୟାନ୍ତ ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଜୀବନବୃତ୍ତ

**ଡ. ଦୀପକ କୁମାର ମିଶ୍ର**



ତୁମେ କି ଜାଣିବ ମରୁଗୁଳ୍ମଟିଏ କେତେ ସଂଘାତରେ ବଞ୍ଚେ
ତୁମେ କି ବୁଝିବ ମେଘ ଉହାଡ଼ରୁ ଜହ୍ନ କାହାକୁ ଖୋଜେ
ହୃଦୟ ଧ୍ୱନିରେ ଟାଣିହୁଏ ହୃଦ ସ୍ୱତଃ ପ୍ରବୃତ୍ତି ପାଇଁ
ସ୍ନେହର ପସରା ମମତା କଳେନା ଛାଏଁ ବାତ୍ସଲ୍ୟ ଆସଇ ଧାଇଁ ।

ତୁମେ କି ଶୁଝିବ ପିତୃତ୍ୱର ଋଣ, ଯୁଝ ରୁଗ୍ଣ ଯୌବନର ବ୍ୟଥା
ତୁମେ କି ଯୁଝିବ ଜୀବନର ଯୁଦ୍ଧ, ମୂଲ୍ୟବୋଧ ଯହିଁ ବୃଥା
ପାଦର କଣ୍ଟା ଗାଇଯିବ ଯେବେ ମୃଦୁ ଛୁଆଁ ପଦେ ଗୀତ
ଜାଣିବ ସେଦିନ ଜୀବନର ବେଳ ଗଡ଼େ କାହିଁ ରତ ରତ ।

ଅର୍ଥର ସର୍ତ୍ତରେ ସଂସାର ଚାଲେନି ସମ୍ପର୍କ ସ୍ମାରକ ରଚେ
ରହସ୍ୟ ରଚନା ଲେଖିବାକୁ ପରା ମଣିଷ କି ଆଉ ଇଚ୍ଛେ
ସରଳ ଶଗଡ଼ ଗଡି ଯାଉ ଗଡ଼ି ଆଖି ଥାଇ ଅନ୍ଧ ସାଜେ
କାହାକୁ ଖୁଣ୍ଟିବି ସବୁ ତ ଦେଖୁଚି ଜୀବନ ଗଣିତ ବୁଝେ ।

ବାଲ୍ୟତ କାଟିଲି ଅଭାବ କଷଣେ, ଯୌବନ ସଂଘର୍ଷ ଜୁଇ
ମଧ୍ୟମା ଆକାଶ ଅପମାନ ପୂର୍ଣ୍ଣ କେତେ ବା ପାରିବି ସହି ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## ଚା'କପ୍

**ପ୍ରଣୀତା ମିଶ୍ର**



ଚା' କପରେ ଅଟକି ଥାଏ ଜୀବନ
ଆରମ୍ଭ ହୁଏ ସକାଳ
ଧୂଆଁ ଧୂଆଁ ଦିଗବଳୟ
ଚଢ଼େଇଙ୍କ କିଚିରି ମିଚିରି
ଦୁଇ କପ୍ ଚା ସହ ଆରମ୍ଭ
ଦିନର ଯେତେ ସବୁ ଧାଁ ଧଉଡ ।

ଭରି ଯାଏ ଜୀବନୀ ଦେହରେ
ଚାହାର ନିବିଡ଼ ସ୍ପର୍ଶରେ
ଶିରା ପ୍ରଶିରାରେ ଖେଳେ
ଅଦ୍ଭୁତ ଚମକ ସବୁ
ଦିନଟା ହୋଇଯାଏ ଅତୀବ ଉଜ୍ଜ୍ୱଳ
ଡାଏରୀର ଟିପା କାମ
ଦୃଷ୍ଟିପଥେ ହୁଏ ସମୁଜ୍ଜ୍ୱଳ ।

ଚା'ର ଆସର ତ ଦିନ ସାରା
ଚାଲେ ବହୁବାର
କେବେ ନାଲି କେବେ ଧଳା
ସବୁଜ ଚାହା ତ ସ୍ୱାସ୍ଥ୍ୟ ପକ୍ଷେ ହିତକର ।

ଚା' ନୁହେଁ ଖାଲି ପାନୀୟ ଗୋଟିଏ
ବଢ଼ାଏ ସେ ଆତ୍ମୀୟତା ସାଙ୍ଗସାଥୀରେ
ପରସ୍ପର ଦୁଃଖ ସୁଖ ବାଣ୍ଟି ନିଜ ମଧ୍ୟେ
ସମ୍ମିଳିତ ହୁଅନ୍ତି ଚା ଖଟିରେ
କେବେ ପଞ୍ଚ ତାରକା ହୋଟେଲରେ
କେବେ କଫି ସପ୍‌ରେ ।

ଭୁବନେଶ୍ୱର

## ସକାଳ ଖବର

**ସାରଦା ପ୍ରସାଦ ଆଚାର୍ଯ୍ୟ**



ସବୁ ଖବର କାଗଜ ପ୍ରଥମ ପୃଷ୍ଠାରେ
ଛୋଟିଆ ଖବର,
ଜଣେ କବି ପାଇବେ ପୁରସ୍କାର ।
ଦ୍ୱିତୀୟ ପୃଷ୍ଠାରେ,
କବିର କବିତା
ଆଜି ଯାଏ ଧରିପାରିନି କୁଣ୍ଢ ବେଢ଼େଇ
କି ଭସେଇ ଦେଇପାରିନି ତୁମ ସ୍ମୃତିକୁ
କାର୍ତ୍ତିକ ପୂର୍ଣ୍ଣିମା କଦଳୀ ଡଙ୍ଗାରେ,
ତୁମ ଆଖି ଉଜ୍ଜ୍ୱଳ ଦିଶୁଛି,
ଓଢ଼ଣୀ ତଳର ଶବ୍ଦ ଉନ୍ମାଦ ଆଣୁଛି,
ଉଦାସ ମୁହଁ ମନକୁ କାଟୁଚି,
ଶୃଙ୍ଗାର ମହକ ଲହଡ଼ି ଭାଙ୍ଗୁଚି,
ହସ, ରାସରେ ଶୀତଳତା ଚାଖୁଚି ।

ଝାସ୍ପା ଝାସ୍ପା ଆଲୁଅରେ
ଯାହାକୁ ତୁମେ ପଢ଼ିପାରିନ କି !
କେତେ ଭଲପାଇଚ ଜାଣିନି ?
ତଥାପି ମୋର ପ୍ରେମ ସରିନି,
ଝରଝର ଝରଣାର ଧାର,
କଳକଳ ନଦୀର ନୀର,
ଏବେବି ଥଳକୂଳ ପାଉନି ।

ଓଃ କବିତା !
ଅନେକ ଦିନ ବିତିଗଲାଣି ଏ ଭିତରେ,
ନୀରବତା ଦୁର୍ବଳ ହାତରେ ତମେ
ଫେରିଆସୁଛ ଉଇଁରୀରୁ ବାରମ୍ବାର
ମୋ ମନ ହୃଦୟରେ ।

ଭଲ ଥାଅ । ମୁଁ ଭଲ ଅଛି,
ତୁମ ପ୍ରେମରେ, ଯେମିତି ଭଲ ଲାଗେ
ତୁମର ମୋର ପ୍ରେମ ମିଳନରେ ।

ତୃତୀୟ ପୃଷ୍ଠାରେ ଅନେକ ଶୁଭେଚ୍ଛା,
ନିନ୍ଦା, ଅପବାଦ ସମାଲୋଚନା,
ଶେଷ ପୃଷ୍ଠା ସାକ୍ଷାତକାରରେ
କବିଙ୍କ ଭାବାବେଗ,
ସାହିତ୍ୟ ହେଉ ଉଜ୍ଜ୍ୱଳ,
ପାଠକ ମାନଙ୍କୁ ସହସ୍ର ନମସ୍କାର,
କବି ଚାହେଁନା କିଛି ପୁରସ୍କାର,
କେବଳ କବିତା ଥାଉ ନିରନ୍ତର ।

ଯୋଡ଼ା, କେନ୍ଦୁଝର
ମୋ-୯୪୩୭୬୧୧୮୯୧

## ପ୍ରୀତି ରଙ୍ଗ

**ବ୍ରହ୍ମମୟୀ ମିଶ୍ର**



ଫଗୁଣର ଫୁଲ ତୁହି
ଶ୍ରାବଣର ଝର
ମଳୟର ମଧୁ ଲଗ୍ନେ
ମୁହଁ ସଂଜ ବେଳ ।
ବସନ୍ତର ବାସ୍ନା ତୁହି
ବଉଳର ମହୁ
କାକଳିର ମଧୁ ସ୍ୱନ
କୋଇଲିର କୁହୁ ।
କବିର କଳ୍ପନା ତୁହି
ଭାବୁକର ବନ୍ଧୁ
ସ୍ରୋତସ୍ୱିନୀ ସରିତାର
ମିଳନର ସିନ୍ଧୁ
ଶାନ୍ତ ସକାଳର ତୁହି
କମନୀୟ ରବି
ଗୋଧୂଳି ଲଗନେ ପୁଣି
ସିନ୍ଦୂରିତ ଛବି ।
ନବବଧୂ ଲାଜ ତୁହି
ବଧୂଲିର ହସ
କୃଷ୍ଣ ଚୂଡା ନାଲି ରଙ୍ଗେ
ଦିଗହଜା କ୍ଳେଶ ।
ସ୍ନିଗ୍ଧ ସବୁଜିମା ତୁ ଯେ
ଅରଣ୍ୟର ଶିରୀ
ତନୁ ମନ ହରୁ ପୁଣି
ଶିହରଣ ଭରି ।
ପ୍ରୀତିର ପ୍ରତିମା ତୁହି
ପ୍ରୀତି ରଙ୍ଗେ ନାଲି
କୋଣାର୍କର କଳା ଦେହେ
କାରୁକାର୍ଯ୍ୟ ପରି ।
ଝରଣାର କୂଳେ ତୁହି
ଅସରନ୍ତି ଶୋଷ
ଚାରୁ ଚନ୍ଦ୍ରାଲୋକେ ପୁଣି
ଚିହ୍ନା ଅବସୋସ ।
କବିତାର ଶବ୍ଦ ତୁହି
କାବ୍ୟତାରା ଛାନ୍ଦ
ଚିତ୍ରଲେଖା ଚାଲିର ସେ
ଛନ୍ଦାୟିତ ପାଦ ।
ଅସ୍ତରାଗ ଆକାଶରେ
ଲାଲିମାର ଲେଶ
ମାଳତୀର ମଧୁରିମା
ମନଲୋଭା ବେଶ ।
ସବୁ ସୁଷମାର ତୁହି
ପୂର୍ଣ୍ଣ ପଠିତାଂଶ
ଚାରିଚକ୍ଷୁ ମିଳନରେ (ଯହିଁ)
ମୁଗ୍ଧତାର ଶେଷ ।

ଜଗତସିଂହପୁର
ମୋ-୯୪୩୭୮୫୩୬୩୭

## ଶିଳା ସୁନ୍ଦରୀ

**ବେଣୁଧର ସୂତାର**



ଓଠ ଚିପି ସିଏ ଅଳ୍ପ ହସୁଥିଲା
ନାୟିକା ଚପଳ ମତି
ତା ନୟନତୀରେ ସ୍ୱପ୍ନ ଅଭିସାରେ
ଢେଉ ଖେଳେ ଜହ୍ନ ରାତି ।

ନବ ପୁଷ୍ପିତ ସୌରଭ ଶୃଙ୍ଗାରେ
ପ୍ରଣୟ ମଦିରା ମୋଦେ
ଦେହନଦୀରେ ତା
ଉଠୁଥିଲା ବନ୍ୟା
ଲହରିର କଳ ନାଦେ ।

ନବ ଯଉବନା ସପନ ଦେଖୁଛି
ନଗ୍ନ ନିରବତା କୋଳେ
ଜ୍ୟୋତ୍ସ୍ନାସ୍ନାତ ଏଇ ମଧୁଯାମିନୀରେ
ପ୍ରୀତିର ମୂର୍ଚ୍ଛନା ତୋଳେ ।

ବିଚିତ୍ରଶିଳ୍ପୀର ସ୍ଥାପତ୍ୟରେ ଭରା
ତ୍ରିପୁର ଚମକ କଳା
ଅର୍କକ୍ଷେତ୍ରର ସେ ଲଳିତ କୃତିକୁ
ଛୁଇଁ ଯାଏ ମେଘ ମାଳା ।

ତନ୍ଦ୍ରା ତଟର ସେ ତରୁଣୀ ତନୁର
ଲୋଭନୀୟ ଆକର୍ଷଣ
ବୟସ ଢ଼େଉରେ ରୂପର ଚମକେ
ପାଷାଣେ ଭରିଛି ପ୍ରାଣ ।

ପ୍ରବୀଣ ଶିଳ୍ପୀର ଚାରୁକଳା ସେ, ତ
ରମ୍ୟ ରୂପା ଦିବ୍ୟ ଛନ୍ଦେ
ନୀଳ ତନୁ ଯାର ଚୁମୁଛି ଜୋଛନା
ପ୍ରଣୟର ମଧୁ ଗନ୍ଧେ ।

ତନ୍ଦ୍ରା ବିଭୋର ତନୁରେ ତାହାର
ଉଠୁଛି ପ୍ରେମର ବନ୍ୟା
ଛାତି ତଳ ତାତି ରାତିକୁ ଡାକୁଛି
ଆତୁରେ ପାଷାଣୀ କନ୍ୟା ।

ଛୁଇଁ ଯିବ ତନୁ ସପନ କୁମାର
ପ୍ରଣୟ ମଦିରା ଭୋଳେ
ସ୍ମୃତି ବିଜଡ଼ିତ ସାଗରବେଳାରେ
ସପନର ଅନ୍ତରାଳେ ।

ଅଭିଶପ୍ତ ତାର ଜୀବନ ଛନ୍ଦରେ
ନାହିଁ ତ ପ୍ରଣୟ ଲେଖା
ଦୁଃଖନୈରାଶ୍ୟରେ ଗୁମୁରି କାନ୍ଦୁଛି
ଚାରୁହାସୀ ଚିତ୍ର ରେଖା ।

ବ୍ୟଥା ବେଦନାର କରୁଣ ତରଙ୍ଗ
ବିଜନ ନିଶିଥ କୋଳେ
ଭାଙ୍ଗିଯାଇଛି ତା ଅନାହୂତ ସ୍ୱପ୍ନ
ଅର୍କ କମଳ କୋଳେ ।

ଭଲପାଇବା ତା ପ୍ରତାରଣା ହେଲା
ମଧୁ ହୀନ ମଧୁ ଶାଳା
କାଳରସ୍ରୋତରେ ହଜିଛି ସୁନ୍ଦରୀ
ସାଜି ଏକ ଭଗ୍ନ ଶିଳା ।

କେଶଦୁରାପାଳ, କେନ୍ଦୁଝର
ମୋ-୯୧୭୮୫୬୮୨୪୬

## ସେ ଆସେ

**ଡ. ଚନ୍ଦ୍ରକଳା ନାୟକ**

ମୋ ଝରକାର ଫାଙ୍କ ବାଟେ
କାହାର ପ୍ରତିଛବି ଉଙ୍କିମାରେ
ଧୀର ପତଳା ଶବ୍ଦ ଭିତରେ
ସୂକ୍ଷ୍ମ ରୂପରେ ଚିହ୍ନା ପରି ଲାଗେ
ଯାହାର ଲୋଭାଣିଆ ଆଖିଦିଟା
ସଫା ଜହ୍ନ ଆଲୁଅର ଛିଟାରେ
ମନ ଗହନକୁ ଆନ୍ଦୋଳିତ କରେ ।
ଯାହାକୁ ମୁଁ ନଦେଖିଲେ
ମୁହୂର୍ତ୍ତ ପରେ ମୁହୂର୍ତ୍ତ ଅଧୀର ହୁଏ
ଅଥୟ ହୁଏ ମନ ଗହ୍ୱରରେ
ଅବ୍ୟକ୍ତ ଶୂନ୍ୟସତ୍ତା
ସମସ୍ତ ସମୟର ଠାଣିରେ
ଏକାନ୍ତ ଏବଂ ନିର୍ଜନ ରାସ୍ତା ଭିତରେ
ଅନେକ ବେଳେ
ଦୋଛକି ରାସ୍ତାକୁ ଖୋଜେ ।
ତା'ରି ଅଲରା କେଶର
କୁଂଚ କୁଂଚିଆ ବେଣିରେ
ମନଟା ବିହ୍ୱଳିତ ହୁଏ
ମଦମତ୍ତ ଆଖିର ପରଦା ତଳେ
ବୁଡ଼ିଆଣି ବସା ବାନ୍ଧେ
ଘଡ଼ିଏ ପରେ ପୁଣି ଅପସରି ଯାଏ ।
ସେକାଳେ ପାଗଳ ଭ୍ରମରଟିଏ
ଯିଏ ମୁହୂର୍ତ୍ତଗୁଡାକୁ
ଗୁଣୁଗୁଣୁ କରି ସଜାଡି ଥାଏ
ଆର୍ତ୍ତନାଦ କରୁଥିବା ସମୁଦ୍ର ଢେଉରେ
ଉଜାଣି ବହୁଥିବା ତରଙ୍ଗ ଭିତରେ
ନିଇତି ଦେଉଥିବା
ଜିଇଁବାର ମନ୍ତ୍ର ଭିତରେ
ଏବେ ଏବେ ମୁଁ ଦେଖୁଛି
ମୋ ଝର୍କାର ଛିଦ୍ରରେ କିଏ ଲେଖିଦିଏ
ଆଗାମୀ କାଲିର ଅସ୍ତମିତ
ପ୍ରାଚୀନ ଇତିହାସର ପୃଷ୍ଠାଗୁଡିକୁ
ଅନାଗତ ଅତୀତର ଗହନ ବନରେ
ତ୍ରିକୋଣମେଟ୍ରିର ତ୍ରିଭୂଜ ଭିତରେ
ଏବେ ଏବେ ପଢିବା ପାଇଁ
ଭବିଷ୍ୟତର ଜ୍ୟାମିତିଗୁଡାକୁ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

## ତୁ ନ ଥିବାରୁ

**ନୀଳମଣି ଚାନ୍ଦ**



ତୁ ନ ଥିବାରୁ
ବଦଳି ଯାଏ ମୋ ଦିନ
ବଦଳି ଯାଏ ରାତି
ନ ଥାଏ ଜହ୍ନ
ଅନ୍ୟ ରାତି ଠାରୁ ଏ ଭିନ୍ନ
ମୋ ମୁଖମଣ୍ଡଳରୁ
ବାରି ହୋଇ ପଡୁଥାଏ
ଖାଲି ଦୁଃଖ ଓ ଦୁଃଖର ଚିହ୍ନ,
ବିଷର୍ଣ୍ଣ
ମୁଁ ଅବସନ୍ନ
ତଥାପି ବଞ୍ଚିବାକୁ ହୁଏ
ନେଇ ଏମିତି ଜୀବନ
ତୁମେ ନ ଥାଅ
ଥାଏ ଗୋଟେ ଅସଜଡ଼ା ମନ ।

ମନ୍ତ୍ରମାନୋର,ଗୋଠପାଟଣା,ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭

# ଆଖି ବୁଝିଗଲେ ମନ ବୁଝେନା



**ସୁନନ୍ଦା ମହାନ୍ତି**



ଗଛଟା ଆଡକୁ ଆଖି ପଡିଗଲେ ଲେଉଟି ଆସେ ଆଖି କିନ୍ତୁ ମନ ? ନା ଆଦୌ ନୁହେଁ । ସେଇ ଏକେଲା ଗଛ ଦେଇ ମିଟୁ ପୁଣି ଯିବା ଆସିବା କରିବ, କେବେ ଭାବି ନଥିଲା ସେ । ହେଲେ ଜୀବନ ଯୁଦ୍ଧରେ ସାମିଲ ହେବାକୁ ହେଲେ କିଛି ତ ଆପଣେଇବାକୁ ହୁଏ । ସେହି ଆତ୍ମଘୋଷିତ ପୁରୁଷ ପୁଙ୍ଗବ ମିଟୁ ସେଥିରୁ ବାଦ୍ ଯାଆନ୍ତା କେମିତି ! ସବୁଦିନ ଅଫିସ୍‌କୁ ପଶିଯିବା ବେଳେ ନଜର ପଡେ ସେହି ଟାଇପିଷ୍ଟ ସିଟ୍‌ରେ ବସି ଠକ୍ ଠାକ୍ ବାଡେଇ ଶବ୍ଦ ସୃଷ୍ଟି କରୁଥିବା ତନୁପାତେଳୀ ଝିଅଟା ଉପରେ । ଆଜି ସେ ନଜର ଅଲଗା ଥିଲା । ନାରୀମାନେ ଭାରି ସତର୍କ ଜାଣିଥିଲେ ବି ଅନୁଭବିଲା ମିଟୁ । ସ୍ତ୍ରୀ ସିତୁଙ୍କ କଥା ଏକ୍‌ଦମ୍ ଠିକ୍ । ଝିଅଟା ବି ଅପ୍ରସ୍ତୁତ ହୋଇପଡିଲା । ଆଉ ଠିକ୍ ସେତିକି ବେଳେ ମିଟୁ, କିଛି ଆବିଷ୍କାର କଲା । ଅଳକା ଝିଅରୁ ନାରୀ ସାଜିଥିଲା କିନ୍ତୁ ହାତ ଓ ମଥା ଖାଲି ଥିଲା । ଅତୀତର ସେଇ ଗଛଟା ସେଇଠି ସେମିତି ଆଜି ବି ଆସ୍ପର୍ଦ୍ଧାରେ ମୁଣ୍ଡ ଟେକି ଠିଆ ହୋଇଛି ଅଫିସ ଆସିବା ରାସ୍ତାରେ । ସେଦିନ ସେ ଗଛଟା ଆଉ ତା ଛାଇରେ ମସ୍‌ଗୁଲ୍ ସେଇ ପୁଅ ଝିଅ ଦିଟାଙ୍କ କଥା, ସେ ଦୁହିଁଙ୍କ ପ୍ରେମ ଗଳ୍ପ ସହ ଓତପ୍ରୋତଃ ଜଡିତ ମିଟୁ । ସେଇ ଝିଅଟିକୁ ପ୍ରଥମ ଦିନ ଅଫିସରେ ଜଏନ୍ କରିବା ଦେଖି ସ୍ତବ୍ଧ ଓ ଚକିତ ହୋଇଥିଲା ମିଟୁ । ସବୁ ଉତ୍ତାଳ ତରଙ୍ଗରେ ଭଙ୍ଗା ପଡିଲା ପରି ଯୋଉ ଝିଅଟାର ପ୍ରେମିକ ସାଜିଥିବା ସେଇ ଢେଙ୍ଗା ପତଳା ପୁଅଟା ଉଭାନ୍ ହୋଇଗଲା ସବୁଦିନ ପାଇଁ, ଝିଅଟାର ସବୁଜ ଓଢଣୀ ଭିତରୁ ସାଗୁଆ ଆଖି ଦୁଇଟାର ଅଶ୍ରୁ ଢଳ ଢଳ ସମ୍ମୋହନରେ ନିଜେ ମିଟୁ, ଯେବେ ସବୁଜ ବାନିଅନ ପିନ୍ଧି ସେଇ ଏକେଲା ଗଛମୂଳେ ଝିଅଟିର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଛି, ଉଭାନ ହୋଇଯାଉଥିବା ଝିଅଟାକୁ ତା ନିଜ ଅନର୍ସ କ୍ଲାସ୍‌ରେ ଦେଖି ବିମୋହିତ ହୋଇପଡୁଥିଲା । ପାଠ ଶାଠ ଚାକିରୀ ଓ ବାହାଘର ପରେ ସ୍ତ୍ରୀ ସିତୁକୁ ଅନେକ ଥର ପଚାରିଛି ମିଟୁ, କୁହନା ତୁମ ଅତୀତ । ଦାର୍ଶନିକ ଭଳି ସିତୁ ଉତ୍ତର ଦିଏ ଅତୀତ ନିରୁଦ୍ଦିଷ୍ଟ, ଭବିଷ୍ୟତ ଅନ୍ଧାର । ତେଣୁ ବର୍ତ୍ତମାନ ଭିତରେ ବଞ୍ଚି ଶିଖିବା ଉଚିତ୍ ନୁହେଁ କି ? ସିତୁ କଥାରେ ଆହତ ହୁଏ ମିଟୁ । ଉପରକୁ ପ୍ରକାଶ କରେନା ସିନା ଛଟପଟ ହୁଏ । ସିତୁର ଅତୀତ ପଚାରିଲେ, ସେ ହୁଏତ ମିଟୁର ଅତୀତ ପଚାରି ବସିବ ତ ହୁଏତ ଗାଳି ପକେଇଥାଆନ୍ତା ମିଟୁ ତା ହୃଦୟରେ ଫୁଟୁଥିବା ଭାତ ପରି ତା ସବୁଜ ବାନିଅନ ପିନ୍ଧିବାର ରହସ୍ୟ । ସେଇ ଦୁର୍ମୁଲ୍ୟ ଅନୁଭବ । ସତରେ ନାରୀ ଖାଲି ସତର୍କ ନୁହେଁ ହିସାବି ମଧ୍ୟ । ଆଜି କାମରେ ମନ ଲାଗୁନଥିଲା ମିଟୁର । ଟାଇପ୍ ମେସିନ୍ ପାଖରେ ଝିଅଟା ମଧ୍ୟ ନଥିଲା । ମିଟୁ କିନ୍ତୁ ଅନ୍ୟମନସ୍କ । କଲେଜ ପଢ଼ିବାର ସେଦିନ କଥା । ଓହ୍ଲେଇ ପଡିଥିଲା ବସ୍‌ରୁ, ଏଇ ଏକୁଟିଆ ଗଛ ପାଖରେ । କେହି କୁଆଡେ ନଥିଲେ । କେମିତି ଫେରିବ ଚିନ୍ତା ବି ନଥିଲା । ଆଉ ଖୋଜୁଥିବା ଠିକଣା ତାକୁ ଉପହାସ କରୁଥିଲା ସତ କିନ୍ତୁ ରାସ୍ତା ମିଳିଗଲା । ଛୋଟ ଗାଁ ଟିଏ । ତାରି ଭିତରେ ଅଳକା ରହେ ବାପା ମାଆଙ୍କ ସାଙ୍ଗରେ । ମିଟୁ, ଭିତରକୁ ପଶିଲା । ଅଳକା କହୁଥିଲା ମୁଁ ଜାଣିଥିଲି ଆପଣ ଆସିବେ । ସେଇ କିଛି ଦିନ ସେ ଏକୁଟିଆ ଗଛମୂଳେ ସବୁଜ ବାନିଅନ ପିନ୍ଧି ଦେଖୁଥିବା ଓ କିଛି ଲେଖିଥିବା ଗଳ୍ପର ନାୟିକାକୁ କୋଉ ଗାଳ୍ପିକ ବା ପାଇକି ହଜେଇବ ? ତାପରଠୁ ଚିହ୍ନାଜଣା ସମ୍ପର୍କରେ ପରିଣତ ହୋଇଥିଲା । କଲେଜ ଜୀବନରେ ଏଇ ଗଛର ଗୋଟିଏ ପାର୍ଶ୍ୱରେ ଥିବା କଲେଜରେ ଦୁହେଁ ମିଟୁ ଓ ଅଳକା ଲୁଡୁ ପ୍ରତିଯୋଗିତାରେ ଭାଗ ନେଇ ହାରି ଯାଇଥିଲା ମିଟୁ ଯଦିଓ କଲେଜରେ ଏନ୍.ଏସ୍.ଏସ୍ କ୍ୟାମ୍ପରେ ସେଇ କିଛିଦିନ ଖୁବ୍ ରୋମାଞ୍ଚକର ଥିଲା । ତାପରେ ତ ସବୁ କିଛି ଗତାନୁଗତିକ ଥିଲା । ଅଳକାର କଲେଜ ଆସିବା ବନ୍ଦ ଓ ମିଟୁର ସିତୁ ସହ ବାହାଘର ତଥା ସେଇ ସ୍ମୃତି ବହନ କରୁଥିବା ଗଛର ଏପଟେ ଥିବା ଅଫିସରେ ଚାକିରୀ । ଚମକି ପଡିଥିଲା ମିଟୁ, ଅଳକା ଛୁଆଟିଏ ଧରି ଯେବେ ସେଦିନ ଅଫିସରେ ମିଟୁକୁ ଜଳଖିଆ ପ୍ଲେଟ୍ ବଢ଼େଇ ପୁଅକୁ କହୁଥିଲା ଅଙ୍କଲ୍‌ଙ୍କୁ ନମସ୍କାର କର ବାବୁ । ସେପଟୁ ସ୍ତ୍ରୀ ସିତୁର ଫୋନ୍ । ସିତୁ ପଚାରୁଥିଲା କଣ ସବୁଜ ବାନିଅନ ପିନ୍ଧା କାହାଣୀର ଆରମ୍ଭରେ ନା ଶେଷ ଠିକଣାରେ ହଜିଗଲ ? ମିଟୁ ବୁଝିପାରୁନଥିଲା ଝିଅରୁ ନାରୀ ଓ ନାରୀରୁ ମାଆ ହେବା ପରେ ସେଇ ଚୁଲବୁଲି ଝିଅ ଏତେ ପରିପକ୍ୱ ହୁଏ କେମିତି ! ଏବେ ଅଳକାର ପୁଅ କେବେ କେବେ ଆସୁଥିଲା ମାଆ ସହ ଅଫିସ୍‌କୁ କାରଣ ବାପା ନଥିବା ଛୁଆର ଦାୟିତ୍ୱ ମଧ୍ୟ ନାରୀଟିର ନା । ମିଟୁ ଅଧିକାଂଶ ଲଞ୍ଚ ଟାଇମ୍ ବାବୁ ସହ ଲୁଡୁର ଗୋଟି ଚଳାଉଥିଲେ ମଧ୍ୟ ଘରେ ସ୍ତ୍ରୀ ସିତୁକୁ ଏକଥା କହିନଥିଲା ଏଯାଏଁ, ଭାବୁଥିଲା ସିତୁ କେମିତି ଜାଣିଲା ତା ସବୁଜ ବାନିଅନ ପିନ୍ଧା କାହାଣୀ । ସତରେ ନାରୀଙ୍କୁ ବୁଝିବା ଭାରି କଷ୍ଟ । ଲୁଡୁ ଖେଳରେ ଦାନ ଚଳେଇ ଓ ଛକା ପରେ ଛକା ବାଡେଇ ଚାଲିଥିବା ସିତୁକୁ ଦେଖିଲେ ମିଟୁର ଭୟ ହୁଏ । ନାରୀ ଦେବୀ ନା ମାନବୀ !

ସେଦିନ ମଧ୍ୟ ସ୍ୱାମୀ ସ୍ତ୍ରୀ ଦୁହେଁ ଲୁଡୁ ଦାନ ପକେଇ ଚାଲିଥିଲେ । ସବୁଦିନ ଭଳି ସିତୁଙ୍କ ଦାନ ଗୋଟି ଖାଲି ଛକା ପକେଇ ତାଙ୍କୁ ଜିତେଇବାକୁ ବସିଥିଲା ବେଳେ ଆଜି ଦୁଇଦୁଇଟା ସନ୍ତାନର ଜନନୀ ହେବା ପରେ ସର୍ତ୍ତ ବାଢି ବସିଥିଲେ ସ୍ୱାମୀ ମିଟୁଙ୍କ ସହ । ଆଜି ଯିଏ ହାରିବ ସିଏ ତା ପ୍ରେମ କାହାଣୀ କହିବ । ମିଟୁ ଅପ୍ରସ୍ତୁତ ହୋଇ ଯାଉ ଯାଉ ତାଙ୍କ ଦାନ ଗୋଟିରେ ଖାଲି ଛକା ଚଉକା ମାରିଚାଲିଲେ ତ ଅଳ୍ପ ଟିକେ ସମୟ ଭିତରେ ବାଜି ଜିତି ଗଲେ ମିଟୁ । ସର୍ତ୍ତ ଅନୁସାରେ ପାଳି ସିତୁଙ୍କର ତ ସିତୁ କହୁଥିଲେ କଲେଜରେ ମୋର ଗୋଟିଏ ସାଙ୍ଗ ଥିଲା । କଲେଜରେ ପଢିବା ବେଳେ ତାକୁ ଜଣେ ଢେଙ୍ଗା ହୋଇ ପତଳା ପୁଅ ଖୁବ୍ ଭଲପାଇବାକୁ ଲାଗିଲା । କିନ୍ତୁ ଜଣେ ତୃତୀୟ ବ୍ୟକ୍ତି ସେ ଦୁହିଁଙ୍କ ମଧ୍ୟରେ ପ୍ରାଚୀର ବନିଗଲା । ଢେଙ୍ଗା ହୋଇ ପତଳା ଯୁବକ ପ୍ରଦୀପ ଏଥର ମୋ ସାଙ୍ଗକୁ ସନ୍ଦେହ କରୁଥିଲା କାରଣ କଲେଜରେ ଆଉ ଗୋଟିଏ ପୁଅ ମୋ ସାଙ୍ଗକୁ ନିରୀକ୍ଷଣ କରୁଥିଲା ବୋଲି ପ୍ରଦୀପକୁ ଲାଗୁଥିଲା । ପ୍ରଦୀପ ପିନ୍ଧୁଥିବା ରଙ୍ଗର ବାନିଅନ ପିନ୍ଧି ମୋ ସାଙ୍ଗର ଦୃଷ୍ଟି ଆକର୍ଷଣ କରୁଥିଲା । ମିଟୁ ହଠାତ୍ ରାଗି ଯାଇ କହିଥିଲା ମୁଁ ତୁମ ସାଙ୍ଗର ଅତୀତ ନୁହେଁ ବରଂ ତୁମ ଅତୀତ ଜାଣିବାକୁ ଚାହେଁ । ସିତୁ କହିଲା କହୁଛି । ମୋ ସାଙ୍ଗ ସେଦିନ ଆସିଥାଏ ମୋ ବାହାଘର ପଡ଼ିଥିବା ପ୍ରଥମ ପ୍ରସ୍ତାବ ପୁଅ ସହ ତାଙ୍କ ପରିବାର ମତେ ଦେଖିବାକୁ ଆସିବା ଦିନ । ପୁଅକୁ ଦେଖି ଚମକି ପଡିଥିଲା ମୋ ସାଙ୍ଗ କାରଣ ସେହି ପୁଅ ହିଁ ଥିଲା ତାର କଲେଜ ଜୀବନର ପ୍ରେମିକ । ଏକଥା ଶୁଣିବା ପରେ ବାହାହେବାକୁ ମୁଁ ରାଜି ହୋଇନଥିଲି । ମୋ ସାଙ୍ଗକୁ ପରେ ସେ ପୁଅ ବାହା ହୋଇଥିଲା ଯେତେବେଳେ ଜାଣିଥିଲା ଅନ୍ୟ କେହି ତା ଜୀବନରେ ଥିଲେ ହୁଏତ ତାକୁ କଲେଜ ଛାଡିବାକୁ ପଡ଼ିନଥାନ୍ତା । କିନ୍ତୁ ଭଗବାନଙ୍କ ଗୋଟି ଚାଳନାରେ ମୋ ସାଙ୍ଗ ବଳି ପଡିଥିଲା । ପୁଅଟିଏ ହେବା ପରେ ମୋ ସାଙ୍ଗର ସ୍ୱାମୀ ପ୍ରଦୀପ ସଂସାର ଛାଡି ଚାଲିଯାଇଥିଲା । ତେଣୁ ମୋ ବାହାଘରକୁ ଆସିପାରିନଥିଲା । ଏବେ ତୁମକୁ ଦେଖିବାକୁ ସେ ଆଜି ଆସୁଛି ।

ଏହି ସମୟରେ କଲିଂ ବେଲ୍ ବାଜିଥିଲା । ଦୁଆର ଖୋଲି ଅଳକାକୁ ଦେଖି ଚମକି ପଡିଲା ମିଟୁ । ସାର୍ ନମସ୍କାର କହି ଅଳକା ମିଟୁର ଅପ୍ରସ୍ତୁତ ପଣକୁ ହାଲ୍‌କା କରିଦେଇ ଦୁଇ ବାନ୍ଧବୀଙ୍କ ମିଳନ ଓ ପ୍ରସ୍ଥାନ ଦୃଶ୍ୟ ପରେ ସିତୁ କହିଲେ ଅଳକା ତୁମ ଅଫିସରେ ଜଏନ୍ କରିଛି ବୋଲି ତୁମେ ମତେ କହିନଥିଲ କାହିଁକି ? ମିଟୁ କହିଲେ କେତେ କିଏ ନୂଆ ଷ୍ଟାଫ୍ ଆସୁଛନ୍ତି ଯାଉଛନ୍ତି ସମସ୍ତଙ୍କୁ ତୁମେ କଣ ଜାଣିଛ ଯେ ମୁଁ କହିଥାଆନ୍ତି ? ଅଳକା ତୁମ ସାଙ୍ଗ ବୋଲି ତ ମୁଁ ଆଜି ଜାଣୁଛି । ଅଳକା ମୋ ସାଙ୍ଗ ହିସାବରେ ଆଜି ଜାଣୁଛ ହେଲେ ତୁମ ବିଗତ ଦିନର ପ୍ରେମିକା ବୋଲି ତ ଭୁଲି ନଥିବ । କଣ ସବୁ ବାଜେ କଥା କହିଯାଉଛ ସିତୁ ? ବାଜେ କଥା ନୁହେଁ ବରଂ ସବୁଦିନ ଏଣିକି ସବୁଜ କଲରର ଡ୍ରେସ୍ ପିନ୍ଧି ଅଫିସ ଯାଉଛ କାହିଁକି କୁହ ? ଅପ୍ରସ୍ତୁତ ହେଲା ମିଟୁ । ଅଳକା ସହିତ ସେମିତି କିଛି ଘଟିନି ତା ଜୀବନରେ ଯଦିଓ ତେବେ ପ୍ରଥମ ପ୍ରେମକୁ କେହି ଭୁଲିପାରେନା କଥାଟା ନିରାଟ ସତ ଥିଲା । ଭଗବାନଙ୍କ ଗୋଟି ଦାନ ଚାଳନାରେ ଅଳକା ସଙ୍ଗେ ପୁଣି ତାର କେବେ ଦେଖାହେବ ସେକଥା ତ ଭାବି ନଥିଲା ମିଟୁ ।

ପାଖକୁ ଲାଗି ଆସିଲେ ଶ୍ରୀମତୀ ସିତୁ । କହିଲେ ସୋସିଆଲ ମିଡ଼ିଆ ଫେସ୍‌ବୁକ୍‌ରେ ମୋ ବାହାଘର ଫଟୋ ସବୁ ଦେଖି ଅଳକା ମତେ ସବୁ କହିଥିଲେ ବି ମୁଁ ଜାଣିଥିଲି ଯଉବନରୁ ଅପରାଧ... ଅପରାଧରୁ ପ୍ରେମ ହୁଏ କିନ୍ତୁ ମୋ ସ୍ୱାମୀ କୌଣସି ଅପରାଧ କରିନଥିଲେ ବରଂ ପ୍ରେମିକ ପ୍ରଦୀପର ପ୍ରାଥମିକ ସନ୍ଦେହ ଓ ଧୋକା ପାଇ କାନ୍ଦୁଥିବା ଗୋଟେ ଝିଅ ପ୍ରତି ସମବେଦନା ଜଣେଇବା ପାଇଁ ସବୁଜ ବାନିଅନ ପିନ୍ଧି ଭାଙ୍ଗି ପଡୁଥିବା ଝିଅଟିକୁ ସାହାରା ଦେବା ସହ ଆଧାରୁ ପାଠ ଛାଡୁଥିବା ଅଳକାକୁ ପୁଣି ପାଠରେ ମନ ଲାଗଇବାକୁ କହି କଲେଜ ଆସିବାକୁ ପ୍ରବର୍ତ୍ତେଇବାକୁ ତା ଗାଁରେ ପହଞ୍ଚିଥିଲେ ଥରେ ମାତ୍ର । ମିଟୁ ଭାବୁଥିଲେ ଏ ନାରୀ ଗୁଡ଼ାକଙ୍କର ଗହୀର ବିଲରେ ଚାଷ । ସେ ତ ମାତ୍ର ଦଣ୍ଡକିରାଟିଏ ଯିଏ ସର୍ଫରୀ ଫରଫରାଏତ ଭଳି ଦାନ ଗୋଟି ସବୁବେଳେ ଏମିତି ପକାନ୍ତି ଛକା ବଦଳରେ, ଚଉକା ବଦଳରେ, ପଞ୍ଝା ବଦଳରେ ଖାଲି ଏକ, ଦୁଇ ତିନି ପଡୁଥାଏ । ତା ଆରଦିନ ଅଳକା ଅଫିସରେ ନଥିଲା । ତା ରିଜାଇନିଂ ଲେଟରଟି ଉପହାସ କରୁଥିଲା ବସ୍ ମିଟୁଙ୍କ ଟେବୁଲ୍ ଉପରେ । ଅଳକା ମଧ୍ୟ ସିତୁ ପରି ଏକ ନାରୀ ନା ! ନାରୀ ମନର ଗହନ କଥା ଜାଣିନପାରି ଆଜି ସେ ସୁଦ୍ଧୁ ବୋକା ।

ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭

## କୋହିନୁର କଳ୍ପନା

**ସୁଜିତ କୁମାର ମିଶ୍ର**

ଆଖି ଦେଖେ ଆକାଶ
ଆଖି ଛୁଏଁ ଆକାଶ
ଆଖି ପରଖେ ଆକାଶ
ମିଳନ ବିଭୋର ବରଷ ବରଷ ।
ଅବଦମିତ ସ୍ୱପ୍ନର
ହସକୁରୀ ପକ୍ଷୀର ଉଡାଣକୁ
କିଏ ରୋକିପାରେ ?
ତମାମ୍ ତ୍ୟାଗ ଦୀପର ସଳିତା ହୋଇ
ଲକ୍ଷ୍ୟର ଯୋଜନ ଯୋଜନ ଦୂରକୁ
ଆପଣାର କରେ,
ଝିଅଟିଏ ଏ ମାଟିର ଜହ୍ନରାତି
ମାଟିକୁ ଚର୍ଚ୍ଚିତ କରି ସଜେଇବାରେ ।



ମରି ମରି ଯାଉଥିବା ଆଶା ଭିତରେ
ଆଶ୍ଚର୍ଯ୍ୟର କୋଣାର୍କ ଆକର୍ଷଣୀୟ, ଦୃଢ,
ବିଜୟର ବୈଜୟନ୍ତୀ ବାନା,
ଗୋଟାଏ ଆତ୍ମବିଶ୍ୱାସର ଚେହେରା ଭିତରେ
କୁହୁତାନୀୟ ବୁଦ୍ଧିମନ୍ତ ସ୍ୱର କୋହିନୂର କଳ୍ପନା ।
ଅସ୍ଥିର ତୁମେ ଅଶାନ୍ତ ସାଗର ପରି
ତୁମ ପାଇଁ ସକାଳ ସଞ୍ଜ ରାତି
ନିଅଣ୍ଟିଆ ସମୟର ଆହ୍ୱାନ ଅସୁମାରୀ,
ତୁମ ବୀରତ୍ୱର ବାଇଦ
କଣ କମ୍ ବଡ ଲୁହପୁରୀ ।

ପ୍ରଥମ ଭାରତୀୟ ମହିଳା
ମହାକାଶ ଯାତ୍ରୀ
ଦୂର ଦିଗନ୍ତ ବିସ୍ତାରୀ ପ୍ରେମଧ୍ୱନୀ,
ସାଧନା ତପୋବନର ସୁରଭିତ ଫୁଲ,
ଅପରାଜୟ ଅପରାଜିତାର
ଲଳିତ ରାଗରାଗ ।
ତୁମେ ସବୁଜିମା କ୍ଷେତର
ବିପୁଳ ଶୋଭା ସମ୍ଭାର,
ପାରିଲାପଣର ପ୍ରୀତି ଉପହାର,
ଦାଣ୍ଡ ଧୂଳିର ସହଣୀ,
ପବନର ପ୍ରବାହ
ଝରଣାର ଏକାନ୍ତ ଉଚ୍ଛ୍ୱାସ,
ବିଶ୍ୱାସର ବଶୀଭୂତ ମିଠା ସ୍ୱର ।



ରୁଦ୍ର ତାପକୁ ଭେଦି
ତୁମେ ତ୍ରିରଙ୍ଗାର ରଙ୍ଗ ଯଶ୍ୱସିନୀ,
ପ୍ରଗଲ୍ଭା ନଈର ଗୀତ,
ମୁଗ୍ଧ ପ୍ରାଣର ସ୍ନିଗ୍ଧ ଆହ୍ୱାନ ଆବାହନୀ ।
କଳ୍ପନାର କୁଟିକମରେ
ତୁମ କୃତିତ୍ୱର ତାରକସୀ
କୋଟିକୋଟି ଛାତିର ଅବିସ୍ମରଣୀୟ କୁହୁ,
ସେଇଥିପାଇଁ ତ ତୁମେ ଏ ମାଟିର
ଐଶ୍ୱର୍ଯ୍ୟଭରା ଲଳନା,
ପ୍ରାପ୍ତିର ମୋହ, ପ୍ରେରଣାର ମହୁ ।
କୋହିନୁର କୋଟି ଜନ୍ମର ତପ,
କଳ୍ପନା ତ ଅନିର୍ବାଣ ଦୀପ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

# ବିଶ୍ୱକପରୁ ବାଦ୍ ପଡ଼ିଲେ ହେଜେଲଉଡ୍

**ମୁମ୍ବାଇ**



ଦିନକ ପରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଅଷ୍ଟ୍ରେଲିଆ ଦଳକୁ ଏକ ଶକ୍ତ ଧକ୍କା ଲାଗିଛି। ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତିରେ ଦଳର ଦ୍ରୁତ ବୋଲିଂ ଭାର ସମ୍ଭାଳିବାକୁ ଥିବା ଜୋସ୍ ହେଜେଲଉଡ୍ ଆହତଜନିତ କାରଣରୁ ସମଗ୍ର ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଜଙ୍ଘରେ ଯନ୍ତ୍ରଣା କାରଣରୁ ବିଗତ କିଛି ସପ୍ତାହ ହେଲା ହେଜେଲଉଡ୍ ପଡ଼ିଆରୁ ଦୂରେଇ ରହିଥିଲେ। ତେବେ ସେ ବିଶ୍ୱକପ୍ ସୁପର-୮ ପୂର୍ବରୁ ସେ ସୁସ୍ଥ ହୋଇଯିବେ ବୋଲି ଦଳ ଆଶା କରି ତାଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ସେ ସୁପର-୮ ସୁଦ୍ଧା ଫିଟ୍ ହେବା ନେଇ ସଂଦେହ ଦେଖାଯିବାରୁ ତାଙ୍କୁ ଦଳରୁ ବାଦ ଦିଆଯାଇଛି। ଅଷ୍ଟ୍ରେଲିଆ ଦଳର ପ୍ରଶିକ୍ଷକ ଟୋନି ଡୋଡମାଇଡ୍ କହିଛନ୍ତି ଯେ ହେଜେଲଉଡ୍ ସୁପର-୮ ପୂର୍ବରୁ ସୁସ୍ଥ ହୋଇଯିବା ନେଇ ଦଳ ପରିଚାଳନା ଆଶାବାଦୀ ଥିଲା। କିନ୍ତୁ ଏବେ ମିଳୁଥିବା ସଂକେତ ସ୍ପଷ୍ଟ କରୁଛି ଯେ ସେ ସଂପୂର୍ଣ୍ଣ ଫିଟ୍ ହେବା ପାଇଁ ଆଉ କିଛି ଦିନ ଲାଗିବ। ତାପୂର୍ବରୁ ତାଙ୍କୁ ଖେଳାଇଲେ ଲାଭ ତୁଳନାରେ କ୍ଷତି ଅଧିକ ହେବ। ହେଜେଲଉଡ୍ ବାଦ ପଡ଼ିବା ସତ୍ତ୍ୱେ ଅଷ୍ଟ୍ରେଲିଆ ଦଳ ପରିଚାଳନା ପକ୍ଷରୁ ତୁରନ୍ତ ଜଣେ ବିକଳ୍ପ ଖେଳାଳିଙ୍କ ନାମ ଘୋଷଣା କରାଯିବ ନାହିଁ। ବିଶ୍ୱକପ ଆରମ୍ଭ ହେବା ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିକଳ୍ପ ଖେଳାଳିଙ୍କୁ ବଛାଯିବ। ଆହତ ଜନିତ କାରଣରୁ ପ୍ରମୁଖ ଦ୍ରୁତ ବୋଲର ପ୍ୟାଟ କମିନ୍ସ ଅଷ୍ଟ୍ରେଲିଆର ବିଶ୍ୱକପ୍ ଦଳରେ ସାମିଲ ହୋଇନାହାନ୍ତି।

# ମ୍ୟାଚ୍ ବର୍ଜନ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପିସିବିକୁ ଅନୁରୋଧ କଲା ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ

**କଲମ୍ବୋ**




ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷ ମ୍ୟାଚ୍ ଖେଳିବ ନାହିଁ ବୋଲି ପାକିସ୍ତାନର ଧମକ ପରେ କେବଳ ଆଇସିସି ନୁହେଁ, ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ମଧ୍ୟ ଅଡୁଆରେ ପଡ଼ିଯାଇଛି। ଏହି ମ୍ୟାଚ୍ ରଦ୍ଦ ହେଲେ ବୋର୍ଡ ବିପୁଳ କ୍ଷତି ସହିବାର ଆଶଙ୍କା ରହିଛି। କେବଳ ଶ୍ରୀଲଙ୍କା ବୋର୍ଡ ନୁହେଁ, ସାମଗ୍ରିକଭାବେ ଶ୍ରୀଲଙ୍କାର ପର୍ଯ୍ୟଟନ ଶିଳ୍ପ ବି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହି କାରଣରୁ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)କୁ ଏକ ପତ୍ର ଲେଖି ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରାଯାଇଛି। ଶ୍ରୀଲଙ୍କା ବୋର୍ଡ ପକ୍ଷରୁ ପିସିବିକୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ ଫେବୃଆରି ୧୫ରେ ହେବାକୁ ଥିବା ଭାରତ ଓ ପାକିସ୍ତାନ ମୁକାବିଲା ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ଟିକେଟ୍ ବିକ୍ରି ଶେଷ ହୋଇଛି, ଲଜିଷ୍ଟିକ୍ସ ଓ ସୁରକ୍ଷା ବନ୍ଦୋବସ୍ତ ଶେଷ ହୋଇଛି। ଟିକେଟ୍ ବିକ୍ରି ଶେଷ ହୋଇଛି ଓ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ରହିଛି। ପର୍ଯ୍ୟଟକମାନେ ହୋଟେଲ୍ ବୁକିଂ କରିସାରିଛନ୍ତି। ଏପରି ସ୍ଥିତିରେ ମ୍ୟାଚ୍ ରଦ୍ଦ ହେଲେ ତାହାର ବ୍ୟାପକ ଆର୍ଥିକ, ଲଜିଷ୍ଟିକ୍ସ ସଂପର୍କିତ ସମସ୍ୟା ସୃଷ୍ଟି ହେବା ସହ ବୋର୍ଡର ସୁନାମରେ ବି ଆଞ୍ଚ ଆସିବ। ପାକିସ୍ତାନ କ୍ରିକେଟ୍ ବୋର୍ଡର ଦୁର୍ଦ୍ଦିନରେ ଶ୍ରୀଲଙ୍କା କ୍ରିକେଟ୍ ପାକିସ୍ତାନ ସହ ଛିଡ଼ା ହୋଇଥିଲା। ଏଣୁ ଏବେ ଶ୍ରୀଲଙ୍କା କ୍ରିକେଟ୍ ପିସିବିଠାରୁ ସମାନ ପ୍ରକାରର ସହଯୋଗ ଆଶା କରୁଛି। ପାକିସ୍ତାନ ବିଶ୍ୱକପର ମୂଳ ଖେଳସୂଚୀକୁ ସମ୍ମାନ ଜଣାଇ ନିଜର ସବୁ ମ୍ୟାଚ ଖେଳିବ ବୋଲି ଶ୍ରୀଲଙ୍କା ବୋର୍ଡ ନିଜ ପତ୍ରରେ ଲେଖିଛି। ୨୦୦୯ରେ ପାକିସ୍ତାନ ଗସ୍ତ ସମୟରେ ଲାହୋରରେ ଶ୍ରୀଲଙ୍କା କ୍ରିକେଟ୍ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ଯୋଗୁଁ ଶ୍ରୀଲଙ୍କା ଦଳର କେତେକ ଖେଳାଳି ଆହତ ହୋଇଥିଲେ। ଏହାପରେ ପ୍ରାୟ ୧୦ ବର୍ଷ ପାଇଁ କୌଣସି ଦେଶର କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତ କରିବାକୁ ପଛଘୁଞ୍ଚା ଦେଉଥିଲେ। ୨୦୧୯ରେ ଶ୍ରୀଲଙ୍କା ଦଳ ପ୍ରଥମ ଥର ପାଇଁ ପାକିସ୍ତାନ ଗସ୍ତ କରି ପିସିବିର ଏହି ଦୁର୍ଦ୍ଦିନରେ ଛିଡ଼ା ହୋଇଥିଲା।

# ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଦଳରେ ୫ ଓଡ଼ିଆ : ରୋଶନ ପ୍ରଥମ ଥର ସାମିଲ

**ହରାରେ**

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପୁରୁଷ ହକିର ରାଉରକେଲା ପର୍ଯ୍ୟାୟ ଲାଗି ଗୁରୁବାର ହକି ଇଣ୍ଡିଆ ୨୪ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ ଅଲିମ୍ପିଆନ୍ ତଥା ଅଭିଜ୍ଞ ରକ୍ଷଣଭାଗ ଖେଳାଳି ଅମିତ ରୋହିଦାସଙ୍କ ସହ ୫ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଘରୋଇ ପରିବେଶରେ ପ୍ରୋ-ଲିଗ୍ ଭଳି ସମ୍ମାନଜନକ ପ୍ରତିଯୋଗିତା ଖେଳିବାକୁ ଯାଉଥିବା ଓଡ଼ିଶାର ଅନ୍ୟ ଖେଳାଳିମାନେ ହେଲେ ନୀଳମ ସଂଜୀପ ଖେସ୍, ଅମନଦୀପ ଲାକ୍ରା, ରୋଶନ କୁଜୁର ଓ ଶିଳାନନ୍ଦ ଲାକ୍ରା। ଅମିତ ଓ ନୀଳମ ରକ୍ଷଣଭାଗରେ ନିଜ ଯାଦୁ ଦେଖାଇବେ। ହକି ଇଣ୍ଡିଆ ଲିଗ୍-୨୦୨୬ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଅମନଦୀପ ମଧ୍ୟ ସେମାନଙ୍କ ତାଳ ସହ ତାଳ ଦେଇ ଖେଳିବେ। ମଧ୍ୟକ୍ରମରେ ରହିବେ ରୋଶନ କୁଜୁର। ୨୧ବର୍ଷୀୟ କୁଜୁର ପ୍ରଥମ ଥର ଲାଗି ଭାରତୀୟ ବରିଷ୍ଠ ପୁରୁଷ ଦଳକୁ ଡାକରା ପାଇଛନ୍ତି। ଗତବର୍ଷ ଚେନ୍ନାଇଠାରେ ଅନୁଷ୍ଠିତ କନିଷ୍ଠ ହକି ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ ସେ। ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ବିଜେତା ହୋଇଥିବା ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ଲାନସର୍ସର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ହରମନ୍‌ପ୍ରୀତ୍ ସିଂହ ପୂର୍ବଭଳି ଏହି ପ୍ରତିଯୋଗିତାରେ ବି ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ।

# ମ୍ୟାଚ୍ ପୂର୍ବରୁ ସଞ୍ଜୁ ସାମସନଙ୍କୁ ବଡ଼ ଅପମାନ

**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ ସଞ୍ଜୁଙ୍କ ପାଇଁ ହେଉଛି କି ମହଙ୍ଗା? ଦଳରେ ସଞ୍ଜୁଙ୍କ କରାଯାଉଛି କି ଅଣଦେଖା ? ଏଭଳି ଏକ ପ୍ରଶ୍ନ ଏବେ ଉଠିଛି। କାରଣ ଭାରତ ମ୍ୟାଚ ପୂର୍ବରୁ ଅଭ୍ୟାସ କରିଛି। ଶନିବାର ଆମେରିକା ବିପକ୍ଷରେ ନିଜର ମ୍ୟାଚ ଖେଳିବ ଭାରତ। ଏହା ପୂର୍ବରୁ ଖେଳାଳିମାନେ ଅଭ୍ୟାସ କରିଥିଲେ। ଯେଉଁଠାରେ ସଞ୍ଜୁଙ୍କୁ ଅପମାନ କରାଯାଇଛି।

ଦଳର ସମସ୍ତ ବ୍ୟାଟ୍ସମ୍ୟାନମାନେ ବ୍ୟାଟିଂ ଅଭ୍ୟାସ କରିଥିଲେ। ମାତ୍ର ସଞ୍ଜୁଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦିଆଯାଇନଥିଲା। ଏପରିକି ଅଭ୍ୟାସ ସମୟରେ ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ ଏବଂ କୁଲଦୀପ ଯାଦବ ବ୍ୟାଟିଂ କରିଥିଲେ। ମାତ୍ର ଏଠାରେ ସଞ୍ଜୁଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦିଆଯାଇନଥିଲା। ସେପଟେ ଦକ୍ଷିଣ ଆଫ୍ରିକା ବିପକ୍ଷ ଅଭ୍ୟାସ ମ୍ୟାଚରେ ଇଶାନଙ୍କୁ ଓପନିଂ ବ୍ୟାଟିଂ ଦେବା ପରେ ଆଲୋଚନା ହେଉଥିଲା କି ସଞ୍ଜୁ କେବଳ ବେଞ୍ଚରେ ବସି ଫେରିବେ। ଆଉ ଏବେ ଏଭଳି ହେବା ପରେ ଏହି ଚର୍ଚ୍ଚା ଅଧିକ ବଢ଼ିଯାଇଛି। ତେବେ ଶନିବାର ଭାରତ ଆମେରିକା ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ।

## ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ

# ଚନ୍ଦନଙ୍କ ଘାତକ ବୋଲିଂ ଓ ସରତାଜଙ୍କ ଅର୍ଦ୍ଧଶତକ ବଳରେ ରାଉରକେଲା ପରାସ୍ତ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ, ରାଉରକେଲାର ଆରଓ୍ୱାଇସିସି କୁ ପରାସ୍ତ କରି ସେମି ଫାଇନାଲରେ ନିଜର ସ୍ଥାନ ପକ୍କା କରିଛି।



ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଓ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ମ୍ୟାଚରେ ରାଉରକେଲା ଆରଓ୍ୱାଇସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୨୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ରାଉରକେଲା ଦଳ ୨୪.୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତୀଶ କନସାରି (୪୪ ରନ), ରୋଶନ ଶର୍ମା (୨୫ ରନ) ଓ ଅଙ୍କିତ ଗୁପ୍ତା (୧୯ ରନ) ସଂଘର୍ଷ କରିଥିଲେ। ଇଲେଭେନ ଷ୍ଟାରର ବୋଲର ଚନ୍ଦନ ନାୟକ ମାତ୍ର ୪ ଓଭରରେ ୭ ରନ ଦେଇ ୫ଟି ଗୁରୁତ୍ୱପୂର୍ଣ୍ଣ ଓ୍ୱିକେଟ ନେଇ ରାଉରକେଲାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଦିବ୍ୟଜ୍ୟୋତି ଦାସ ମଧ୍ୟ ୨ଟି ଓ୍ୱିକେଟ ଅକ୍ତିଆର କରିଥିଲେ। ୧୫୧ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଯାଜପୁର ଇଲେଭେନ ଷ୍ଟାର ୨୦.୧ ଓଭରରେ ୫ ଓ୍ୱିକେଟ ହରାଇ ୧୫୨ ରନ କରି ବିଜୟୀ ହୋଇଥିଲା। ସରତାଜ ମାତ୍ର ୨୫ ବଲରେ ୫୦ ରନର ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରି ଦଳର ବିଜୟ ପଥ ସହଜ କରିଥିଲେ। ତାଙ୍କୁ ସହଯୋଗ କରି ଅନସୁଲ ବାରିକ ଓ ଆକାଶ ତ୍ରିପାଠୀ ଉଭୟ ୪୦ ରନ ଲେଖାଏଁ କରିଥିଲେ। ରାଉରକେଲା ପକ୍ଷରୁ ଅମନ ରାଜପୁତ ୩ଟି ଓ ଅଙ୍କିତ ଗୁପ୍ତା ୨ଟି ଓ୍ୱିକେଟ ନେଇଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରିନଥିଲେ।

ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଇଲେଭେନ ଷ୍ଟାରର ଚନ୍ଦନ ନାୟକଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଭାବେ ଘୋଷଣା କରାଯାଇଥିଲା। ପୂର୍ବତନ ସରପଞ୍ଚ ଶରତ ମାଝୀ ତାଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶନିବାର ଦିନ ଆନ୍ଧ୍ରପ୍ରଦେଶ ବିଜୟନଗରମ ଓ୍ୱାରିଅର୍ସ ସହିତ ଯାଜପୁରର ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବ। ଏହି ହାଇ-ଭୋଲଟେଜ୍ ମ୍ୟାଚକୁ ନେଇ ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଛି। ମ୍ୟାଚକୁ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ସତ୍ୟବ୍ରତ ଜେନା ପରିଚାଳନା କରିଥିଲେ। ସ୍କୋରର ଭାବେ ନିହାର ରଞ୍ଜନ ବେହେରା, ରାକେଶ ସାହୁ ଓ ଅନଲାଇନ ସ୍କୋରର ଭାବେ ବଳରାମ ସାହୁ ଦାୟିତ୍ୱ ତୁଲାଇଥିଲେ। ଜ୍ଞାନରଞ୍ଜନ ଘଡେଇ ଓ ପ୍ରତ୍ୟୁଷ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଡବ୍ଲୁପିଏଲ : ଚାମ୍ପିଅନ ଦଳକୁ ଶୁଭେଚ୍ଛା ଜଣାଇଲେ ବିରାଟ




ବଡ଼ୋଦରା : ବଡ଼ୋଦରାର ବିସିଏ ଷ୍ଟାଡିୟମ୍‌ରେ ଗୁରୁବାର ରାତିରେ ଖେଳାଯାଇଥିବା ମହିଳା ପ୍ରିମିୟର ଲିଗ୍‌ର ଫାଇନାଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଚାମ୍ପିୟନ ହୋଇଛି। ଏହା ପରେ ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଏହି ଦଳକୁ ଶୁଭେଚ୍ଛାର ସୁଅ ଛୁଟିଛି। ତେବେ ଦଳ ପାଇଁ ସବୁଠାରୁ ମୂଲ୍ୟବାନ ଶୁଭେଚ୍ଛା ଆସିଛି ମହାନ ଭାରତୀୟ ବ୍ୟାଟର ତଥା ପୁରୁଷ ଆରସିବି ଦଳର ସଦସ୍ୟ ବିରାଟ କୋହଲି। ଆରସିବିର ବିଜୟ ପରେ କୋହଲି ନିଜ ଇନଷ୍ଟାଗ୍ରାମ୍ ?ରେ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଲେଖିଛନ୍ତି ଯେ 'ପୁଣି ଥରେ ଚାମ୍ପିୟନ। ଆରସିବିର ବିଜୟବାନା ଉଡ଼ାଇଚାଲ, ଏହା ଏମିତି ଏକ ସଫଳତା ଯାହା ପାଇଁ ଆପଣମାନେ ସମସ୍ତେ ଗର୍ବ ଅନୁଭବ କରିପାରିବ। ଏହି ବିଜୟ ପାଇଁ ସ୍ମୃତି ମାନ୍ଧାନା ଓ ଦଳର ସବୁ ସଦସ୍ୟ, ପରିଚାଳନା ସଦସ୍ୟମାନଙ୍କୁ ଅଭିନନ୍ଦନ, ଆପଣମାନେ ଏଥିପାଇଁ ଯୋଗ୍ୟ। ଏହି ଚମତ୍କାର ସମୟକୁ ଉପଭୋଗ କର ଓ ଆମେ ପ୍ରସଂଶକମାନଙ୍କ ଭଲପାଇବାକୁ ଗ୍ରହଣ କର'। ଫାଇନାଲ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରି ଆରସିବି ଆଗରେ ୨୦୪ ରନର ଲକ୍ଷ୍ୟ ରଖିଥିଲା। ଏହାର ଜବାବରେ ଆରସିବି ୧୯.୪ ଓଭରରେ ୨୦୪ ରନ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳପକ୍ଷରୁ ସ୍ମୃତି ମାନ୍ଧାନ ୮୭ ରନ ଓ ଜର୍ଜିଆ ଭଲ୍ ୭୯ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ।

# ବ୍ୟକ୍ତିଗତ ଜୀବନର ଦୁଃଖ ଭାଙ୍ଗିପାରିଲାନି ସ୍ମୃତିଙ୍କ ଆତ୍ମବିଶ୍ୱାସ

ବଡ଼ୋଦରା: ମଣିଷର ଜୀବନରେ ଅନେକ ଝଡ଼ଝଞ୍ଜା ବାଧାବିଘ୍ନ ଆସେ, କିନ୍ତୁ ସବୁ ପ୍ରତିବନ୍ଧକକୁ ଡେଇଁ ଉପରକୁ ଉଠିବାକୁ ସଫଳତା କୁହାଯାଏ। ଏହାକୁ ପ୍ରମାଣିତ କରିଛନ୍ତି ଭାରତୀୟ ମହିଳା କ୍ରିକେଟ୍ ଖେଳାଳି ସ୍ମୃତି ମାନ୍ଧାନା। ମହିଳା କ୍ରିକେଟ୍ ଲିଗ୍‌ର ଫାଇନାଲରେ ତାଙ୍କର ବିସ୍ଫୋରକ ଇନିଂସ୍ ବଳରେ ଆରସିବି ଚାମ୍ପିୟନ ହେବା ପରେ ସବୁରି ମୁହଁରେ ସ୍ମୃତିଙ୍କ ପ୍ରସଂଶା ରହିଛି। ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦୪ ରନର ଏକ ବଡ଼ ଲକ୍ଷ୍ୟ ରଖିଥିଲା। ଆରସିବି ପକ୍ଷରୁ ସ୍ମୃତି ଓ ଗ୍ରେସ୍ ହ୍ୟାରିସ୍ ବ୍ୟାଟିଂ ଆରମ୍ଭ କରିଥିଲେ। କିନ୍ତୁ ହ୍ୟାରିସ୍ ମାତ୍ର ୯ ରନ କରି ଆଉଟ୍ ହେବାପରେ ଦଳ ଉପରେ ଚାପ ବଢିଯାଇଥିଲା। କିନ୍ତୁ ସ୍ମୃତି ଓ ଜର୍ଜିଆ ଭଲ୍ ଏହି ଚାପରେ ଦବି ନଯାଇ ଖେଳିଥିଲେ ଓ ମାତ୍ର ୯୨ଟି ବଲରୁ ୧୬୫ ରନର ଭାଗୀଦାର କରି ଏକ ଅସମ୍ଭବ ମନେ ହେଉଥିବା ମ୍ୟାଚକୁ ଦିଲ୍ଲୀ ହାତରୁ ଛଡେଇ ଆଣିଥିଲେ। ସ୍ମୃତି ଅସାଧାରଣ ମାନସିକ ଦୃଢ଼ତାର ସହ ବ୍ୟାଟିଂ କରି ମାତ୍ର ୪୧ଟି ବଲରେ ୮୭ ରନ କରିଥିଲେ। ଏପରିକି ଗତ ଦୁଇଦିନ ଧରି ସେ ଜ୍ୱରରେ ପୀଡ଼ିତ ଥିବା ସତ୍ତ୍ୱେ ଏହି ଅସାଧାରଣ ପାଳି ଖେଳିଥିଲେ। ମାତ୍ର ଅଢେଇ ମାସ ତଳେ ସ୍ମୃତିଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିଲା। କେବଳ ତାଙ୍କ ବିବାହ ଭାଙ୍ଗିଯାଇ ନଥିଲା ତା ସହିତ ତାଙ୍କର ହୃଦୟ ମଧ୍ୟ ଭାଙ୍ଗିଯାଇଥିଲା। ଗତ ୫ ବର୍ଷ ହେଲା ସେ ପଳାଶ ମୁଛଲଙ୍କୁ ସେ ହୃଦୟର ସହ ଭଲ ପାଉଥିଲେ, ନଭେମ୍ବର ୨୩ରେ ତାଙ୍କୁ ବିବାହ କରିବାକୁ ଯାଉଥିଲେ। କିନ୍ତୁ ବିବାହର ଠିକ୍ ପୂର୍ବରୁ ଏକ ଦୁର୍ଭାଗ୍ୟଜନକ ଘଟଣାକ୍ରମେ ବିବାହ ଭାଙ୍ଗିଯାଇଥିଲା। ବିବାହ ଭାଙ୍ଗିଯିବା ଯେତିକି ବଡ଼ କଥା ନଥିଲା, ତାଠାରୁ ବଡ଼ କଥା ଥିଲା ତାଙ୍କ ପ୍ରତି ପଳାଶଙ୍କ ବିଶ୍ୱାସଘାତକତା। ଏହା ତାଙ୍କର ଭବିଷ୍ୟତର ସୁନେଲି ସ୍ୱପ୍ନକୁ ଦିନ କେଇଟାରେ ଓଲଟପାଲଟ କରିଦେଇଥିଲା। ଇନଷ୍ଟାଗ୍ରାମରେ ସେ ଲେଖିଥିଲେ ଯେ ତାଙ୍କ ଜୀବନକୁ ନେଇ ଅନେକ କଳ୍ପନା ଜଳ୍ପନା ଚାଲିଛି। ତାହାକୁ ସେ ଦୂର କରିବାକୁ ଚାହୁଁଛନ୍ତି ଓ କହିବାକୁ ଚାହୁଁଛନ୍ତି ଯେ ବିବାହ ଭାଙ୍ଗିଯାଇଛି। କିନ୍ତୁ ଏତେ ଦୁଃଖ ମଧ୍ୟରେ ସେ ନିଜର ଦୃଢ଼ ସଂକଳ୍ପ ପ୍ରକାଶ କରିବାକୁ ଭୁଲିନଥିଲେ। କହିଥିଲେ ଯେ ଦେଶ ପାଇଁ ଖେଳିବା ଓ ଟ୍ରଫି ହାସଲ କରିବା ଉପରେ ସବୁବେଳେ ତାଙ୍କର ଧ୍ୟାନ ରହିବ। ଏବେ ସେ ନିଜର ସେହି ସଂକଳ୍ପକୁ ପ୍ରମାଣିତ କରିଛନ୍ତି ।

# ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଦଳରେ ୫ ଓଡ଼ିଆ: ରୋଶନ ପ୍ରଥମ ଥର ସାମିଲ




ଭୁବନେଶ୍ୱର: ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପୁରୁଷ ହକିର ରାଉରକେଲା ପର୍ଯ୍ୟାୟ ଲାଗି ଗୁରୁବାର ହକି ଇଣ୍ଡିଆ ୨୪ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ ଅଲିମ୍ପିଆନ୍ ତଥା ଅଭିଜ୍ଞ ରକ୍ଷଣଭାଗ ଖେଳାଳି ଅମିତ ରୋହିଦାସଙ୍କ ସହ ୫ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଘରୋଇ ପରିବେଶରେ ପ୍ରୋ-ଲିଗ୍ ଭଳି ସମ୍ମାନଜନକ ପ୍ରତିଯୋଗିତା ଖେଳିବାକୁ ଯାଉଥିବା ଓଡ଼ିଶାର ଅନ୍ୟ ଖେଳାଳିମାନେ ହେଲେ ନୀଳମ ସଂଜୀପ ଖେସ୍, ଅମନଦୀପ ଲାକ୍ରା, ରୋଶନ କୁଜୁର ଓ ଶିଳାନନ୍ଦ ଲାକ୍ରା। ଅମିତ ଓ ନୀଳମ ରକ୍ଷଣଭାଗରେ ନିଜ ଯାଦୁ ଦେଖାଇବେ। ହକି ଇଣ୍ଡିଆ ଲିଗ୍-୨୦୨୬ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଅମନଦୀପ ମଧ୍ୟ ସେମାନଙ୍କ ତାଳ ସହ ତାଳ ଦେଇ ଖେଳିବେ। ମଧ୍ୟକ୍ରମରେ ରହିବେ ରୋଶନ କୁଜୁର। ୨୧ବର୍ଷୀୟ କୁଜୁର ପ୍ରଥମ ଥର ଲାଗି ଭାରତୀୟ ବରିଷ୍ଠ ପୁରୁଷ ଦଳକୁ ଡାକରା ପାଇଛନ୍ତି। ଗତବର୍ଷ ଚେନ୍ନାଇଠାରେ ଅନୁଷ୍ଠିତ କନିଷ୍ଠ ହକି ବିଶ୍ୱକପ୍ ?ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ ସେ। ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍ ? ?ରେ ବିଜେତା ହୋଇଥିବା ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ଲାନସର୍ସର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ହରମନ୍‌ପ୍ରୀତ୍ ସିଂହ ପୂର୍ବଭଳି ଏହି ପ୍ରତିଯୋଗିତାରେ ବି ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ଭାରତୀୟ ଦଳ: ଗୋଲ୍‌ରକ୍ଷକ-ସୁରଜ କେରକେରା, ପବନ। ରକ୍ଷଣଭାଗ-ଅମିତ ରୋହିଦାସ, ଜର୍ମନପ୍ରୀତ ସିଂହ, ଯୁଗରାଜ ସିଂହ, ହରମନ୍‌ପ୍ରୀତ ସିଂହ, ସୁମିତ, ସଂଜୟ, ନୀଳମ ସଂଜୀପ ଖେସ୍, ଅମନଦୀପ ଲାକ୍ରା, ମଧ୍ୟଭାଗ-ରାଜୀନ୍ଦର ସିଂହ, ମନମିତ ସିଂହ, ବିବେକ ସାଗର ପ୍ରସାଦ, ହାର୍ଦିକ ସିଂହ, ମୋଇରଙ୍ଗଥେମ୍ ରବିଚନ୍ଦ୍ର ସିଂହ, ନୀଳକାନ୍ତ ଶର୍ମା, ରୋଶନ କୁଜୁର, ଅଗ୍ରଭାଗ-ଅଭିଷେକ, ସୁଖଜିତ ସିଂହ, ଶିଳାନନ୍ଦ ଲାକ୍ରା, ସେଲଭମ୍ କାର୍ତ୍ତି। ମନ୍‌ଦୀପ ସିଂହ, ଅରାଇଜିତ ସିଂହ ହୁଣ୍ଡାଲ, ଆଦିତ୍ୟ ଅର୍ଜୁନ ଲଲାଗେ।

# ଅଷ୍ଟ୍ରେଲିଆ ଛାଡ଼ି ଦୁବାଇରେ ରହିବେ ବ୍ରେଟ୍ ଲି



ଦୁବାଇ: ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ବ୍ରେଟ ଲି ଅଷ୍ଟ୍ରେଲିଆ ଛାଡ଼ି ଏବେ ଦୁବାଇରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେ ତାଙ୍କ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଏହା ସହିତ ସେ କେତେକ ଫଟୋ ମଧ୍ୟ ସେୟାର କରିଛନ୍ତି। ତେବେ କେଉଁ କାରଣରୁ ସେ ଅଷ୍ଟ୍ରେଲିଆ ଛାଡ଼ି ଦୁବାଇରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି ସେ ସମ୍ପର୍କରେ ସେ ସ୍ପଷ୍ଟ କରିନାହାନ୍ତି। ତେବେ ନିଜ ପୋଷ୍ଟରେ ସେ ସଂକେତ ଦେଇଛନ୍ତି ଯେ କେତେକ କାମ ପାଇଁ କିଛିଥର ଦୁବାଇ ଆସିଥିଲେ। ପରେ କାମ ବଢିବା ପରେ ଏବେ ଦୁବାଇ ତାଙ୍କ ଘର ପାଲଟି ଯାଇଛି। ଅନେକ ସୁଯୋଗ, ଭଲ ଲୋକ, ପରିବାର ସହ ପ୍ରଚୁର ସମୟ ଓ ଭଲ ଲାଇଫଷ୍ଟାଇଲକୁ ଏଡ଼େଇ ପାରିନଥିଲି। ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ ପିଲାମାନେ ବଡ଼ ହେଉଛନ୍ତି ଓ ଏଠାକାର ସ୍କୁଲଗୁଡ଼ିକ ଭଲ। ବାଟଘାଟରେ ଭଲ ଲୋକ ଭେଟ ହୁଅନ୍ତି। ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ଅଷ୍ଟ୍ରେଲିଆ ତାଙ୍କ ପାଇଁ ସବୁବେଳେ ନିଜର ଘର ହୋଇ ରହିବ। ସେଠାରେ ଯେଉଁ ଜୀବନ ଗଢ଼ିଥିଲୁ ସେଥିବାଇଁ କୃତଜ୍ଞ। ତାହା କେବେ ବଦଳିବ ନାହିଁ। କିନ୍ତୁ ଦୁବାଇରେ କିଛି (ଆକର୍ଷଣ) ଅଛି। ଅଳ୍ପ ସମୟ ପାଇଁ ଏଠାରେ ରହିଛି, କିନ୍ତୁ ଏହାକୁ ଜୀବନର ପରବର୍ତ୍ତି ଅଧ୍ୟାୟ ପାଇଁ ଘର କହିବାକୁ ଗର୍ବ ଅନୁଭବ କରୁଛି। ନିଜର ଇନଷ୍ଟାଗ୍ରାମ ପୋଷ୍ଟରେ ସେ କେତେକ ଫଟୋ ସେୟାର କରିଛନ୍ତି ଯେଉଁଥିରେ ସେ କେତେ ଜଣ ସ୍ଥାନୀୟ ଶିଳ୍ପପତିଙ୍କ ସହ ଫଟୋ ରହିଛି। ବ୍ରେଟ ଲି ୨୦୧୨ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସେ ଅଷ୍ଟ୍ରେଲିଆ ପାଇଁ ୭୬ଟି ଟେଷ୍ଟ ଖେ?ଳି ୩୧୦ଟି ଓ୍ୱିକେଟ ନେଇଛନ୍ତି। ସେହିପରି ସେ ୨୨୧ଟି ଦିନିକିଆ ଖେଳି ୩୮୦ଟି ଓ୍ୱିକେଟ ନେଇଛନ୍ତି।

# ଦିଲ୍ଲୀ ଦୁଃସ୍ୱପ୍ନ ଜାରି: ଆରସିବିକୁ ଦ୍ୱିତୀୟ ଥର ଟ୍ରଫି ଦେଲେ ମନ୍ଧାନା




ବଡ଼ୋଦରା: ଅଭିଶପ୍ତ ଦଳ ଭଳି ଦିଲ୍ଲୀ କ୍ୟାପିଟାଲ୍ସ ଦେଶର ଦୁଇ ପ୍ରିମିୟର ଲିଗ୍‌ର କ୍ରିକେଟ୍‌ର ପ୍ରତିଯୋଗିତା ଜିତିବାରେ ବିଫଳ ହୋଇଛି। ଆଇପିଏଲ୍ ୧୮ ବର୍ଷ ବିତିଯାଇଥିବା ବେଳେ ପୁରୁଷ ଦଳର ସ୍ୱପ୍ନ ଅଧୁରା ରହିଛି। ମହିଳା ଦଳର ଭାଗ୍ୟ ଉଦୟ ବି ହୋଇପାରିନି। ସବୁଠାରୁ ବଡ଼ କଥା ହେଉଛି ମାତ୍ର ୪ ବର୍ଷ ତଳେ ଆରମ୍ଭ ହୋଇଥିବା ଡବ୍ଲ୍ୟୁପିଏଲ୍‌ର ପ୍ରତି ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ଫାଇନାଲ୍ ହିଡ଼ ଅତିକ୍ରମ କରି ନପାରି ଉପବିଜେତା ହୋଇଛି। ଗୁରୁବାର ଖେଳାଯାଇଥିବା ଫାଇନାଲ୍‌ରେ ଜେମିମା ରଡ୍ରିଗ୍ସଙ୍କ ଡିସିକୁ ସ୍ମୃତି ମାନ୍ଧାନାଙ୍କ ଆରସିବି ୬ ଓ୍ୱିକେଟ୍‌ରେ ହରାଇ ଗୋଟିଏ ବର୍ଷ ବ୍ୟବଧାନ ପରେ ପୁଣି ବିଜେତା ହୋଇଛି। ଡିସି ଦେଇଥିବା ୨୦୪ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ଆରସିବି ୨ ବଲ୍ ପୂର୍ବରୁ ୪ ଓ୍ୱିକେଟ୍‌ର ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଏଥିସହ ଆରସିବି ଦ୍ୱିତୀୟ ଥର ଟ୍ରଫି ତୋଳି ଧରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ପାଓ୍ୱାର ପ୍ଲେ ୬ ଓଭରରେ ୧ ଓ୍ୱିକେଟ୍ ହରାଇ ୫୩ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ଯୋଡ଼ି ଶେଫାଳି ବର୍ମା (୧୩ରୁ ୨୦ ରନ୍) ଓ ଲିଜେଲ୍ ଲି (୩୦ରୁ ୩୭ ରନ୍) ଦୃଢ଼ ମୂଳଦୁଆ ପକାଇବା ପରେ ଅଧିନାୟିକା ଜେମିମା ରଡ୍ରିଗ୍ସ (୩୭ ବଲ୍‌ରୁ ୫୭ ରନ୍)ଙ୍କ ସହ ଲେ?ରା ଓ୍ୱଲ୍‌ଭର୍ଟ (୨୫ ବଲ୍‌ରୁ ୪୪ ରନ୍) ଏବଂ ଚିନେଲ୍ ହେନରି (୧୫ ବଲ୍‌ରୁ ୩୫ ରନ୍) ସଂଗ୍ରହ କରିବାରୁ ଦିଲ୍ଲୀ ୪ ଓ୍ୱିକେଟ୍ ହରାଇ ୨୦୩ ରନ୍‌ର ଲମ୍ବୁଆ ସ୍କୋର୍ ଛିଡ଼ା କରିଥିଲା। ଆ?ରସିବି ପକ୍ଷରୁ ସାୟଲୀ ସଟ୍‌ଘରେ, ଅରୁନ୍ଧତୀ ରେଡ୍ଡୀ, ନାଡିନ୍ ଡି'କ୍ଲାର୍କ ପ୍ରତ୍ୟେକ ଗୋଟିଏ ଲେଖାଏଁ ଓ୍ୱିକେଟ୍ ନେଇଥିଲେ। ଜବାବରେ ଆରସିବି ପ୍ରଥମରୁ ଏହାର ବିସ୍ଫୋରକ ଓପନର ଗ୍ରେସ୍ ହାରିସ (୯)ଙ୍କୁ ହରାଇଥିଲା। ହେନ୍?ରି ତାଙ୍କୁ ବୋଲ୍ଡ କରି ଦେଇଥିଲେ। କିନ୍ତୁ ଅଧିନାୟିକା ସ୍ମୃତି ମନ୍ଧାନା ଓ ଅଷ୍ଟ୍ରେଲୀୟ ଯୁବା ଜର୍ଜିଆ ଭୋଲ୍ ଶତକୀୟ ଭାଗୀଦାର ପ୍ରତିଷ୍ଠା କରି ମ୍ୟାଚ୍‌କୁ ସହଜ କରି ଦେଇଥିଲେ। ମନ୍ଧାନା ୨୩ ବଲ୍‌ରୁ ଓ ଭୋଲ୍ ୩୭ ବଲ୍‌ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରିବା ପରେ ଅଧିକ ଭୟଙ୍କର ବ୍ୟାଟିଂ କରିଥିଲେ। ଭୋଲ୍ (୫୪ ବଲ୍‌ରୁ ୭୯ ରନ୍)ଙ୍କୁ ମିନୁ ମଣି ଆଉଟ୍ କରିଥିଲେ। ମନ୍ଧାନା (୪୧ ବଲ୍‌ରୁ ୮୭ ରନ୍) ୧୯ତମ ଓଭରରେ ଆଉଟ୍ ହୋଇ ଚାପ ବଢ଼ାଇଥିଲେ। ଶେଷ ଓଭରକୁ ୧୦ ରନ୍ ରହିଥିଲା। ରାଧା ଯାଦବ (୫ ବଲ୍‌ରୁ ୧୨ଅ ରନ୍) ଲଗାତାର ଚୌକା ମାରି ୨ ବଲ୍ ପୂର୍ବରୁ ଆରସିବିକୁ ଜିତାଇଥିଲେ।

# ଜଙ୍ଗଲରୁ ମିଳିଲା ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା ବିସ୍ରା ଥାନା ଅନ୍ତର୍ଗତ ଜାମ୍ପେର୍ଣ୍ଣା ଗ୍ରାମରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଏନେଇ ପୋଲିସ ଛାନଭିନ୍ ଆରମ୍ଭ କରିଛି। ସୂଚନା ଯୋଗ୍ୟ, ନାବାଳିକା ଜଣଙ୍କ ଗୁରୁବାର ବିଦ୍ୟାଳୟକୁ ଯାଉଥିବାବେଳେ ନିଖୋଜ ହୋଇଥିଲେ। ବିଦ୍ୟାଳୟକୁ ଛାତ୍ରୀ ଜଣଙ୍କ ଆସି ନ ଥିବା ନେଇ ତାଙ୍କ ପିତା ଶିକ୍ଷକଙ୍କୁ ଅବଗତ କରିଥିଲେ। ଏହି ଖବର ପରିବାର ଲୋକେ ଜାଣି ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ଖୋଜା ଖୋଜି କରିଥିଲେ। ପରେ ରାତିରେ ପାକଡେଗା ଜଙ୍ଗଲରେ ଛାତ୍ରୀ ଜଣଙ୍କ ଅଚେତ ପଡ଼ିଥିବାର ଗ୍ରାମବାସୀ ଦେଖିଥିଲେ। ଏହପରେ ପରିବାର ଏବଂ ଗ୍ରାମବାସୀ ମିଶି ବିସ୍ରା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ଲାଗି ନେଇଯାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାର ଶୁକ୍ରବାର ଭୋର ୩ଟାରରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବିସ୍ରା ଥାନାରେ ୩୮/୨୬ରେ ଏକ ମାମଲା ରୁଜୁ ହୋଇଛି।

MINISTRY OF ROAD TRANSPORT AND HIGHWAYS
NOTIFICATION
New Delhi, the 20th January, 2026

S.O. 285(E).— Whereas by the notification of the Government of India in the Ministry of Road Transport and Highways, 2614(E) Dated:13/06/2025, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction of Toll Plaza Maintenance, management and operation of NH26 in the stretch of land from Km. 317.28 to Km. 328.78 in the district of KORAPUT in the state of ODISHA

And whereas the substance of the said notification has been published in "The Indian Express" dated 21/07/2025, and "Samaj" dated 21/07/2025 ; under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

SCHEDULE

Brief description of the land to be acquired, with or without structure, falling within the NH26 in the stretch of land from Km. 317.28 to Km. 328.78 in the district of KORAPUT in the state of ODISHA

| State: ODISHA | | | District: KORAPUT | | |
|---|---|---|---|---|---|
| Sl. No. | Survey/Plot Number | Type of Land | Nature of Land | Area (in Hectares) | Name of Land Owner/Interested Person |
| 1 | 2 | 3 | 4 | 5 | 6 |
| Taluk: Boriguma | | | | | |
| Village: Khudiguda | | | | | |
| 1 | 35/370 | Private | Gharabari | 0.344 | Sri Tripati Panigrahi, Srikant Panigrahi ,Srinibasa Panigrahi 35/370 |
| Village: Jhilimili | | | | | |
| 2 | 244 | Private | Gharabari | 0.129 | Ramakrushna Dandasena, Gopala Dandasena, Santosh Dandasena , Gagan Dandasena 244 |
| 3 | 244/703 | Private | paddy-2 | 0.23 | N Madhaba Rao 244/703 |
| 4 | 627/3862 | Private | paddy-2 | 0.081 | Smt Sarojini Sahoo 627/3862 |
| Village: Borigumma | | | | | |
| 5 | 910/2 | Private | paddy-2 | 0.089 | Smt Triloki Goudani 910/2 |
| | | | Total | 0.873 | |

[F. No. 12037/48/2015/ORS/P-5/3D]
SHAIKH AMINKHAN, Director
OIPR : 24001/8/2526





# ଓଟିଇଟି ପେପର ୨ରେ ଦୁଇ ବର୍ଷିଆ ସ୍ୱତନ୍ତ୍ର ଶିକ୍ଷା(ବି.ଇଡ଼ି) ସାମିଲ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଶୈକ୍ଷିକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପେପର ୨ ଆବେଦନରେ ଏକ ବର୍ଷିଆ ସ୍ୱତନ୍ତ୍ର ଶିକ୍ଷା (ବି.ଇଡ଼ି) ଉଲ୍ଲେଖି ହୋଇଥିଲା, କିନ୍ତୁ ୨୦୧୫ ମସିହାରେ ଏକ ବର୍ଷିଆ ସ୍ୱତନ୍ତ୍ର ଶିକ୍ଷା (ବି.ଇଡ଼ି) ଦୁଇ ବର୍ଷରେ ପରିଣତ ହୋଇଥିଲା କିନ୍ତୁ (ଓଟିଇଟି) ପେପର ୨ ରେ ଆବେଦନ ପାଇଁ ତାହା ପରିବର୍ତ୍ତନ ହୋଇନଥିଲା। ଏଥିପାଇଁ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘ (ଓଏସଇଏଫଡ଼ି )ର ଅଦମ୍ୟ ପ୍ରଚେଷ୍ଟା ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ଦୀର୍ଘ ୧୧ ବର୍ଷ ପରେ ଓଡ଼ିଶା ଶୈକ୍ଷିକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ପେପର ୨ରେ



ଦୁଇବର୍ଷିଆ ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା) ସାମିଲ୍ ହେବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଓଡ଼ିଶା ସରକାରଙ୍କ ରାଜପତ୍ର ପ୍ରକାଶ ପାଇଛି।ଯାହା ଦ୍ୱାରା ୪୦୦୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଉପକୃତ ହେବେ।

ଏହି ଅବସରରେ ଓଡ଼ିଶା ସ୍ପେସିଆଲ ଏଡୁକେଟର ଫେଡେରେସନ ଫର ଦିବ୍ୟାଙ୍ଗ ସଂଘର ରାଜ୍ୟ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଧନ୍ୟବାଦ୍ ଜ୍ଞାପନ କରିବା ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ଶୀଘ୍ର ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି ଏବଂ ସଂଘର ରାଜ୍ୟ ସଭାପତି ସୂର୍ଯ୍ୟକାନ୍ତ ବେହେରା ମତ ରଖିଛନ୍ତି ଯେ ଦୀର୍ଘଦିନ ଧରି ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକ ଧୀରେ ଧୀରେ ନୂତନ ସରକାରରେ ସମାଧାନ ହେଉଛି ଯାହା ଦିବ୍ୟାଙ୍ଗଙ୍କ ବିକାଶ କ୍ଷେତ୍ରରେ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ହୋଲି ସମୟରେ ଯାତ୍ରୀଭିଡ଼ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ହୋଲି ଉତ୍ସବ ସମୟରେ ଯାତ୍ରୀମାନଙ୍କ ପାଇଁ ସୁଗମ, ନିରାପଦ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ୬୨ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା କରିଛି, ଯାହା ଦେଶର ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ। ପର୍ବପର୍ବାଣି ସମୟରେ ଭାରତୀୟ ରେଳବାଇ ଅଧିକ ସଂଖ୍ୟକ ଟିକେଟ୍ ବୁକିଂର ନଜର ରହିଛି। ଯାହା ଫଳରେ ନିୟମିତ ଟ୍ରେନରେ ଟିକେଟ୍‌ର ଲମ୍ବା ପ୍ରତୀକ୍ଷା ତାଲିକା ଦେଖିବାକୁ ମିଳୁଛି। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଭାରତୀୟ



ରେଳ ନିୟମିତ ଟ୍ରେନରେ ଅତିରିକ୍ତ କୋଚ୍ ବୃଦ୍ଧି କରାଇବା ବ୍ୟତୀତ ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ମାର୍ଗରେ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଅଛି।

ଯୋଜନା କରାଯାଇଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ସମ୍ବଲପୁର-ଏରୋଡ୍, ବିଶାଖାପାଟଣା-ତିରୁପତି, ବିଶାଖାପାଟଣା-ଏସଏମଭିବି ବେଙ୍ଗାଲୁରୁ, ବିଶାଖାପାଟଣା-ଚାର୍ଲାପାଲି, ବିଶାଖାପାଟଣା-ଶାଲିମାର, ପୁରୀ-ପାଟନା, ପୁରୀ-ଉଧନା, ଭୁବନେଶ୍ୱର-ଯଶବନ୍ତପୁର ଏବଂ ଭୁବନେଶ୍ୱର-ଧାନବାଦ ସମେତ ପ୍ରମୁଖ ସ୍ଥାନଗୁଡ଼ିକୁ ସଂଯୋଗ କରିବ, ଯାହା ଯାତ୍ରୀଙ୍କ ଚାହିଦାରେ ଆଶା କରାଯାଇଥିବା ବୃଦ୍ଧିକୁ ପୂରଣ କରିବ।

ପୂର୍ବତଟ ରେଳପଥ, ସକ୍ରିୟ ଯୋଜନା ଏବଂ ସୁଦୃଢ଼ ପରିଚାଳନା ପ୍ରସ୍ତୁତି ମାଧ୍ୟମରେ, ବିଶେଷ କରି ପ୍ରମୁଖ ପର୍ବପର୍ବାଣୀ ସମୟରେ, ନିରାପଦ, ଦକ୍ଷ ଏବଂ ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଯାତ୍ରୀମାନେ ଆଇଆରସିଟିସି ୱେବସାଇଟ୍ ଅନୁସରଣ କରି କିମ୍ବା ମୋବାଇଲ୍ ଆପ୍ ଯେମିତିକି ରେଲ୍ ୱାନ୍ ଆପ୍ ମାଧ୍ୟମରେ ଟିକେଟ ବୁକ୍ କରି କିମ୍ବା ଚଳନ୍ତି କାଉଣ୍ଟରରୁ ଟିକେଟ ବୁକ୍ କରିବା ସହ ଅନଲାଇନରେ ସେମାନଙ୍କର ଟିକେଟ ବୁକ୍ କରିପାରିବେ।

# ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମହାନଦୀ ଜଳ ବିବାଦ ସମାଧାନ ଦିଗରେ ରାଜ୍ୟ ବିଜେପି ସରକାର କୌଣସି ପଦକ୍ଷେପ ନେଇ ନଥିବା ବେଳେ ଗତ ୧୯ ମାସରେ ଛତିଶଗଡ଼ ଅନେକ ଚେକ୍ ଡ୍ୟାମ୍ ଓ ବାଲି ବନ୍ଧ ନିର୍ମାଣ କରିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ଗୋଟିଏ ପଟେ ଓଡ଼ିଶାର ଲୋକେ ତାଙ୍କ ନିତ୍ୟ ବ୍ୟବହାର ନିମନ୍ତେ ମହାନଦୀରୁ ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ଛତିଶଗଡ଼ ଅବୈଧ ଭାବେ ପାଣିକୁ ରୋକି ଶିଳ୍ପ ଅନୁଷ୍ଠାନଗୁଡ଼ିକୁ ବିକ୍ରି କରି ଚାଲିଛି ବୋଲି ବିଜେଡି ଅଭିଯୋଗ କରିଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ନିରଞ୍ଜନ ପୂଜାରୀ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ଦେବୀ ପ୍ରସାଦ ମିଶ୍ର କହିଥିଲେ, ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ପଷ୍ଟ ଆଭିମୁଖ୍ୟ ନାହିଁ। ସରକାର ଦ୍ୱନ୍ଦ୍ୱରେ ଅଛନ୍ତି। ପ୍ରଥମେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, କିନ୍ତୁ ସେ ଦିଗରେ କୌଣସି ଅଗ୍ରଗତି ହେଲା ନାହିଁ। ପୁଣି ଟ୍ରିବ୍ୟୁନାଲକୁ ଯିବାକଥା କୁହାଗଲା, କିନ୍ତୁ ଟ୍ରିବ୍ୟୁନାଲର ଅବଧିକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଧାରିତ ସମୟ ଭିତରେ ଚିଠି ଲେଖାଗଲା ନାହିଁ, ଯେଉଁଥି ପାଇଁ ଟ୍ରିବ୍ୟୁନାଲ ସରକାରଙ୍କୁ ଭର୍ତ୍ସନା କଲେ।

ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହାନଦୀ ଜଳ ବିବାଦକୁ ସମାଧାନର ସୂତ୍ର ବାହାର କରିବା ପରିବର୍ତ୍ତେ ପରିସ୍ଥିତିକୁ ଅଧିକ ଗୋଳିଆ କରୁଛନ୍ତି। ସରକାର କେବଳ ବୟାନବାଜିରେ ବ୍ୟସ୍ତ ଅଛନ୍ତି। ଗତ ୧୯ ମାସରେ ଛତିଶଗଡ଼ ଏକାଧିକ ଚେକ୍ ଡ୍ୟାମ ଓ ବାଲିବନ୍ଧ ନିର୍ମାଣ କରିଛି, ଯାହା ପରିସ୍ଥିତିକୁ ଅଧିକ ଜଟିଳ କରିଛି। ନବୀନ ସରକାରଙ୍କ ସମୟରେ ଏହି ବିବାଦ ଦେଖା ଦେବା ପରେ, ପ୍ରଥମେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ମାଧ୍ୟମରେ ଏହି ବିବାଦର ସମାଧାନ କରିବା ପାଇଁ ଚେଷ୍ଟା କରାଯାଇ ଥିଲା। ନା ଆପୋସ ଆଲୋଚନା ଦିଗରେ ନା ଟ୍ରିବ୍ୟୁନାଲ ମାଧ୍ୟମରେ, ମହାନଦୀ ଜଳ ବିବାଦ ସମାଧାନ ଦିଗରେ ରାଜ୍ୟ ସରକାର ଇଞ୍ଚେଟିଏ ମଧ୍ୟ ଅଗ୍ରସର ହୋଇ ନାହାନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଗଠନ କରାଯାଇଥିବା ମନ୍ତ୍ରୀସ୍ତରୀୟ କମିଟି କେବଳ ନିଜ ସଦସ୍ୟ ମାନଙ୍କ ସହିତ ଦୁଇଟି ବୈଠକ କରିଛି। ଏହି ମନ୍ତ୍ରୀସ୍ତରୀୟ କମିଟି ସହିତ ସମସ୍ତ ରାଜନୈତିକ ଦଳ ଓ ସମସ୍ତ ଷ୍ଟେକହୋଲଡରଙ୍କ ବୈଠକ ହେବ ବୋଲି ଦିନ ସ୍ଥିର କରାଯାଇଥିଲା, ଯାହାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା। ଶ୍ରୀ ଆଚାର୍ଯ୍ୟ କହିଥିଲେ, ମହାନଦୀ ଜଳ ବିବାଦ ପ୍ରସଙ୍ଗରେ, ରାଜ୍ୟ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି। ଛତିଶଗଡ଼ ଓଡ଼ିଶା ସରକାରଙ୍କ କଥାକୁ ଶୁଣିବାକୁ ପ୍ରସ୍ତୁତ ନୁହେଁ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟ ବିଜେପି ସରକାରଙ୍କ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ନାହିଁ। ତୁରନ୍ତ ରାଜ୍ୟବାସୀଙ୍କ ସମ୍ମୁଖରେ ରାଜ୍ୟ ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ନିରଞ୍ଜନ ପୂଜାରୀ କହିଥିଲେ, ମନ୍ତ୍ରୀ ସ୍ତରୀୟ କମିଟିରେ ସେ ସଦସ୍ୟ ରୂପେ ମନୋନୀତ ହୋଇଥିବାରୁ, ହୋଇଥିବା ଦୁଇଟି ବୈଠକରେ ସେ ଯୋଗ ଦେଇଥିଲେ। ଦ୍ୱିତୀୟ ବୈଠକରେ ସର୍ବଦଳୀୟ ଓ ଷ୍ଟେକହୋଲଡରଙ୍କ ସହ ଜାନୁଆରୀ ୨୩ ତାରିଖରେ ବୈଠକ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କୌଣସି କାରଣ ପାଇଁ ଏହାକୁ ବାତିଲ କରି ଦିଆଯାଇଥିଲା। ଏହାଛଡା ମନ୍ତ୍ରୀ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ଜାନୁଆରୀ ୩୧ ତାରିଖରେ ଛତିଶଗଡ଼ ଯାଇ ସେଠାରେ ସେମାନଙ୍କ ଏକ ମନ୍ତ୍ରୀ ସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କ ସହିତ ବୈଠକ ହେବା ପାଇଁ ସ୍ଥିର ହୋଇଥିଲା, ଯାହାକୁ ମଧ୍ୟ ବାତିଲ କରି ଦିଆଯାଇଛି। ବର୍ତ୍ତମାନ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ଟ୍ରିପଲ ଇଞ୍ଜିନ ସରକାର ଥିବାରୁ, ଏହାର ସମାଧାନ ସମ୍ଭବ ହୋଇପାରିବ ବୋଲି ଯେଉଁ ଆଶା ଦେଖା ଯାଉଥିଲା, କିନ୍ତୁ ସେ ଦିଗରେ ସେପରି କିଛି ଅଗ୍ରଗତି ହୋଇନାହିଁ।

# ବେଦାନ୍ତ ଆଲୁମିନିୟମର 'ମିଲାପ' କଳାହାଣ୍ଡିରେ ଗୋଷ୍ଠୀଗତ ଯୋଗଦାନକୁ ନୂଆ ରୂପ ଦେଉଛି

**କଳାହାଣ୍ଡି, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଭଳି ଅଞ୍ଚଳରେ ସମୁଦାୟ ସହ ସମ୍ପୃକ୍ତି କିମ୍ବା ସଂଯୋଗ କ୍ୱଚିତ ବ୍ୟାପକ ଓ ଆକର୍ଷଣୀୟ ହୋଇଥାଏ। ଏହା ହେଉଛି ନିରନ୍ତରତା, ବିଶ୍ୱାସ ଓ ବିଶ୍ୱସନୀୟତା ବିଷୟ ଯାହା ବାରମ୍ବାର ଦେଖାଦେଲେ ଆସିଥାଏ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏହାର ଲାଞ୍ଜିଗଡ଼ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ କରାଯାଇଥିବା ପ୍ରୋଜେକ୍ଟ ମିଳାପ ସେହି ବୁଝାମଣା ଆଧାରରେ ଗଠନ କରାଯାଇଛି।



୨୦୨୩ ଡିସେମ୍ବରରେ ଶୁଭାରମ୍ଭ ହୋଇଥିବା ମିଳାପ ହେଉଛି କମ୍ପାନୀର ଗୋଷ୍ଠୀ ସଂଯୋଗ ଅଭିଯାନ ଯାହାକୁ ନେତୃତ୍ୱ ଟିମ ଓ ପଡ଼ୋଶୀ ଗ୍ରାମଗୁଡ଼ିକ ମଧ୍ୟରେ ପ୍ରତ୍ୟକ୍ଷ, ଢାଞ୍ଚାଗତ ଆଲୋଚନା ସୃଷ୍ଟି କରିବାକୁ ପ୍ରସ୍ତୁତ କରାଯାଇଛି। କେବଳ ଆନୁଷ୍ଠାନିକ ବୈଠକ କିମ୍ବା ଗୋଟିଏ ଥର ଲୋକସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ ନ କରି ମିଳାପରେ ଏକ ସରଳ ନମୁନା ଅନୁସରଣ କରାଯାଉଛି। କମ୍ପାନୀର ବରିଷ୍ଠ ଅଧିକାରୀ ଓ କ୍ଷେତ୍ର ଦଳ ପ୍ରତି ମାସରେ ଗ୍ରାମ ପରିଦର୍ଶନ କରି ବାସିନ୍ଦାମାନଙ୍କ ସହ ବସାଉଠା କରୁଛନ୍ତି, ସେମାନଙ୍କ କଥା ଶୁଣୁଛନ୍ତି ଓ ସେହି ଅଭ୍ୟାସକୁ ଦୋହରାଉଛନ୍ତି।

କଳାହାଣ୍ଡିର ଇତିହାସକୁ ଦେଖିଲେ ନିବେଶ ତୁଳନାରେ ବିଶ୍ୱାସ ଉପରେ ଫଳାଫଳ ଅଧିକ ନିର୍ଭର କରୁଥିବା ଜଣାପଡ଼େ। ସେଥିପାଇଁ ମିଳାପକୁ ଏକ ପଦକ୍ଷେପ ବଦଳରେ ଏକ ବାରମ୍ବାର ଘଟୁଥିବା ଢାଞ୍ଚାରେ ପରିଣତ କରାଯାଇଛି। ପ୍ରତିଟି ଗସ୍ତର ପୂର୍ବ ଗସ୍ତ ସହ ସମ୍ପର୍କ ରହୁଛି ଯାହା ଆଲୋଚନାକୁ ଗଭୀର କରୁଥିବା ବେଳେ ସମସ୍ୟାଗୁଡ଼ିକ ସ୍ୱାଭାବିକ ଭାବେ ସାମ୍ନାକୁ ଆସୁଛି ଏବଂ ସେହି ଅନୁସାରେ ପ୍ରତିକ୍ରିୟା ପ୍ରସ୍ତୁତ କରାଯାଉଛି।

'ମିଳାପ ଅତି ସହଜରେ ଆପଣଙ୍କ ଧ୍ୟାନକୁ ନିର୍ଘଂଟ ଓ ଫଳାଫଳରୁ ଆଗକୁ ନେଇ ଲୋକ ଓ ଆଲୋଚନାରେ ପହଂଚାଉଛି ତାହା ପ୍ରକୃତରେ ଗୁରୁତ୍ୱ ରଖୁଛି। ଗାଁରେ ସମୟ ବିତାଇବା ଏକ ଦୃଷ୍ଟିକୋଣ ପ୍ରଦାନ କରେ ଯାହା ପରିଦର୍ଶନ ପରେ ମଧ୍ୟ ଲମ୍ବା ସମୟ ରହିଥାଏ ବୋଲି ବେଦାନ୍ତ ଆଲୁମିନିୟମର ନିର୍ଦ୍ଦେଶକ ଫିଲିପ କ୍ୟାମ୍ପବେଲ କହିଛନ୍ତି।'

ମିଳାପକୁ ଯାହା ଅନ୍ୟଠାରୁ ଅଲଗା କରୁଛି ତାହା ହେଉଛି ପ୍ରତ୍ୟକ୍ଷ, ସ୍ଥାନୀୟ ଭାବେ ଉପଯୋଗୀ ପଦକ୍ଷେପ। ଅଂଶଗ୍ରହଣକାରୀ ଗ୍ରାମଗୁଡ଼ିକରେ ଗୋଷ୍ଠୀ ସ୍ତରରେ ଅତ୍ୟାବଶ୍ୟକ ଉପଯୋଗୀତା ସାମଗ୍ରୀ, ରୋଷେଇ ଉପକରଣ ଓ ଚଟାଣରେ ବସିବା ସୁବିଧା କରାଯାଉଛି ଯାହା ବୈଠକ ଓ ମିଳିତ କାର୍ଯ୍ୟକଳାପକୁ ଅଧିକ କାର୍ଯ୍ୟକ୍ଷମ କରିପାରିଛି।

ଯୁବ ଗୋଷ୍ଠୀଙ୍କୁ ଯୋଡ଼ିବା ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ। ହରେକୃଷ୍ଣପୁରରେ ସ୍ଥାନୀୟ କ୍ରିକେଟ ଦଳକୁ ଜର୍ସି ଓ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଛି। ତାହା ଛୋଟ ହୋଇଥିଲେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଭଳି ସ୍ୱୀକୃତି ବହୁ ଯୁବ ବାସିନ୍ଦାଙ୍କ ବିଶ୍ୱାସ ବଢ଼ାଇଥିବା ବେଳେ ଦକ୍ଷତା ବିକାଶ ସୁଯୋଗ ପ୍ରତି ସେମାନଙ୍କ ଭିତରେ ଆଗ୍ରହ ସୃଷ୍ଟି କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୯ରୁ ମାଟ୍ରିକ୍ ...

ତାହାର ସଂଶୋଧନ କରିପାରିବେ। ଆଡମିଟ୍‌କାର୍ଡର ମୂଳ କପି ରାଜ୍ୟର ସମସ୍ତ ସେଣ୍ଟରରେ ଆସନ୍ତା ସପ୍ତାହରେ ପହଞ୍ଚିଯିବ। ପରୀକ୍ଷା କେନ୍ଦ୍ରରୁ ପ୍ରଧାନଶିକ୍ଷକ ଆଡମିଟ୍‌କାର୍ଡ ନେଇ ପରୀକ୍ଷାର୍ଥୀଙ୍କୁ ଦେଇପାରିବେ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି। ପରୀକ୍ଷାରେ ଅନିୟମିତତା ରୋକିବା ଲାଗି ରାଜ୍ୟର ୩୨୨ଟି ଯାଜ ନୋଡାଲ୍ ସେଣ୍ଟର ସମେତ ପରୀକ୍ଷା କେନ୍ଦ୍ର ମିଶି ମୋଟ ୩ ହଜାର ୫ଟି କେନ୍ଦ୍ରରେ ପରୀକ୍ଷା ସମୟରେ ସିଧା ପ୍ରସାରଣ କରାଯିବ। କପି ରୋକିବା ପାଇଁ ୩୭ ସ୍କ୍ୱାଡ୍ ଗଠନ କରାଯାଇଛି। ଡିଇଓମାନେ ୭୨ ସ୍କ୍ୱାଡ୍ ଗଠନ କରିବେ। ସେହିପରି ଜିଲ୍ଲାପାଳମାନେ ପୃଥକ ସ୍କ୍ୱାଡ୍ ଗଠନ କରିବେ। ସ୍କ୍ୱାଡ୍ ଗଠନ ଏବଂ ଓ ପରୀକ୍ଷା କେନ୍ଦ୍ର ସ୍ଥିତି ଜାଣିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ୩୦ଟି ଯାକ ଜିଲ୍ଲାର ଡିଇଓମାନଙ୍କ ସହ ଭର୍ଚୁଆଲ୍‌ରେ ସମୀକ୍ଷା କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ...

ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ନକ୍ସଲମୁକ୍ତ ଭାରତ ଗଠନ ଅଭିଯାନରେ ଆଜି ଓଡ଼ିଶା ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟର ବିକାଶ ଏବଂ ଜନସାଧାରଣଙ୍କ ସୁରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଆମ ସଂକଳ୍ପବଦ୍ଧ ଅଭିଯାନର ପରିଣାମ ସ୍ୱରୂପ, ଆଜି ରାୟଗଡ଼ ଜିଲ୍ଲାର ବିଜିଏନ୍ ଓ କନ୍ଧମାଳ ଜିଲ୍ଲାର କେକେବିଏନ୍ ଡିଭିଜନର ମୋଟ ୧୯ ଜଣ ମାଓ କ୍ୟାଡର ହିଂସାର ପଥ ପରିତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି।

## ବିରୋଧୀଙ୍କ ହଙ୍ଗାମା...

ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏହା ପୂର୍ବରୁ ସକାଳେ ଅନେକ ବିରୋଧୀ ସାଂସଦ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ ଏବଂ ବାଚସ୍ପତି ଓମ୍ ବିର୍ଲା ଶୃଙ୍ଖଳା ଫେରାଇ ଆଣିବାକୁ ସେମାନଙ୍କୁ ବାରମ୍ବାର ନିବେଦନ କରିଥିଲେ। ବିଶୃଙ୍ଖଳା ଉପରେ ଚିନ୍ତା ପ୍ରକଟ କରି ବାଚସ୍ପତି କହିଛନ୍ତି ଯେ, ସଂସଦ ବିତର୍କ ଓ ଆଲୋଚନା ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ, ସ୍ଲୋଗାନ ଦେବା ନୁହେଁ। ସଦସ୍ୟମାନେ ଗଠନମୂଳକ ଢଙ୍ଗରେ ପ୍ରସଙ୍ଗ ଉଠାଇବା ପାଇଁ ନିର୍ବାଚିତ ହୋଇଛନ୍ତି। ସଂସଦ କାର୍ଯ୍ୟରେ କ୍ରମାଗତ ବ୍ୟାଘାତ ସୃଷ୍ଟି କରିବା ଗୃହ ପ୍ରତି ଅସମ୍ମାନ। ବାଚସ୍ପତି ଉଲ୍ଲେଖ କରିଛନ୍ତି ଯେ, ଚଳିତ ଅଧିବେଶନରେ ବାଧା ହେତୁ ୧୯ ଘଣ୍ଟା ୧୩ ମିନିଟ୍ ନଷ୍ଟ ହୋଇସାରିଛି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ଏକ ପ୍ରଶ୍ନ ଦିନ ପାଇଁ ତାଲିକାଭୁକ୍ତ ହୋଇଥିବା ଉଲ୍ଲେଖ କରି ସେ ବିକ୍ଷୋଭକାରୀ ସଦସ୍ୟମାନଙ୍କୁ ପ୍ରକ୍ରିୟା ଜାରି ରଖିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ତଥାପି ବିକ୍ଷୋଭ ଜାରି ରହିବାରୁ ବାଚସ୍ପତି ଗୃହକୁ ଦିନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

## ମାଓବାଦ ବିରୋଧୀ...

ସମୟରେ ସେମାନେ ଅସ୍ତ୍ର, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ନିକଟରେ ଜିମା ଦେଇଛନ୍ତି। ମାନେ ହେଲେ— ଗଙ୍ଗା କୁଞ୍ଜାମି ଓରଫ୍ ଜିତେନ, ମୁଚାକି ମାସେ ଓରଫ୍ ସୁମିତ୍ରା, ଚୋମାଲି କୁଞ୍ଜମ୍ ଓରଫ୍ ଶାନ୍ତିଲା, ବନ୍ଦୀ ମାଡ଼ଭି ଓରଫ୍ ମାଳତୀ । ସେମାନଙ୍କ ନିକଟରୁ ଏସଏଲଆର – ୧ଟି,୧୨ ବୋର ଗନ୍ -୧ଟି, .୩୦୩ ରାଇଫଲ – ୨ଟି ସମେତ ବିପୁଳ ପରିମାଣର ଗୁଳିଗୋଳା ଜବତ କରାଯାଇଛି । ସେମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିଲା । ବିଗତ କିଛି ଦିନ ଧରି ବିଭିନ୍ନ ଜିଲ୍ଲାରେ ଚାଲିଥିବା ଅପରେସନ ମାଧ୍ୟମରେ ମାଓବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇଛି। ବରିଷ୍ଠ କ୍ୟାଡର ମାଓବାଦୀଙ୍କ ଗିରଫ ଓ ଆତ୍ମସମର୍ପଣ ସହିତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ବୋଲି ସେ କହିଥିଲେ । ମାଓବାଦୀ ମୁକ୍ତ ଓଡ଼ିଶା ଗଠନ କରିବା ଦିଗରେ ଓଡ଼ିଶା ପୋଲିସର ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ୨୨ତମ ଧଉଳ...

ଗଙ୍ଗା ନଦୀ ଯାହାର ଗତି ଅନାଦି କାଳରୁ ଏବଂ ଯାହାର କୂଳରେ ବସାଯାଇଥିବା ସଭ୍ୟତା ଆଧୁନିକ ପ୍ରଦୂଷଣ ଆଡ଼କୁ ଅଗ୍ରସର ହୋଇ ବର୍ତ୍ତମାନର ଭାରତରେ ଗଙ୍ଗା ନଦୀର ପ୍ରାଧାନ୍ୟ ଉପରେ ପର୍ଯ୍ୟବେଶିତ ନୃତ୍ୟ ଯାହାର ସଂଗୀତ ସଂଯୋଜନା ଗୁରୁ ସୁକାନ୍ତ କୁଣ୍ଡୁ, ବାଦ୍ୟ ସଂଯୋଜନାଗୁରୁ ଧନେଶ୍ୱର ସ୍ୱାଇଁଏବଂ ନୃତ୍ୟ ସଂରଚନା ଗୁରୁ ଦେବମିତ୍ର ସେନଗୁପ୍ତଙ୍କ ଦ୍ୱାରା କରାଯାଇଥିଲା ।

## ପ୍ରଯୁକ୍ତିବିଦ୍ୟା ସାମାଜିକ...

ଏହା ସେମାନଙ୍କର ଜୀବନରେଖା ପାଲଟିଛି। ଭାରତର ଫିନଟେକ୍ କାହାଣୀକୁ କେବଳ ପ୍ରଯୁକ୍ତିବିଦ୍ୟାର ନୁହେଁ ବରଂ ଲିଙ୍ଗଗତ ନ୍ୟାୟର ଗାଥା ଭାବରେ ମଧ୍ୟ ମନେ ରଖାଯିବା ଉଚିତ। ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ଯେଉଁମାନଙ୍କ ପାଇଁ ଫିନଟେକର ପ୍ରୋତ୍ସାହନ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଫିନଟେକ୍ ଇକୋସିଷ୍ଟମ ସେମାନଙ୍କୁ କେବଳ ଶେଷ ଉପଭୋକ୍ତା ଭାବରେ ନୁହେଁ ବରଂ ନେତା, ପେଷାଦାର ଏବଂ ଉଦ୍ୟୋଗୀ ଭାବରେ ଦେଖିବା ଉଚିତ। ମହିଳାମାନଙ୍କୁ ଡିଜିଟାଲ ଏବଂ ଆର୍ଥିକ ଇକୋସିଷ୍ଟମରେ ସକ୍ରିୟ ଭାଗିଦାର କରାଯାଉଛି କି ନାହିଁ ତାହା ପ୍ରତ୍ୟେକ ନୂଆ ପ୍ଲାଟଫର୍ମ, ଉତ୍ପାଦ ଏବଂ ନୀତିର ମୂଲ୍ୟାଙ୍କନ ସମୟରେ ଧ୍ୟାନ ଦେବା ଆବଶ୍ୟକ। ରାଷ୍ଟ୍ରପତି କହିଥିଲେ, ଫିନଟେକ୍ କେବଳ ଅନ୍ତର୍ଭୁକ୍ତିକରଣର ଗ୍ୟାରେଣ୍ଟି ଦିଏ ନାହିଁ। ବିଶେଷକରି ଦୂରଦୂରାନ୍ତ, ଆଦିବାସୀ ଏବଂ ଗ୍ରାମାଞ୍ଚଳରେ ଅନେକ ନାଗରିକ ଅଛନ୍ତି ଯେଉଁମାନେ ଡିଜିଟାଲ୍ ଉପକରଣ ସହିତ ପରିଚିତ ନୁହଁନ୍ତି। ବିକାଶ ଯାତ୍ରାରେ ସହଭାଗୀ ହେବା ପାଇଁ ସେମାନଙ୍କୁ ଦକ୍ଷତା ଯୋଗାଇ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତା'ପରେ ଯାଇ ଫିନଟେକ୍ ଅନ୍ତର୍ଭୁକ୍ତିକରଣ, ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବାର ଏକ ଇଞ୍ଜିନ୍ ହୋଇପାରିବ। ପ୍ରଯୁକ୍ତିବିଦ୍ୟା କିପରି ସାମାଜିକ ନ୍ୟାୟ ଏବଂ ଅନ୍ତର୍ଭୁକ୍ତିକରଣ ପାଇଁ ଉପକରଣ ହୋଇପାରିବ ତାହା ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ଉଦ୍ୟୋଗୀ ଏବଂ ନବସୃଜନକାରୀଙ୍କୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ। ଅର୍ଥନୀତିର ସମସ୍ତ କ୍ଷେତ୍ର ଏବଂ ସମାଜର ସମସ୍ତ ବର୍ଗ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ପ୍ରଯୁକ୍ତିବିଦ୍ୟା ନିକଟରେ ଏକ ବିଶାଳ ସମ୍ଭାବନା ଅଛି। ତଥାପି, କେତେକ ସମୟରେ ଆର୍ଥିକ ଠକେଇ ପାଇଁ ଏହାର ଅପବ୍ୟବହାର ହୋଇପାରେ। ଏପରି ଠକେଇକୁ ରୋକିବା ପାଇଁ ସଜାଗ ଏବଂ ସତର୍କ ରହିବା ଲାଗି ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପ୍ରାସଙ୍ଗିକ। ଭାରତ ସରକାର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର, ନାଗରିକଙ୍କ ଆର୍ଥିକ ସାଇବର ଠକେଇ ସଂକ୍ରାନ୍ତ ଅଭିଯୋଗ ଓ ପରିଚାଳନା ପ୍ରଣାଳୀ ଏବଂ ସାଇବର ଠକେଇ ପ୍ରଶମନ କେନ୍ଦ୍ର ସ୍ଥାପନ ସମେତ ଅନଲାଇନ ଆର୍ଥିକ ଠକେଇକୁ ରୋକିବା ଓ ଏ ସମ୍ପର୍କରେ ଅଭିଯୋଗ ଦାଖଲ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଅନଲାଇନ୍ ଆର୍ଥିକ ଠକେଇକୁ ରୋକିବା ପାଇଁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଏହାକୁ ସ୍କୁଲ ପାଠ୍ୟକ୍ରମର ଏକ ଅଂଶବିଶେଷ କରାଯିବା ଆବଶ୍ୟକ ଯାହା ଦ୍ୱାରା କମ୍ ବୟସରେ ପ୍ରଯୁକ୍ତିବିଦ୍ୟାର ସୁବିଧା ଏବଂ ଅସୁବିଧା ବୁଝିହେବ। ରାଷ୍ଟ୍ରପତି କହିଛନ୍ତି, ଦକ୍ଷତା ବିକାଶକୁ ଆଗକୁ ବଢ଼ାଇବା, ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ସ୍ଥାପନ କରିବା ଏବଂ ନବସୃଜନ କ୍ଷମତା ବୃଦ୍ଧି କରିବା ହେଉଛି ମାନବ ପୁଞ୍ଜିରେ ନିବେଶ। ଡିଜିଟାଲ୍, ଆର୍ଥିକ ଏବଂ ବୀମା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଏବଂ ନବସୃଜନ ଇକୋସିଷ୍ଟମ ଗଠନ ପାଇଁ ଓଡ଼ିଶା ସରକାର ଭାରତନେତ୍ର ପ୍ରୟାସ ଆରମ୍ଭ କରିଥିବାରୁ ସେ ଖୁସି ହୋଇଥିଲେ। ଭାରତନେତ୍ର ପ୍ରୟାସର ଅଂଶବିଶେଷ ଭାବରେ ବ୍ଲାକ୍ ସ୍ୱାନ୍ ଶିଖର ସମ୍ମିଳନୀକୁ ସହ-ଆୟୋଜନ କରିବା ପାଇଁ ସେ ଓଡ଼ିଶା ସରକାର ଏବଂ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱର୍କକୁ ପ୍ରଶଂସା କରିଥିଲେ। ଏହି ଶିଖର ସମ୍ମିଳନୀରେ ହୋଇଥିବା ଆଲୋଚନା ଏବଂ ସହଯୋଗ କେବଳ ଓଡ଼ିଶା ପାଇଁ ନୁହେଁ ବରଂ ଭାରତ ଏବଂ ବିଶ୍ୱ ଲାଗି ପରିବର୍ତ୍ତନକାରୀ ପ୍ରଭାବ ପକାଇବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।

## ପରୀକ୍ଷା ଜୀବନର...

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା କେବଳ ମାର୍କ ଆଣିବା ପର୍ଯ୍ୟନ୍ତ ସୀମିତ ହେବା ଉଚିତ ନୁହେଁ। ଭଲ ଶିକ୍ଷକ ସେମାନେ, ଯେଉଁମାନେ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଉପରେ ଗୁରୁତ୍ୱ ଦେଇଥାନ୍ତି, କେବଳ ପରୀକ୍ଷାରେ ଭଲ ମାର୍କ ଆଣିବାକୁ ନୁହେଁ। ଜୀବନ କେବଳ ପରୀକ୍ଷାକୁ ନେଇ ଘୁରେ ନାହିଁ ଏବଂ ପରୀକ୍ଷା ହେଉଛି ଆତ୍ମମୂଲ୍ୟାଙ୍କନର ଏକ ମାତ୍ର ଉପାୟ। ଭିନ୍ନଭିନ୍ନ ପଢ଼ାଶୁଣା ପଦ୍ଧତିକୁ ନେଇ ଥିବା ଭ୍ରମ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ପରିସ୍ଥିତି ସାରା ଜୀବନ ରହିଥାଏ। ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ଲୋକେ ତାଙ୍କୁ ଭିନ୍ନଭିନ୍ନ ଭାବରେ କାମ କରିବା ପାଇଁ ପରାମର୍ଶ ଦେଇଥାନ୍ତି। ପରାମର୍ଶ ନିଶ୍ଚୟ ନିଅନ୍ତୁ, କିନ୍ତୁ ଯାହା ଆପଣଙ୍କ ସ୍ୱଭାବ ଓ ପରିସ୍ଥିତି ସହ ସାମଞ୍ଜସ୍ୟ ରଖେ, ସେହି କାମଟି ହିଁ କରନ୍ତୁ।

## ଇଂଲଣ୍ଡକୁ ହରାଇ...

ବର୍ଷରୁ କମ୍ ବିଶ୍ୱକପ୍ ମୁକୁଟ କରାୟତ୍ତ କରିଛି। ସୂର୍ଯ୍ୟବଂଶୀଙ୍କ ୮୦ ବଲ୍‌ରୁ ୧୭୫ ରନ୍ ବଳରେ ଭାରତ ୪୧୧ ରନ୍‌ର ବିଶାଳ ସ୍କୋର ଠିଆ କରିଥିଲା। ଜବାବରେ ଇଂଲଣ୍ଡ ୫୮ ବଲ୍ ପୂର୍ବରୁ ୩୧୧ ରନ୍‌ର ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇଥିଲା। କାଲବ୍ର ଫାଲକନର ଲଢ଼ୁଆ ଶତକ (୬୭ ବଲ୍‌ରୁ ୧୧୫ ରନ୍) ଅର୍ଜନ କରିଥିଲେ ମଧ୍ୟ ଏହା ଇଂଲଣ୍ଡ ପାଇଁ ଯଥେଷ୍ଟ ହୋଇ ନଥିଲା। ଆରଏସ୍‌ର ଅମ୍ବ୍ରିସ୍, ଦୀପେଶ ଦେବେନ୍ଦ୍ରନ, କନିଷ୍କ ଚୌହାନ ମିଳିତ ଭାବେ ୭ ୱିକେଟ୍ ଦଖଲ କରି ଇଂଲଣ୍ଡ ବାଟ ଓଗାଳିଥିଲେ। ଚର୍ଚ୍ଚିତ ଶତକ ପାଇଁ ସୂର୍ଯ୍ୟବଂଶୀ ଫାଇନାଲର ଶ୍ରେଷ୍ଠ ଖେଳାଳି ଏବଂ ଦ୍ୱିତୀୟ ସର୍ବାଧିକ ରନ୍ (୪୩୯) ସଂଗ୍ରହ କରିବା ସହ ଗୋଟିଏ ୱିକେଟ୍ ନେଇ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ସମ୍ମାନ ପାଇଥିଲେ। ଶୁକ୍ରବାର ଭାରତ ପ୍ରଥମେ ବ୍ୟାଟିଂ କରି ଆରମ୍ଭରୁ ଆରୋନ ଜର୍ଜ (୯)ଙ୍କୁ ହରାଇଥିଲେ। ସୂର୍ଯ୍ୟବଂଶୀ ଓ ଅଧିନାୟକ ଆୟୁଷ ମହାତ୍ରେ କିନ୍ତୁ ଦ୍ୱିତୀୟ ୱିକେଟ୍ ପାଇଁ ମାତ୍ର ୧୫ ଓଭରରେ ୧୪୦ ରନ୍ ଯୋଡ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ସୂର୍ଯ୍ୟବଂଶୀ ୫୫ ବଲ୍‌ରୁ ଶତକ ପୂର୍ଣ୍ଣ କରିଥିବା ବେଳେ ଭାରତ ୨୨ତମ ଓଭରରେ ୨୦୦ ଅତିକ୍ରମ କରିଯାଇଥିଲା। ଏପରିକି ଦଳ ୨୫ ଓଭରରେ ୨୫୦ ରନ୍ କରିଥିଲା। ସୂର୍ଯ୍ୟବଂଶୀ ୮୦ ବଲ୍‌ରୁ ୧୫ ଲେଖାଏଁ ଚୌକା ଓ ଛକା ମାରି ୧୭୫ ରନ୍ କରି ଆଉଟ୍ ହୋଇଥିଲେ। ଏହି ସମୟରେ ପ୍ରଶଂସକମାନେ ତାଙ୍କୁ ୧୯୮୩ ମସିହା ଦିନିକିଆ ବିଶ୍ୱକପ୍‌ରେ ଜିମ୍ବାୱେ ବିପକ୍ଷରେ କପିଳ ଦେବଙ୍କ ୧୭୫ ରନ୍ ପାଳିକୁ ତୁଳନା କରିଥିଲେ। ଶୁକ୍ରବାର ସୂର୍ଯ୍ୟବଂଶୀଙ୍କ ଛଡ଼ା ଅଧିନାୟକ ଆୟୁଷ ମହାତ୍ରେ (୫୩), ୱିକେଟ୍ ରକ୍ଷକ ଅଭିଜ୍ଞାନ କୁଣ୍ଡୁ (୪୦), କନିଷ୍କ ଚୌହାନ (୩୭), ବେଦାନ୍ତ ତ୍ରିବେଦୀ (୩୨), ବିହାନ ମାଲହୋତ୍ରା (୩୦) ପ୍ରମୁଖ ଭଲ ଅବଦାନ ରଖିଥିଲେ।

# ୨୦୨୬ ରେଳ ବଜେଟ୍‌ରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ବ୍ୟୟ ବରାଦ ନଥିବାରୁ ପ୍ରତିବାଦରେ ବିଜେଡିର ଆନ୍ଦୋଳନ

**କଟକ, ନ୍ୟୁଜ୍‌ବ୍ୟୁରୋ**

୨୦୨୬ ରେଳ ବଜେଟ ରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ କେନ୍ଦ୍ର ବଜେଟ୍ ରେ ସଂଯୋଗ କରିବାକୁ ଦାବି କରିଛନ୍ତି କଟକ ବିଜୁ ଜନତା ଦଳ। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ମେୟର- ସୁବାସ ସିଂହ ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ ବେୟ ବରାଦ କରାଯାଇ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ୨୦୨୩ ମହିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ୬,୨୫,୫୯୪ କୋଟି ଟଙ୍କା ବ୍ୟୟବାରାଦ କରାଯାଇ ଜାନୁଆରୀ ୧ ତାରିଖ ୧୦୧୪ ମସିହାରେ ତ୍ରିଶୁଳିଆ ଠାରେ ଭିତିପ୍ରସ୍ତର ପକଯାଇ କାର୍ଯ୍ୟ ଆରମ୍ଭ ହେଇଥିଲା। ୪ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହି କାର୍ଯ୍ୟ କରିବାକୁ ଟେଣ୍ଡର ପାଇଥିଲା। କଟକ ଏସସିବି, ନେତାଜୀ ବସ୍ ଟର୍ମିନାଲ, ଉଚ୍ଚ



ନ୍ୟାୟାଳୟ ଦେଇ ଭୁବନେଶ୍ୱର ବିମାନ ବନ୍ଦର ପର୍ଯ୍ୟନ୍ତ ହେଇଥାନ୍ତା। ପ୍ରାରମ୍ଭରେ ୩ କୋଚ୍ ସହିତ ୧୩ଟି ଟ୍ରେନ ଦୈନିକ ୧ଲକ୍ଷ୍ୟ ଯାତ୍ରୀଙ୍କୁ ଦେବା ଯୋଗାଇବାକୁ ଆକଳନ କରାଯାଇଥିଲା। ୨୦୨୩ ନଭେମ୍ବର ୧୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍‌ରେ ୨୬ତମ ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇ ବ୍ୟୟବରାଦ ନିର୍ଦ୍ଧାରଣ କରାଯାଇଥିଲା। ୨୦୨୪ ନୂଆ ବିଜେପି ସରକାର ଆସିଲା ପରେ ଏହି ପ୍ରକଳ୍ପକୁ ବାତିଲ କରିଦିଆଗଲା। ବୃହତ୍ତମ ଭାବରେ ଏହି ମେଟ୍ରୋ ପ୍ରକଳ୍ପ କରାଯିବା ସଙ୍ଗେ ସଙ୍ଗେ କେନ୍ଦ୍ରୀୟ ଅନୁଦାନ ଦିଆଯିବାକୁ କୁହାଯାଇଥିଲା। ୩୧୩ କୋଟି ଟଙ୍କା ବ୍ୟୟ କରାଯାଇ ଦେଢ଼ ବର୍ଷ ହେବ କାମ ଚାଲିଥିଲା। ତାହା ମଝିରୁ ବନ୍ଦ କରିଦିଆଗଲା। ୨୦୨୬ କେନ୍ଦ୍ରୀୟ ରେଳ ବଜେଟ୍‌ରେ ମେଟ୍ରୋ ଯୋଜନା ନ ରହିବା ଏକ ବଡ଼ ପ୍ରତାରଣା ବୋଲି ଯିବୁ ଜନତା ଦଳର ବରିଷ୍ଠ ନେତା କଟକ ମେୟର ସୁବାସ ସିଂହ ଓ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଫୁଲ୍ଲ ସିଂହ ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ବଜେଟ୍‌ରେ ମେଟ୍ରୋ ରେଳ ପରିକଳ୍ପନାର ବ୍ୟୟ ବରାଦ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ତୁରନ୍ତ ଟେଣ୍ଡର କାମ ସାରି କାମ ଆରମ୍ଭ କରିବାକୁ ଦାବି କରି ଆସନ୍ତା ଫେବୃୟାରୀ ୮ତାରିଖ ଦିନ ସକାଳ ୯ଘଟିକା ସମୟରେ ବାରବାଟୀ ଷ୍ଟାଡିୟମ୍ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଧାରଣ ଓ ଆନ୍ଦୋଳନ କରାଯିବାକୁ ଆହ୍ୱାନ ଦିଆଯାଇଛି।

# ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବ୍ଲକ ସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ପ୍ରତିଷ୍ଠାନ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଓଡ଼ିଶା ସରକାର ଓ ଗୃହ ଉଦ୍ୟୋଗ ଗ୍ରୁଷ୍ଟର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ମଞ୍ଚ ପରିସର, କେ-୮, କଳିଙ୍ଗ ନଗର, ଭୁବନେଶ୍ୱର ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଠାରେ ଗୃହ ଉଦ୍ୟୋଗ ଗ୍ରୁଷ୍ଟ ଅଧ୍ୟକ୍ଷା ଜେ. ମିନା ଆଚାର୍ଯ୍ୟ, ସଂପାଦକ ବରିଷ୍ଠ ନାଗରିକ ମଞ୍ଚର ଦାସରଥି ସାହୁ, ସଭାପତି ବରିଷ୍ଠ ନାଗରିକ ମଞ୍ଚର ବୃନ୍ଦାବନ ବସ୍ତିଆ, ଅବସରପ୍ରାପ୍ତ, ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଶିବବ୍ରତ ଦାଶ, ରାଜ୍ୟ ଉପଭୋକ୍ତା। ସଚେତନତା ପ୍ରତିଷ୍ଠାନର ମୁଖ୍ୟ ପରିଚାଳକ ସଂଜୟକୁମାର ମହାନ୍ତି, ସଂଯୁକ୍ତ ନିୟନ୍ତ୍ରକ, ବୈଧ ମାପ ବିଜ୍ଞାନର ହରିଶଙ୍କର ପଟ୍ଟନାୟକ ସମେତ ମାନକ ପଦୋନ୍ନତି ଅଧିକାରୀ





ଭାରତୀୟ ମାନକ ବ୍ୟୁରୋ ସମ୍ବିଲ ପ୍ରତାପ ପ୍ରମୁଖ କର୍ମଶାଳାରେ ଉପଭୋକ୍ତାଙ୍କ ଅଧିକାର କର୍ତ୍ତବ୍ୟ ଓଜନ ମାପ ସଂପର୍କରେ ଗ୍ରହକ ମାନଙ୍କୁ ସଚେତନ କରାଇଥିଲେ। ଏ ଥରେ ପରିଚାଳକ ଭାବରେ ଭାଗ୍ୟଶ୍ରୀ ଦାସ୍ ଅଂଶଗ୍ରହଣ କରି ଥିଲେ ଓ ଉପଭୋକ୍ତା କର୍ମୀ ରଜତ କୁମାର ବକ୍ସି ସହଯୋଗ କରି ଥିଲେ।

# କାର୍ଯ୍ୟଭାର ଗ୍ରହଣ କଲେ ସୁରେଶ କୁମାର ବଶିଷ୍ଠ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଶ୍ରୀ ସୁରେଶ କୁମାର ବଶିଷ୍ଠ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

କାର୍ଯ୍ୟଭାର ଗ୍ରହଣ କଲା ପରେ ଶ୍ରୀ ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଅଭିଯାନର ସୁଦୃଢ଼ୀକରଣ ଏବଂ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଆର୍ଥିକ ଦୁର୍ବଳ ଓ ଅସହାୟ ଲୋକମାନଙ୍କ ପାଖକୁ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର ସୁଫଳ ପହଂଚାଇବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରୀ, ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଓ ଶ୍ରୀମତୀ ସୋନିଆ ବେହେରାଙ୍କ ସହିତ ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

**ସାଂସ୍କୃତିକ ସମ୍ପଦ ଏବଂ ପ୍ରଶିକ୍ଷଣ କେନ୍ଦ୍ର**
**(ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ)**
**୧୫-ଏ, ସେକ୍ଟର-୦୭, ଦ୍ୱାରକା, ନୂଆଦିଲ୍ଲୀ - ୧୧୦୦୭୫**
**ବିଜ୍ଞାପନ ନଂ: ସିସିଆରଟି/୧୧୦୧୧/୦୧/୨୦୨୬/୦୧**

**ବିଷୟ: ସିସିଆରଟି ମୁଖ୍ୟାଳୟ, ନୂଆଦିଲ୍ଲୀରେ ନିର୍ଦ୍ଦେଶକଙ୍କ ୦୧ (ଗୋଟିଏ) ପଦବୀ ପୂରଣ ସମ୍ବନ୍ଧରେ**

ସାଂସ୍କୃତିକ ସମ୍ପଦ ଏବଂ ପ୍ରଶିକ୍ଷଣ କେନ୍ଦ୍ର (ସିସିଆରଟି) ନୂଆଦିଲ୍ଲୀରେ ସିସିଆରଟିରେ ଭର୍ତ୍ତି ନିୟମ ଅନୁଯାୟୀ, ୭ମ ସିପିସିର ବେତନ ସ୍ତର-୧୨ (୭୮,୮୦୦-୨,୦୯,୨୦୦ ଟଙ୍କା)ରେ **ସଂଯୁକ୍ତ ବିଧି : ପ୍ରତିନିଯୁକ୍ତି (ଅଳ୍ପକାଳିକ ଅନୁବନ୍ଧ ସହିତ) ସହ ପଦୋନ୍ନତି : ଏପରି ନହୋଇ ପାରିଲେ ସିଧା ନିଯୁକ୍ତିର ଆଧାରରେ** ନିର୍ଦ୍ଦେଶକ ପଦ ନିମିତ୍ତ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରାଯାଉଛି।

| କ୍ରମିକ ସଂଖ୍ୟା | ପଦର ନାମ | ପଦର ସଂଖ୍ୟା | ବେତନ ମାନ ଏବଂ ସ୍ତର | ନିଯୁକ୍ତିର ପଦ୍ଧତି |
|---|---|---|---|---|
| ୧. | ନିର୍ଦ୍ଦେଶକ | ୦୧ | ସପ୍ତମ ବେତନ କମିଶନ ଅନୁଯାୟୀ ବେତନ ସ୍ତର-୧୨ (ଟଙ୍କା ୭୮,୮୦୦-୨,୦୯,୨୦୦) | **ସଂଯୁକ୍ତ ପଦ୍ଧତି:** ଡେପୁଟେସନ (ସ୍ୱଳ୍ପକାଳୀନ ଚୁକ୍ତି ସହିତ) ଏବଂ ତା ସଙ୍ଗେ ସଙ୍ଗେ ପଦୋନ୍ନତି; ଏହା ବିଫଳ ହେଲେ, ସିଧା ସଳଖ ନିଯୁକ୍ତି ଦ୍ୱାରା। |

ନିର୍ଦ୍ଦିଷ୍ଟ ଆବେଦନ ଫର୍ମାଟ୍ ସିସିଆରଟି ୱେବସାଇଟ **https://ccrtindia.gov.in** ରେ ଉପଲବ୍ଧ। ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ଆବେଦନପତ୍ରଗୁଡ଼ିକ **ନିର୍ଦ୍ଧାରିତ ଫର୍ମାଟରେ ସମସ୍ତ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ ସହିତ ଉପ-ନିର୍ଦ୍ଦେଶକ (ପ୍ରଶାସନ), ସିସିଆରଟି ୧୫-ଏ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୫ କୁ ଉପଯୁକ୍ତ ମାଧ୍ୟମରେ ପଠାଇପାରିବେ।**

ଠିକ୍ ଭାବେ ପୂରଣ ହୋଇଥିବା ଆବେଦନପତ୍ର ଗ୍ରହଣ କରିବାର ଶେଷ ତାରିଖ ହେଉଛି ନିଯୁକ୍ତି ସମାଚାରରେ ବିଜ୍ଞାପନ ପ୍ରକାଶନ ତାରିଖରୁ ଠିକ୍ ଭାବେ ୬୦ (ଷାଠିଏ) ଦିନ। ଯେଉଁ ସପ୍ତାହରେ ରୋଜଗାର ସମାଚାର ବିଜ୍ଞାପନ ପ୍ରକାଶିତ ହୋଇଥାଏ ସେ ସପ୍ତାହରେ ଅନ୍ତିମ ତିଥି ଲାଗୁ ହେବ।

ଉପ-ନିର୍ଦ୍ଦେଶକ (ପ୍ରଶାସନ),
ସିସିଆରଟି, ନୂଆଦିଲ୍ଲୀ

cbc 09127/12/0012/2526




# ଜିଲ୍ଲା ଜଜ୍ କୋର୍ଟକୁ ପୁଣି ଆସିଲା ବୋମା ଧମକ : କୋର୍ଟକୁ ଉଡ଼ାଇ ଦେବାକୁ ଇମେଲ୍‌ରେ ଆସିଲା ଧମକ

**କଟକ,୬।୨**
**ନ୍ୟୁଜ୍‌ବ୍ୟୁରୋ**

ପୁଣି କୋର୍ଟକୁ ବୋମା ଧମକ। କଟକ ଜିଲ୍ଲା ଜଜ୍ କୋର୍ଟକୁ ପୁଣି ଆସିଲା ବୋମା ଧମକ। କୋର୍ଟକୁ ଉଡ଼ାଇ ଦେବାକୁ ଇମେଲରେ ଆସିଲା ଧମକ। ଧମକ ପରେ କୋର୍ଟ ପରିସରକୁ ଖାଲି କରି ଖାନତଲାସୀ। ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ତଲାସୀ ଆରମ୍ଭ ହୋଇଛି। ସମସ୍ତ କର୍ମଚାରୀ, ଓକିଲ ଓ ମହକିଲ କୋର୍ଟ ପରିସରରୁ ବାହାରି ଆସିଥିଲେ। ଘଟଣାସ୍ଥଳରେ ଆଣ୍ଟି ବମ୍ ସ୍କ୍ୱାଡ୍ ସହ ପୁଲିସ ମୁତୟନ ହୋଇଛନ୍ତି। କୋର୍ଟ ପରିସରରେ ତନାଘନା ଚାଲିଛି। ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଞ୍ଚ ଚାଲିଛି। କିଏ ଇମେଲ୍ କଲା ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଏହା ପୂର୍ବରୁ ଜାନୁଆରୀ ୮ ତାରିଖରେ ଏଭଳି ଧମକପୂର୍ଣ୍ଣ ଇମେଲ୍ ଆସିଥିଲା। ରାଜ୍ୟରେ ୩ଟି କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ଇ-ମେଲ ପାଇବା ପରେ ଆରମ୍ଭ ହୋଇଥିଲା ତନାଘନା। ସମ୍ବଲପୁର, ଦେବଗଡ଼ ଓ କଟକ ଜିଲ୍ଲା କୋର୍ଟରେ ବମ୍ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ଖାନତଲାସୀ ହୋଇଥିଲା। ସେତେବେଳେ ସେଭଳି କୌଣସି ଆପତ୍ତିଜନକ ସାମଗ୍ରୀ ମିଳି ନଥିଲା। ତଥାପି ମେଲ୍ ଆସିଥିବା ସୋର୍ସର ମିଳିତ ତଦନ୍ତ ପୋଲିସ ଓ କ୍ରାଇମବ୍ରାଞ୍ଚ କରିବ ବୋଲି କୁହାଯାଇଥିଲା। ଅପରାଧୀକୁ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଧମକପୂର୍ଣ୍ଣ ଇ-ମେଲ ପରେ କୋର୍ଟ ପରିସରରେ ବମ୍ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚିଥିଲେ। ବିଭିନ୍ନ




ସ୍ଥାନରେ ତନ୍ନତନ୍ନ କରି ଯାଞ୍ଚ କରିଥିଲେ ସୁରକ୍ଷାକର୍ମୀ। ପ୍ରଥମେ ବିଚାରପତିମାନଙ୍କୁ କୋର୍ଟ ପରିସରରୁ ସୁରକ୍ଷିତ ବାହାର କରିବା ସହ ଓକିଲମାନଙ୍କୁ ମଧ୍ୟ କ୍ୟାମ୍ପସ୍ ଛାଡ଼ିବାକୁ କୁହାଯାଇଥିଲା। କ୍ୟାମ୍ପସରେ ସର୍ଚ୍ଚ କରିଥିଲେ ସନ୍ଧାନୀ କୁକୁର। ମେଟାଲ ଡିଟେକ୍ଟର ସହାୟତାରେ ଖୋଜା ଯାଇଥିଲା ବୋମା। ସାଇବର ଆଇଆଇସି ରଶ୍ମିତା ଜେନା କହିଛନ୍ତି, 'ବୋମା ଧମକର ମେଲ ଆସିଛି। ଆମେ ଏହାର ତଦନ୍ତ କରୁଛୁ। ଏହି ମେଲ ବାହାର ଦେଶରୁ ଆସିଛି। କାହା ମାଧ୍ୟମରେ ଏହି ମେଲ ଆସିଛି, ତାହାର ଆମେ ଯାଞ୍ଚ କରୁଛୁ। କିଏ ମେଲ କରିଛି ତାହାର କୌଣସି ସ୍ପଷ୍ଟ ସୂଚନା ନାହିଁ। ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ମଧ୍ୟ ସହାୟତା ନିଆଯାଇଛି।' ଓଡ଼ିଶା ହାଇକୋର୍ଟ ବରିଷ୍ଠ ଓକିଲ ସୌରୀ ମହାପାତ୍ର କହିଛନ୍ତି, 'ଏହା ଏକ ସମ୍ବେଦନଶୀଳ କଥା। ସରକାର ଏହା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରନ୍ତୁ। ଏହା ଏକ ଫେକ ମେଲ କିମ୍ବା ଏହା ପଛରେ କିଛି ସତ୍ୟତା ଅଛି ତାହାର ସଠିକ ଯାଞ୍ଚ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଠିକରେ ଅନୁସନ୍ଧାନ କରାଯାଉ ନାହିଁ। ଘଟଣାରେ ମୂଳକୁ ଯାଉ ନାହାନ୍ତି। କେଉଁ ଉଦ୍ଦେଶ୍ୟରେ ଏଭଳି ମେଲ ଆସୁଛି ତାହା ଜାଣିବା ପାଇଁ କେନ୍ଦ୍ର ଏଜେନ୍ସିର ସହାୟତା ନେବା ଆବଶ୍ୟକ ଅଛି।'




ଭୁବନେଶ୍ୱର : ଲୋକସେବା ଭବନରେ ଫାଷ୍ଟ ଇଣ୍ଡିଆ ବ୍ଲାକ୍ ସ୍ୱାନ ସମ୍ମିଟ-୨୦୨୬ରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଯୋଗଦେବା ଅବସରରେ। (ଫଟୋ : ସମ୍ବାଦକଳିକା)

## ବିଜେଡିର ୧୨ ସାଂଗଠନିକ ଜିଲ୍ଲାର ନୂଆ କମିଟି ଗଠିତ

**ଭୁବନେଶ୍ୱର,୬।୨**
**ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ବରଗଡ, ରାୟଗଡା, କୋରାପୁଟ, ନୂଆପଡା, ଢେଙ୍କାନାଳ, ଜଗତସିଂହପୁର, ନବରଙ୍ଗପୁର, ବଲାଙ୍ଗୀର, କଟକ, ମୟୂରଭଞ୍ଜ ୧, ମୟୂରଭଞ୍ଜ ୨ ଓ ଯାଜପୁର ପାଇଁ ନୂଆ କମିଟି ଗଠନ କରାଯାଇଛି।

# ମହିଳାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ମା' ହେବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ

**ନୂଆଦିଲ୍ଲୀ, ୬।୨**

ମହିଳାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ମା' ହେବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ। ମହିଳାଙ୍କ ପ୍ରଜନନ ଅଧିକାରକୁ ନେଇ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ଏକ ଐତିହାସିକ ରାୟରେ ସୁପ୍ରିମକୋର୍ଟ ଜଣେ ମହିଳାଙ୍କ ପ୍ରଜନନ ଅଧିକାର ଏବଂ ସ୍ୱାଧୀନତାକୁ ଗୁରୁତ୍ୱ ଦେଇଛନ୍ତି। କୋର୍ଟ ଜଣେ ନାବାଳିକାଙ୍କୁ ୩୦ ସପ୍ତାହର ଗର୍ଭଧାରଣକୁ ଚିକିତ୍ସା ଭାବରେ ସମାପ୍ତ କରିବାକୁ ଅନୁମତି ଦେଇ କହିଛନ୍ତି ଯେ, ଏହା ଜଣେ ମହିଳାଙ୍କୁ, ବିଶେଷକରି ଜଣେ ନାବାଳିକାଙ୍କୁ ତାଙ୍କ ସମ୍ମତି ବିନା ମା' ହେବାକୁ ବାଧ୍ୟ କରିପାରିବ ନାହିଁ।

ଲାଇଭ୍ ଲ' ରିପୋର୍ଟ ଅନୁଯାୟୀ, ବିଚାରପତି ବି.ଭି. ନାଗରତ୍ନା ଏବଂ ବିଚାରପତି ଉଜ୍ଜ୍ୱଳ ଭୂଇଁଆଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରୁଥିଲେ। କୋର୍ଟ ଗୁରୁତ୍ୱାରୋପ କରିଥିଲେ ଯେ, ଜଣେ ନାବାଳିକାର ପ୍ରଜନନ ସ୍ୱାଧୀନତାକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ, ବିଶେଷକରି ଯେତେବେଳେ ସେ ଗର୍ଭଧାରଣ ଜାରି ରଖିବାକୁ ଅନିଚ୍ଛୁକତା ପ୍ରକାଶ କରିଛନ୍ତି। ତାଙ୍କ ଆଦେଶରେ କୋର୍ଟ କହିଛନ୍ତି ଯେ, ଏହି ପ୍ରସଙ୍ଗକୁ ଆଧାର କରି ବିଚାର କରାଯିବା ଉଚିତ ଯେ ନାବାଳିକା ଗର୍ଭଧାରଣ ଜାରି ରଖିବାକୁ ଚାହାନ୍ତି କି ନାହିଁ, ଯାହା ବେଆଇନ କାରଣ ସେ ଜଣେ ନାବାଳିକା। ସେ ସମ୍ପର୍କ ସମୟରେ ଗର୍ଭବତୀ ହୋଇଥିଲେ।

କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ପ୍ରସଙ୍ଗଟି ଏହା ନୁହେଁ ଯେ, ସେ ବଳାତ୍କାର କିମ୍ବା ସହମତିପୂର୍ଣ୍ଣ ଯୌନ ସମ୍ପର୍କ ଯୋଗୁଁ ଗର୍ଭବତୀ ହୋଇଥିଲେ। ବରଂ ସେ କ'ଣ ଚାହାନ୍ତି ତାହା



ଜାଣିବା ଆବଶ୍ୟକ। ନାବାଳିକାଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ ଏକ ଅବୈଧ ସନ୍ତାନକୁ ଜନ୍ମ ଦେବା ଏକ ସାମାଜିକ କଳଙ୍କ। ଏହା ଯୋଗୁଁ ଗମ୍ଭୀର ମାନସିକ ଆଘାତ ସୃଷ୍ଟି କରିବ। ଏହା ଉପରେ ସୁପ୍ରିମକୋର୍ଟ ସହମତ ହୋଇ କହିଛନ୍ତି ଯେ, ସନ୍ତାନର ମାଆ ନିଜେ ଜନ୍ମ ଦେବାକୁ ଚାହୁଁନାହାନ୍ତି। କୋର୍ଟ କହିଛନ୍ତି ଯେ ଯଦି ସେ ନିଜେ ଚାହାନ୍ତି ନାହିଁ। ସେ ଜଣେ ମହିଳା, ବିଶେଷକରି ଜଣେ ନାବାଳିକାଙ୍କୁ ଗର୍ଭଧାରଣ ଜାରି ରଖିବାକୁ ବାଧ୍ୟ କରିପାରିବେ ନାହିଁ। କୋର୍ଟ ନାବାଳିକଙ୍କୁ ଡାକ୍ତରୀ ଗର୍ଭପାତ କରିବାକୁ ଅନୁମତି ପ୍ରଦାନ କରିଛନ୍ତି ଏବଂ ମୁମ୍ବାଇର ଜେଜେ ହସ୍ପିଟାଲକୁ ଦାୟିତ୍ୱ ଦେଇଛନ୍ତି।

ବିଚାରପତି ନାଗରତ୍ନା କହିଛନ୍ତି କି, 'ଏହା ଆମ ପାଇଁ ମଧ୍ୟ କଷ୍ଟକର, କିନ୍ତୁ ଆମେ କ'ଣ କରିପାରିବା? କାରଣ ଜନ୍ମ ହେବାକୁ ଥିବା ପିଲାଟି ମଧ୍ୟ ଏକ ଜୀବନ। ତା'ପରେ ପ୍ରଶ୍ନ ଉଠେ, ଯଦି ଜଣେ ନାବାଳିକା ୨୪ ସପ୍ତାହରେ ଗର୍ଭଧାରଣ କରିପାରେ, ତେବେ ୩୦ ସପ୍ତାହରେ କାହିଁକି ନୁହେଁ? କିନ୍ତୁ ସେ ନିଜେ ଗର୍ଭଧାରଣ ଜାରି ରଖିବାକୁ ଚାହାନ୍ତି ନାହିଁ; ବାସ୍ତବତା ହେଉଛି ସେ ପିଲାକୁ ଜନ୍ମ ଦେବାକୁ ଚାହାନ୍ତି ନାହିଁ; ଏହା ହିଁ ସମସ୍ୟା।'

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଯୋଗଦାନ

**ଭୁବନେଶ୍ୱର,୬।୨ :ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟରେ ସଂଗ୍ରାମ କେଶରୀ ମହାପାତ୍ର ପରିଷଦର ଅଧ୍ୟକ୍ଷ (ଭାରପ୍ରାପ୍ତ) ଭାବରେ ଯୋଗଦାନ କରିଛନ୍ତି। ଏହି ଅବସରରେ ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ମହାପାତ୍ରଙ୍କୁ ଅଭିବାଦନ ଜଣାଇଥିଲେ। ସୂଚନାଯୋଗ୍ୟ ଯେ ସଂଗ୍ରାମ କେଶରୀ ମହାପାତ୍ର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବରେ ଯୋଗଦାନ କଲାପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ (ଭାରପ୍ରାପ୍ତ) ଭାବରେ ଯୋଗଦାନ କରିଛନ୍ତି। ଏହା ସହ ସେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବରେ ମଧ୍ୟ ଦାୟିତ୍ୱରେ ରହିଛନ୍ତି। ଏହି ଯୋଗଦାନ ପରେ ଶ୍ରୀ ମହାପାତ୍ର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ଦିଗ ବିଷୟରେ ଆଲୋଚନା କରିଥିଲେ। ପରିଷଦର ଅଧିକାରୀଗଣ ଶ୍ରୀ ମହାପାତ୍ରଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ସୂଚିତ କରିଥିଲେ। ସମସ୍ତେ ମିଳିତ ଭାବରେ ନିଷ୍ଠାର ସହ କାର୍ଯ୍ୟ କରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସାମୁହିକ ଲକ୍ଷ୍ୟ ହାସଲ ଦିଗରେ ବ୍ରତୀ ହେବାପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଆଗାମୀ ଦିନରେ ପରିଷଦ ଆହୁରି ଲୋକାଭିମୁଖୀ ଭାବରେ କାର୍ଯ୍ୟ କରିବା ସହ ସରକାରଙ୍କ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ପ୍ରମୁଖ ଯୋଗଦାନ କରିବ ବୋଲି ମତପ୍ରକାଶ କରିଥିଲେ।

## ୧୪ରୁ ଜନତା ମଇଦାନରେ ତୋଷାଳି ସ୍ୱଦେଶୀ ମେଳା

**ଭୁବନେଶ୍ୱର,୬।୨**
**ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୧୪ରେ ଜନତା ମଇଦାନରେ ଆରମ୍ଭ ହେବ ୨୦ତମ ତୋଷାଳି ସ୍ୱଦେଶୀ ମେଳା। ଏହା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ସ୍ଥାନୀୟ ଏକାମ୍ର ହାଟଠାରୁ ଗଡ଼ିଛି ୨ଟି ପ୍ରଚାର ରଥ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ପ୍ରଚାର ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ। ଏହି ଅବସରରେ ଶ୍ରୀ ସାମନ୍ତ କହିଛନ୍ତି, ଆମ ବୁଣାକାର ଓ କାରିଗର ବନ୍ଧୁମାନେ ଆମ ଗାରିମାମୟ ହସ୍ତତନ୍ତ ହସ୍ତଶିଳ୍ପ ପରମ୍ପରାର ସୂତ୍ରଧର। ସେମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ପାଇଁ ଆମେ ଏହି ଭବ୍ୟ ସ୍ୱଦେଶୀମେଳାର ଆୟୋଜନ କରୁଛୁ। ଏଥିରେ ସମସ୍ତ ରାଜ୍ୟର ବୁଣାକାର ଓ କାରିଗରମାନେ ଅଂଶ ଗ୍ରହଣ କରିବେ।

## କୋର୍ଟକୁ ବୋମା ଆକ୍ରମଣ ଧମକ ପ୍ରସଙ୍ଗ

# ଗୁଜବରୁ ଦୂରେଇ ରହିବାକୁ ନବୀନଙ୍କ ଆହ୍ୱାନ

**ଭୁବନେଶ୍ୱର,୬।୨ :ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ବିଭିନ୍ନ କୋର୍ଟକୁ ବୋମା ଆକ୍ରମଣ ଧମକ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ସ୍ଥିତିରେ ଶାନ୍ତ ରହି ଗୁଜବ ପ୍ରଚାରରୁ ଦୂରେଇ ରହିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହାବ୍ୟତୀତ ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରାଯିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉ ବୋଲି ନବୀନ ଦାବି କରିଛନ୍ତି।



ଏକ୍ସରେ ନବୀନ ଲେଖିଛନ୍ତି ପୁଣି କଟକ, ପୁରୀ, ଫୁଲବାଣୀ ଓ ଯାଜପୁର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ଆସିଥିବା ବିଷୟରେ ଜାଣି ମୁଁ ବେଶ୍ ଚିନ୍ତିତ। ଏଇ କିଛି ଦିନ ତଳେ ସମ୍ବଲପୁର, କଟକ ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ଆସିଥିଲା। ହେଲେ ଏପର୍ଯ୍ୟନ୍ତ ଏପରି ମେଲ୍ କେଉଁଠୁ ଆସୁଛି, ଏଥିରେ କାହାର ସମ୍ପୃକ୍ତି ଅଛି ତାହା ପୋଲିସ ଲୋକଲୋଚନକୁ ଆଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏପରି ସମ୍ବେଦନଶୀଳ ଘଟଣାକୁ ରାଜ୍ୟ ସରକାର ହାଲୁକା ଭାବେ ନ ନିଅନ୍ତୁ। ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଜନତାଙ୍କ ନିରାପତ୍ତାକୁ ବିପନ୍ନ କରାନଯାଉ।

ମିଳୁଥିବା ଧମକର ତ୍ୱରିତ, ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ କରାଯାଉ। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଠାବ କରି ଘଟଣାର ନିଷ୍କର୍ଷ ସର୍ବସମ୍ମୁଖକୁ ଅଣାଯାଉ। ଏପରି ସ୍ଥିତିରେ ମୁଁ ଜନସାଧାରଣଙ୍କୁ ଆହ୍ୱାନ କରୁଛି, ଶାନ୍ତ ରହି ଗୁଜବ ପ୍ରଚାରରୁ ଦୂରେଇ ରୁହନ୍ତୁ। ସୁରକ୍ଷା ସଂସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ।

## ମୋଟର ଯାନ କିଣା-ବିକା ବେଳେ ସତର୍କ ରହିବାକୁ ଏସଟିଏର ପରାମର୍ଶ

**ଭୁବନେଶ୍ୱର,୬।୨ :ନ୍ୟୁଜ୍‌ବ୍ୟୁରୋ**

ବ୍ୟବହୃତ (ପୁରୁଣା) ଯାନବାହନ କିଣା-ବିକା ଦିନକୁ ଦିନ ବୃଦ୍ଧି ପାଉଛି। ବଢୁଥିବା ଏହି ଚାହିଦାକୁ ଦୃଷ୍ଟିରେ ରଖି କ୍ରେତା ଓ ବିକ୍ରେତା ଉଭୟଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ), ଓଡ଼ିଶା ପକ୍ଷରୁ ପରାମର୍ଶ ଜାରି କରାଯାଇଛି। ଏସଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବ୍ୟବହୃତ ଗାଡ଼ି ବିକ୍ରି କିମ୍ବା କ୍ରୟ ଯେଉଁ ଡିଲରଙ୍କ ମାଧ୍ୟମରେ କରାଯାଉଛି, ଉକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ବାଧ୍ୟତାମୂଳକ। ବିନା ସ୍ୱୀକୃତିରେ କୌଣସି ଡିଲର ଯାନବାହନ କିଣା-ବିକା କରିବା ମୋଟର ଯାନ ଆଇନ୍ ଅନୁଯାୟୀ ବେଆଇନ। ଗାଡ଼ି ବିକ୍ରୟ ପାଇଁ ଡିଲରଙ୍କୁ ଦେବା ସମୟରେ ଡିଲରଙ୍କ ନାମରେ ଡିମ୍ଡ ଓନରସିପ୍ ହେବା ଅବଶ୍ୟକ। ଏହା ଗାଡ଼ି ବିକ୍ରୟ ଅବଧିରେ ଘଟୁଥିବା କୌଣସି ଅଘଟଣ ପାଇଁ ମୂଳ ଗାଡ଼ି ବିକ୍ରେତାଙ୍କୁ ସୁରକ୍ଷା ପ୍ରଦାନ କରେ ଏବଂ ଠକେଇ ସମ୍ବନ୍ଧୀୟ କୌଣସି ଅଭିଯୋଗ ଆସିଲେ ତଦନ୍ତ ପ୍ରକ୍ରିୟାରେ ସହାୟକ ହୁଏ।

## ସହରୀ ଗରିବଙ୍କୁ ଭଡ଼ାରେ ଘର ଦେବେ ସରକାର

**ଭୁବନେଶ୍ୱର,୬।୨ :ନ୍ୟୁଜ୍‌ବ୍ୟୁରୋ**

ସହରରେ ଆଉ ରହିବନି ଘର ଭଡ଼ା ଟେନସନ। ଏଣିକି ସହରୀ ଗରିବଙ୍କୁ ସରକାର ଦେବେ ଘର ଭଡ଼ା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଅବ୍ୟବହୃତ ଘରଗୁଡ଼ିକୁ ଭଡ଼ା ସୂତ୍ରରେ ଦିଆଯିବ।

ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ୨.୦ ମାଧ୍ୟମରେ ସୁଲଭ ମୂଲ୍ୟରେ ଭଡ଼ା ଘର ଯୋଗାଇ ଦେବେ ସରକାର। ରାଜ୍ୟର ବିଭିନ୍ନ ସହରରେ ଥିବା ଅବ୍ୟବହୃତ ସରକାରୀ ଘରଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗୃହ ବିଭାଗ, କୃଷି, ଶକ୍ତି, ଅର୍ଥ, ଖାଦ୍ୟ ଯୋଗାଣ, ମହିଳା ଓ ଶିଶୁ କଲ୍ୟାଣ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି, ସ୍ୱାସ୍ଥ୍ୟ ଏବଂ ସମବାୟ ବିଭାଗକୁ ଚିଠି ଲେଖିଛନ୍ତି ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ।

ବିଶେଷ କରି ପ୍ରବାସୀ ସହରୀ ଗରିବ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ଅନୁଷ୍ଠାନରେ କାମ କରୁଥିବା କର୍ମଚାରୀ, କର୍ମଜୀବୀ ମହିଳାମାନଙ୍କୁ ସରକାର ଭଡ଼ାରେ ଘର ଦେବେ। ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ୨.୦ ର ଅପରେସନାଲ ଗାଇଡ ଲାଇନ ଅନୁଯାୟୀ ୨ଟି ମଡେଲରେ ସୁଲଭ ମୂଲ୍ୟରେ ଭଡ଼ା ଘର ମିଳିବ।



ଭୁବନେଶ୍ୱର : ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନମନ୍ତ୍ରୀଙ୍କ 'ଚାଇ ପେ ଚର୍ଚ୍ଚା' ପ୍ରୋଗ୍ରାମରେ ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦକଳିକା)

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୬.୨.୨୦୨୬
୮,୦୫,୮୪୦ ଟଙ୍କା
ସୁନା:- ୦୮ଗ୍ରାମ୍ ୪୦୦ ମିଲିଗ୍ରାମ୍
ରୂପା:-୦୮ ଗ୍ରାମ୍ ୦୦୦ ମିଲିଗ୍ରାମ୍

## ୫ ଦିନରେ ୧୫୦୪୦ କେଜି ଗଞ୍ଜେଇ ଜବତ

**ବୌଦ୍ଧ,୬।୨ :ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧଜିଲ୍ଲା ପୁଲିସକୁ ବଡ଼ ସଫଳତା ମିଳିଛି। ପୁଲିସ ପକ୍ଷରୁ ଗତ ୫ ଦିନ ମଧ୍ୟରେ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ୧୫୦୪୦ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩ଟି ୩ ଚକିଆ ଯାନ ଜବତ କରାଯାଇଛି। ଏହି ମାମଲାରେ ପୁଲିସ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ ଏକ ସାମ୍ବାଦିକ ସମ୍ମିଳନିରେ ପ୍ରକାଶ କରିଛି।

## କାଉ ମଡ଼କ : ବାର୍ଡ ଫ୍ଲୁ ଆତଙ୍କ

**ଚେନ୍ନାଇ,୬।୨**



ତାମିଲନାଡୁର ରାଜଧାନୀ ଚେନ୍ନାଇରେ ଶହ ଶହ କାଉଙ୍କ ମୃତ୍ୟୁକୁ ନେଇ ସତର୍କ ସୂଚନା ଜାରି କରାଯାଇଛି। ପରୀକ୍ଷାଗାରରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଏହି ପକ୍ଷୀମାନଙ୍କ ମୃତ୍ୟୁ 'ଏଚ୫ଏନ୧ ଭୂତାଣୁ ଯୋଗୁଁ ହୋଇଛି। ଯାହାକୁ ସାଧାରଣ ଭାଷାରେ 'ବାର୍ଡ ଫ୍ଲୁ' କୁହାଯାଏ। ଏହି ଘଟଣା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ପାଇଁ ଏକ ଜରୁରୀ ମାର୍ଗଦର୍ଶିକା ଜାରି କରାଯାଇଛି। ମୃତ ପକ୍ଷୀମାନଙ୍କୁ ସଂକ୍ରମଣରୁ ରୋକିବା ପାଇଁ ବାୟୋ-ସିକ୍ୟୁରିଟି ନିୟମ ଅନୁସାରେ ଗଭୀର ଗାତ କରି ପୋତିବା କିମ୍ବା ପୋଡ଼ି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ପକ୍ଷୀ ସମ୍ପଦ ମନ୍ତ୍ରଣାଳୟ ତାମିଲନାଡୁ ସରକାରଙ୍କୁ ଏହି ସଂକ୍ରମଣ ଉପରେ କଡ଼ା ନଜର ରଖିବାକୁ ଚିଠି ଲେଖିଛନ୍ତି। ଏହା ଏକ ଅତି ମାରାତ୍ମକ ଭୂତାଣୁ ଯାହା ସାଧାରଣତଃ ପକ୍ଷୀମାନଙ୍କୁ ଆକ୍ରାନ୍ତ କରିଥାଏ। ଏହା ପକ୍ଷୀମାନଙ୍କ ମଧ୍ୟରେ ଖୁବ୍ ଶୀଘ୍ର ବ୍ୟାପିଥାଏ ଏବଂ ସେମାନଙ୍କର ମୃତ୍ୟୁ ଘଟାଇଥାଏ। ସାଧାରଣତଃ ମଣିଷଙ୍କୁ ଏହି ସଂକ୍ରମଣ ହେବା ବିରଳ। କିନ୍ତୁ ଯଦି କେହି ସଂକ୍ରମିତ ପକ୍ଷୀ କିମ୍ବା ସେମାନଙ୍କ ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସନ୍ତି, ତେବେ ସଂକ୍ରମଣର ଭୟ ଥାଏ। ମଣିଷଙ୍କ କ୍ଷେତ୍ରରେ ଏହା ହେଲେ ନିମୋନିଆ ଭଳି ମାରାତ୍ମକ ଶ୍ୱାସକ୍ରିୟା ଜନିତ ରୋଗ ହୋଇପାରେ। ତେଣୁ ସାବଧାନ ରହିବା ନିହାତି ଜରୁରୀ।

## ଫାଇଲେରିଆ ନିରାକରଣ ପାଇଁ ସଚେତନତା

# ଫେବୃୟାରୀ ୧୦ରୁ ୫ ଜିଲ୍ଲାରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୬।୨**
**ନ୍ୟୁଜ୍‌ବ୍ୟୁରୋ**

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ୧୦ ଫେବୃୟାରୀ (ମଙ୍ଗଳବାର)ଠାରୁ ଆରମ୍ଭ ହେବ। ଏହି ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ୭.୪୦ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। କାର୍ଯ୍ୟସୂଚୀ ଅନୁଯାୟୀ, ବଲାଙ୍ଗିର, ବରଗଡ଼, ଢେଙ୍କାନାଳ, ଯାଜପୁର, ଗଞ୍ଜାମ ଜିଲ୍ଲାର ୧୦ରୁ ୧୯ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫାଇଲେରିଆ ନିରାକରଣ ପାଇଁ ଏହି ୫ଟି ଜିଲ୍ଲାର ୭ଟି ଇମ୍ପ୍ଲିମେଣ୍ଟେସନ୍



ୟୁନିଟ୍ (ବ୍ଲକ୍/ସହରାଞ୍ଚଳ)ରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା- ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧକୁ ଖାଇବାକୁ ବାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୨୦୦ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୨୧୦ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି ବୋଲି ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ପ୍ରତ୍ୟେକ ଘରକୁ ଘର ଯାଇ ଏମ୍‌ଡିଏ ଔଷଧ ସେବନ କରାଇବେ। ସମସ୍ତଙ୍କୁ ଔଷଧ ଖୁଆଇବା ପାଇଁ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ, ସହଯୋଗ, ସମର୍ଥନ ନିହାତି ଆବଶ୍ୟକ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ସମ୍ମିଳନୀରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଜିତେନ୍ଦ୍ର ମୋହନ ବେବର୍ତ୍ତା, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ଗୁରୁ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. କିରଣ କୁମାର ରଥ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଶକ୍ତି ପ୍ରକାଶ ମିଶ୍ର, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମାଲକର, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଭାକର ସାହୁଙ୍କ ସହିତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏମ୍‌ଡିଏ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ମହିଳା ଏବଂ ଶିଶୁ ବିକାଶ, ଶିଳ୍ପ, ଇସ୍ପାତ ଏବଂ ଖଣି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ନଗର ଉନ୍ନୟନ ଇତ୍ୟାଦି ବିଭାଗକୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଛି।

## ନିଶା ମହାରଣାଙ୍କୁ ମିଳିଲା ହାଇକୋର୍ଟରୁ ସର୍ତ୍ତମୂଳକ ଆଗୁଆ ଜାମିନ




**କଟକ,୬।୨ :ନ୍ୟୁଜ୍‌ବ୍ୟୁରୋ**

ଚର୍ଚ୍ଚିତ ଆଇଟମ୍ ଗାର୍ଲ ନିଶା ମହାରଣା। ସେ ଯେତିକି ଚର୍ଚ୍ଚିତ ତାଙ୍କୁ ନେଇ କଣ୍ଟ୍ରୋଭର୍ସି ବି ସେତିକି। ସେ ଖୁବ୍ ଷ୍ଟ୍ରେଟ୍ ଫରୱାର୍ଡ, ଯାହା କୁହନ୍ତି ମୁହଁରେ ମୁହଁରେ। ଏହି କଥା ସବୁବେଳେ ତାଙ୍କ ଠାରୁ ଶୁଣିବାକୁ ମିଳେ ଯେ, ତାଙ୍କର କାହାକୁ ଡର ନାହିଁ କି ଭୟ ନାହିଁ। କିନ୍ତୁ ଏହାରି ଭିତରେ ଯାହା ଜଣାପଡ଼ିଛି ନିଶା ମହାରଣା ବୋଧେ ଟିକେ ଡରି ଯାଇଛନ୍ତି। ଆଉ ସେ ଗିରଫ ହେବା ଭୟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ଯାହା ହାଇକୋର୍ଟ ମଞ୍ଜୁର କରିବା ପରେ ତାଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଘଟଣାରେ ନିଶାଙ୍କ ଲାଗି ଅଡୁଆ ବଢିଥିଲା। ବାଲାଙ୍ଗୀରରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ହୋଇଥିଲା ମାମଲା। ପୋଲିସ ନିଜ ଆଡୁ ମାମଲା ରୁଜୁ କରି ଦୁଇ ଆୟୋଜକଙ୍କୁ ଗିରଫ କରିଥିଲା। ଗିରଫ ଭୟରେ ଆଗୁଆ ଜାମିନ ଆବେଦନ କରିଥିଲେ ନିଶା। ତେବେ ଜାମିନ ପ୍ରଦାନ ଲାଗି ନିମ୍ନ ଅଦାଲତ ସର୍ତ୍ତ ରଖିପାରିବେ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।